RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-111 ◆WEDNESDAY ◆14 OCTOBER 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୪ ◆ସଂଖ୍ୟା-୧୧୧ ◆ବୁଧବାର ◆୧୪ ଅକ୍ଟୋବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




ନବରାତ୍ର ଉପଚାର

ମା'ଙ୍କ ଚନ୍ଦ୍ରଘଣ୍ଟା ବେଶ

# ଇଣ୍ଡିଆ ମେଣ୍ଟର 'ମିସନ ଜ୍ଞାନେଶ'

■ ନୂଆଦିଲ୍ଲୀ, ୧୩।୧୦ (ଏଜେନ୍ସି): ଏସ୍‌ଆଇଆର୍ ପ୍ରସଙ୍ଗକୁ ନେଇ ନିର୍ବାଚନ କମିସନ ମତଭେଦ ପରେ ସାରା ଦେଶରେ ସିଇସିଙ୍କ ବିରୋଧରେ ସୃଷ୍ଟି ହୋଇଛି ଆକ୍ରୋଶ। ବିରୋଧୀ ଇଣ୍ଡିଆ ମେଣ୍ଟ, କକ୍ରୋଜ୍ ଜନତା ପାର୍ଟି, ବିଭିନ୍ନ ସାମାଜିକ ସଂଗଠନ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରି ଆସୁଛନ୍ତି। ଯେ ପର୍ଯ୍ୟନ୍ତ ସିଇସି ନିଜ ପଦବୀରୁ ଇସ୍ତଫା ଦେଇନାହାନ୍ତି, ସେ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବାକୁ ବିରୋଧୀ ଇଣ୍ଡିଆ ମେଣ୍ଟ ଘୋଷଣା କରିଛି। ଗତ ଏକ ସପ୍ତାହ ମଧ୍ୟରେ ଇଣ୍ଡିଆ ମେଣ୍ଟର ସଦସ୍ୟ, ରାଜନୈତିକ ଦଳଗୁଡିକ କ୍ରମାଗତ ଭାବରେ ଦିଲ୍ଲୀରେ ଆନ୍ଦୋଳନ ଜାରି ରଖିଛନ୍ତି। ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଯନ୍ତରମନ୍ତର ପ୍ରତିବାଦ, ନିର୍ବାଚନ ▶ପୃଷ୍ଠା-୭

**ଇଣ୍ଡିଆ ମେଣ୍ଟ ଏବଂ ସାମାଜିକ କର୍ମୀ ଏକାଠି**

**ଆନ୍ଦୋଳନ ନିମନ୍ତେ ଗୋପନ ରଣନୀତି ପ୍ରସ୍ତୁତ**

## ସିଇସିଙ୍କ ଇସ୍ତଫା ଯାଏ ଲଢ଼େଇ: ରାହୁଲ



■ ନୂଆଦିଲ୍ଲୀ, ୧୩।୧୦ (ଏଜେନ୍ସି): ଆମେ ଏକାଠି ଅଛୁ। ଆମର ଆନ୍ଦୋଳନ ମିଳିତ ଭାବେ ଚାଲିଛି। ଆମର ଉଦ୍ଦେଶ୍ୟ ହେଉଛି ଗୋଟିଏ। ତାହା ହେଲା ଗଣତନ୍ତ୍ରର ସୁରକ୍ଷା। ସେ କହିଲେ ଯେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ।

ଆଜି ରାହୁଲଙ୍କ ସରକାରୀ ବାସଭବନରେ ଅନୁଷ୍ଠିତ ମିଳିତ ସାମ୍ବାଦିକ ସମ୍ମିଳନୀରେ ବିରୋଧୀ ଦଳର ନେତାମାନେ ଏକାଠି ହୋଇ ସରକାର ଏବଂ ନିର୍ବାଚନ କମିସନରଙ୍କ ▶ପୃଷ୍ଠା-୭

## ପୂର୍ବରୁ ହାରୁଥିଲେ, ଆଗକୁ ବି ହାରିବେ: ଶାହ



■ ନୂଆଦିଲ୍ଲୀ, ୧୩।୧୦ (ଏଜେନ୍ସି): ଏସ୍‌ଆଇଆର ବିବାଦରେ ଫସିଥିବା ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ହଟାଇବା ଲାଗି ବିରୋଧୀ ଦଳ ଆନ୍ଦୋଳନ ଚଳାଇଥିବା ବେଳେ ଏହି ଘଟଣାରେ ରାହୁଲ ଗାନ୍ଧୀଙ୍କୁ ଘେରିଛନ୍ତି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ। ସେ କହିଛନ୍ତି ଯେ ଆସନ୍ତା ୨୦୨୯ ରେ ହେବାକୁ ଯାଉଥିବା ସାଧାରଣ ନିର୍ବାଚନରେ ମଧ୍ୟ ବିରୋଧୀ ମେଣ୍ଟର ଶୋଚନୀୟ ପରାଜୟ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ବିଜେପି ଏବଂ ଏନଡିଏ ପ୍ରତି ଲୋକମାନଙ୍କର ଆସ୍ଥା ରହିଛି ଏବଂ ଏହି ମେଣ୍ଟ ପୁଣି ବିଜୟୀ ହେବ। ସେ କହିଲେ ଯେ କଂଗ୍ରେସ ନକରାତ୍ମକ ରାଜନୀତି କରୁଛି ଏବଂ ଏହା ବିରୋଧୀ ମେଣ୍ଟକୁ କୌଣସି ଫାଇଦା ଦେବ ନାହିଁ। ▶ପୃଷ୍ଠା-୭

# ଦୀପାବଳି ପରେ ୟୁପିଆଇ ଶୁଳ୍କ

**ଅକ୍ଟୋବର ୧୫ ତାରିଖରୁ ଲାଗୁ ପାଇଁ ହୋଇଥିଲା ଘୋଷଣା**




■ ନୂଆଦିଲ୍ଲୀ, ୧୩।୧୦ (ଏଜେନ୍ସି): ଶେଷରେ ନଇଁଲେ କେନ୍ଦ୍ର ସରକାର। ୟୁପିଆଇ ପେମେଣ୍ଟ ଉପରେ ମର୍ଚ୍ଚାଣ୍ଟ ଫି' ପ୍ରସଙ୍ଗରେ ସାରା ଦେଶରେ ତୀବ୍ର ବିରୋଧକୁ ନଜରରେ ରଖି କେନ୍ଦ୍ର ସରକାର ୟୁପିଆଇ ପେମେଣ୍ଟରେ ମର୍ଚ୍ଚାଣ୍ଟ ଡିସକାଉଣ୍ଟ ରେଟ୍(ଏମ୍‌ଡିଆର୍) ଚାର୍ଜ କାର୍ଯ୍ୟକାରିତାକୁ ବର୍ତ୍ତମାନ ସ୍ଥଗିତ ରଖିଛନ୍ତି। ଶେଷରେ ନ୍ୟାସନାଲ ପେମେଣ୍ଟ୍ସ କର୍ପୋରେସନ ଅଫ ଇଣ୍ଡିଆ (ଏନ୍‌ପିସିଆଇ) ୨୦୦୦ ଟଙ୍କାରୁ ଅଧିକ ୟୁପିଆଇ ପେମେଣ୍ଟ ଉପରେ ୦.୪ % ଏମ୍‌ଡିଆର୍ ଫି' ଲାଗୁ ନିଷ୍ପତ୍ତିକୁ ଦୀପାବଳି ପର୍ଯ୍ୟନ୍ତ ଘୁଞ୍ଚାଇଦେଇଛି। ସୂଚନାଯୋଗ୍ୟ ଯେ, ଏହି ଫି' ଅକ୍ଟୋବର ୧୫ରୁ ଲାଗୁ ହେବାର ଥିଲା। ପାର୍ବଣ ସମୟରେ ଗ୍ରାହକ ଏବଂ ବ୍ୟବସାୟୀଙ୍କ ଉପରେ ଯେମିତି ଅତିରିକ୍ତ ଆର୍ଥିକ ବୋଝ ନ ପଡ଼ିବ ସେଥିପାଇଁ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ପାର୍ବଣ ସମୟରେ ବ୍ୟବସାୟ କାରବାର ଭଲ ରହିଥାଏ। ତେଣୁ ବ୍ୟବସାୟୀ ସଂଗଠନ ଫିଟନେକ୍ ଏବଂ ପେମେଣ୍ଟ କମ୍ପାନୀ ଏହି ଫି' ଲାଗୁ ନିଷ୍ପତ୍ତି ଘୁଞ୍ଚାଇବାକୁ ବାରମ୍ବାର ଦାବି କରିଆସୁଥିଲେ। ସେମାନଙ୍କ କହିବା କଥା ଏମ୍‌ଡିଆର୍‌ର ଅଲଗା ଅଲଗା ଦର ଏବଂ ନିୟମକୁ ନେଇ ଆହୁରି ସ୍ପଷ୍ଟତା ଜରୁରୀ। ଏପରିକି ବ୍ୟବସାୟୀ ମହଲରେ ଏହି ଡର ▶ପୃଷ୍ଠା-୭

# ରାଜ୍ୟସଭା ଓ କେନ୍ଦ୍ରମନ୍ତ୍ରୀ ପଦରୁ ମୁରୁଗାନଙ୍କ ଇସ୍ତଫା

**ବଢ଼ିଲା କେନ୍ଦ୍ର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସମ୍ଭାବନା**



■ ନୂଆଦିଲ୍ଲୀ, ୧୩।୧୦ (ଏଜେନ୍ସି): କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ଆଜି ଅଚାନକ ଇସ୍ତଫା ପ୍ରଦାନ କରିଛନ୍ତି ଏଲ. ମୁରୁଗାନ। କେନ୍ଦ୍ରରେ ସୂଚନା ଓ ପ୍ରସାରଣ ବିଭାଗ ସହିତ ସଂସଦୀୟ ବ୍ୟାପାର ବିଭାଗରେ ରାଷ୍ଟ୍ର ମନ୍ତ୍ରୀ ଥିବା ମୁରୁଗାନ ରାଜ୍ୟସଭାର ସଭ୍ୟ ପଦରୁ ମଧ୍ୟ ଇସ୍ତଫା ଦେଇଛନ୍ତି। ଇସ୍ତଫାର ପ୍ରକୃତ କାରଣ ଜଣାପଡ଼ି ନଥିଲେ ମଧ୍ୟ ତାମିଲନାଡୁରେ ବିଜେପି ସଂଗଠନକୁ ମଜବୁତ କରିବା ଲାଗି ସେ ଇସ୍ତଫା ଦେଇଥିବା ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଲେଖିଥିବା ପତ୍ରରେ ତାଙ୍କୁ ଦାୟିତ୍ୱମୁକ୍ତ କରିବା ଲାଗି ଅନୁରୋଧ କରିଛନ୍ତି ମୁରୁଗାନ। ସେ କହିଛନ୍ତି ଯେ ତାମିଲନାଡୁରେ ବିଜେପି ସଂଗଠନକୁ ମଜବୁତ କରିବା ଲାଗି ସେ ସଂପୂର୍ଣ୍ଣ ସମୟ ଦେବେ। ୨୦୨୯ ଲୋକସଭା ନିର୍ବାଚନ ପୂର୍ବରୁ ରାଜ୍ୟରେ ପାର୍ଟିକୁ ସେ ସୁଦୃଢ଼ କରିବାକୁ ଚାହାନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସରେ ସେ ଉଲ୍ଲେଖ କରିଛନ୍ତି ଯେ 'ତାମିଲନାଡୁ ରାଜନୀତିକୁ ଫେରି ମଇଦାନରେ କାର୍ଯ୍ୟକର୍ତ୍ତାଙ୍କ ସହ ମିଶି ୨୦୨୯ ପୂର୍ବରୁ ବିଜେପିକୁ ମଜବୁତ କରିବି। ରାଷ୍ଟ୍ର ପ୍ରଥମ, ଏହାପରେ ଦଳ ଏବଂ ▶ପୃଷ୍ଠା-୭

## ମମତାଙ୍କୁ ହତ୍ୟା ଉଦ୍ୟମ



■ କୋଲକାତା, ୧୩।୧୦ (ଏଜେନ୍ସି): ପଶ୍ଚିମ ବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀଙ୍କୁ ଆଜି ହତ୍ୟା କରିବାକୁ ଉଦ୍ୟମ ହୋଇଛି। ହତ୍ୟା ଉଦ୍ୟମ କରିଥିବା ଜଣେ ମହିଳାଙ୍କୁ ଟିଏମସି କର୍ମୀ କାବୁ କରି ପୁଲିସ ଜିମା ଦେଇଛନ୍ତି। ଟିଏମସି ସୂତ୍ରରୁ ପ୍ରକାଶ ଯେ ଆଜି ସନ୍ଧ୍ୟାରେ ଏକ ପୂଜା ପେଣ୍ଡାଲ ଉଦଘାଟନ କରିବା ଲାଗି ମମତା ତାଙ୍କର କାଳିଘାଟ ବାସଭବନରୁ ବାହାରକୁ ଆସୁଥିବା ବେଳେ ମହିଳା ଜଣକ ▶ପୃଷ୍ଠା-୭

**ଶାସନ ମୁଖ୍ୟ ଭାବରେ ୨୫ ବର୍ଷ ପୂର୍ତ୍ତି**

# କ୍ୟାବିନେଟ୍‌ରେ ମୋଦୀଙ୍କୁ 'ଅଭିନନ୍ଦନ ସଂକଳ୍ପ'



**ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭କୁ ସାକାର କରିବା ଉପରେ ପ୍ରଧାନମନ୍ତ୍ରୀଙ୍କ ରହିଛି ସ୍ୱତନ୍ତ୍ର ଫୋକସ: ମୁଖ୍ୟମନ୍ତ୍ରୀ**

■ ଭୁବନେଶ୍ୱର, ୧୩।୧୦ (ସମିସ): ଶାସନ ମୁଖ୍ୟ ଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୨୫ ବର୍ଷର କାର୍ଯ୍ୟକାଳ ପୂରଣ ଅବସରରେ ତାଙ୍କୁ ଅଭିନନ୍ଦନ ଜଣାଇ ଓଡ଼ିଶା ରାଜ୍ୟ କ୍ୟାବିନେଟ ଏକ ସଂକଳ୍ପ ପାରିତ କରିଛି। ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୪୮ତମ କ୍ୟବିନେଟ ବୈଠକରେ ଏହି ସଂକଳ୍ପ ପାରିତ ହୋଇଥିବା ବେଳେ ଦୀର୍ଘ ୨୫ ବର୍ଷର ଜନସେବା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇ ଏହି ସଂକଳ୍ପ ଗୃହୀତ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ଭାବେ ମୋଦୀ ଦାୟିତ୍ୱ ଗ୍ରହଣ କରିବା ପରଠାରୁ ଓଡ଼ିଶାର ବିକାଶମୂଳକ ପଦକ୍ଷେପ ଗୁଡ଼ିକୁ ମଧ୍ୟ ସ୍ୱତନ୍ତ୍ର ଗୁରୁତ୍ୱ ମିଳିଛି। ଓଡ଼ିଶାରେ ଆମ ସରକାର ଗଠନ ହେବା ପରଠାରୁ ▶ପୃଷ୍ଠା-୭





770+ OUTLETS FOR SALES AND SERVICE | AVAILABLE WITH DIRECT PLUG-IN & REMOVABLE BATTERIES | ADVANCED 6KW SWING-ARM MOTOR | UP TO 187 km+* IDC RANGE

STARTING @JUST ₹99 910*/-

WITH BaaS @JUST ₹64 990*/- & PER KM COST OF ₹1.24

Image shown may differ from the variant mentioned. *Limited-period offer. T&C apply. BaaS offer is subject to the terms & conditions of respective financiers. Visit us at: www.vidaworld.com

Visit us in **BHUBANESWAR**: Near Z1 Apartments, Patia - SANJIB AUTOBIKES, 7428412997 | Near Kolathia Chhak, Khandagiri - JMG AUTOMOBILES VIDA HUB, 8093180040 | Near Fire Station Road, Paika Nagar - ROHAN AUTORIDERS, 7428297105 | Plot No. 1, Laxmisagar, in front of Jatri Niwas - BHARAT MOTORS, 8144917904 | **CUTTACK**: Tala, Telanga Bazar - ESSEN AUTOMOBILES PREMIA, 080-48247271 | Sikharpur - ESSEN AUTOMOBILES, 7428418996 | Professor Pada Road - JMG AUTOMOBILES, 7428419930 | Kanika Chhak - SUNNY MOTORS, 7428416899 | **PURI**: S.C.S College Road - SANJIB AUTOBIKES, 7428480242 | **NAYAGARH**: Plot No. 836, Durgaprasad, Nayagarh - BHAGABATI MOTORS, 6371112688 | **JAJPUR**: Dala Chhak, Jajpur Road – SOUMIK AUTOMOBILES, 9217365425 | **BHADRAK**: Charampa, Bhadrak - SANJIB AUTOBIKES, 080-48247270 | **BALASORE**: Visit us in BALASORE: Vivekananda Marg, Balasore - NEELAM MOTORS PVT. LTD., 7428279563 | Ground Floor Sahadevkhuntha, Railway Colony, Balasore - NEELAM MOTORS PREMIA, 7303098225 | **KENDRAPADA**: Law College Chowk, Gualsingh, Thakurpatna, Kendrapara - JMG AUTOMOBILES – 9437000437 | **JAGATSINGHPUR**: Durga Bazar, near Indian Oil Petrol Pump - SUNNY AUTOBIKES, 9211448289 | **ANGUL**: NH-55, Panchamahala - PARBATI MOTORS PVT. LTD, 7428279454 | Plot No 1336/2003, Hulurisingha - PARBATI MOTORS PREMIA, 7428279454 | **BERHAMPUR**: Dharmanagar Main Road - LAKSHMI MOTORS, 9937174773 | **PHULBANI**: Ground Floor, Berhampur Highway, Khajuripada, Phulbani - NARAYANI MOTORS - 7853083661

Hero MotoCorp Limited (CIN: L35911DL1984PLC017354)

GLOBAL MOST TRUSTED BRAND - 2026
CONSUMER & INDUSTRY RESEARCH BY THE BRAND STORY

## ବିଶେଷ ଟିପ୍ପଣୀ



ଭଦ୍ରୋଥ ଜିଲ୍ଲା ପଞ୍ଚାୟତ ଉପନିର୍ବାଚନରେ ଆପ୍‌ର ଐତିହାସିକ ବିଜୟ ହାସଲ କରିଛି। ଏହା ପ୍ରମାଣ କରୁଛି ଯେ ଗୁଜରାଟର ଚାଷୀଙ୍କ ବିଶ୍ୱାସ ଆପ୍ ସହିତ ରହିଛି। ମରୁଡ଼ି ପରିସ୍ଥିତିରେ ଚାଷୀଙ୍କୁ ନ୍ୟାୟ ନ ଦେବାରୁ ବିଜେପି ସରକାରକୁ ଚାଷୀଙ୍କ ଉଚିତ୍ ଜବାବ୍ ମିଳିଛି।

*ଅରବିନ୍ଦ କେଜ୍ରିୱାଲ (ଆପ୍ ସଭାପତି)*



ସରକାର ଆମକୁ ପରସ୍ପର ବିରୁଦ୍ଧରେ ଲଢ଼ାଇବାକୁ ଚେଷ୍ଟା କରୁଛନ୍ତି। ତଥ୍ୟକୁ ଭିନ୍ନ ଭାବରେ ବ୍ୟବହାର କରି ସନ୍ଦେହ ଏବଂ ଅବିଶ୍ୱାସ ସୃଷ୍ଟି କରୁଛନ୍ତି। ଆମେ ଏକ ହୋଇ କାର୍ଯ୍ୟ କରିବା ଉଚିତ୍। ପରସ୍ପରକୁ ସନ୍ଦେହ କରିବା ପରିବର୍ତ୍ତେ କ୍ଷମତାରେ ଥିବା ଲୋକଙ୍କୁ ପ୍ରଶ୍ନ କରିବା। ଷଡ଼ଯନ୍ତ୍ର ତତ୍ତ୍ୱଗୁଡ଼ିକୁ ଆମକୁ ବିଭାଜିତ ନକରୁ। ଲଢେଇ ଜ୍ଞାନେଶ କୁମାର ଏବଂ ତାଙ୍କୁ ସୁରକ୍ଷା ଦେଉଥିବା ଲୋକଙ୍କ ବିରୁଦ୍ଧରେ। ଏହାକୁ ଭୁଲିଯିବା ନାହିଁ।

*-ଅଭିଜିତ୍ ଦୀପ୍‌କେ (ସିଜେପି ସଂସ୍ଥାପକ)*

### ଜେନ୍ Z

ପ୍ରଧାନମନ୍ତ୍ରୀଙ୍କୁ ମୋର ଅନୁରୋଧ ବିଶ୍ୱର ସମୃଦ୍ଧିରେ ଯୋଗ ଦେବା ବିଷୟରେ ପରେ ଆଲୋଚନା କରିବା। ପ୍ରଥମେ, ଭାରତକୁ ସମୃଦ୍ଧ କରିବା ଉପରେ ଧ୍ୟାନ ଦିଅନ୍ତୁ। କେବଳ ଏହା ହିଁ ଏହି ଦେଶର ଲୋକଙ୍କ ପାଇଁ ଏକ ବଡ଼ ସଫଳତା ହେବ।

-ବୀଣା ପାଣ୍ଡେ @veenapa63862707

## ସଂରକ୍ଷଣ ବୃଦ୍ଧି ନିଷ୍ପତ୍ତି ରଦ୍ଦ କଲେ କର୍ଣ୍ଣାଟକ ହାଇକୋର୍ଟ

ବେଙ୍ଗାଲୁରୁ, ୧୩।୧୦ (ଏଜେନ୍ସି): କର୍ଣ୍ଣାଟକ ହାଇକୋର୍ଟ ୨୦୨୨ରେ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁସୂଚିତ ଜାତି (ଏସ୍‌ସି) ଓ ଅନୁସୂଚିତ ଜନଜାତି (ଏସ୍‌ଟି) ପାଇଁ ବୃଦ୍ଧି କରାଯାଇଥିବା ସଂରକ୍ଷଣ ବ୍ୟବସ୍ଥାକୁ ରଦ୍ଦ କରିଛନ୍ତି। ମୁଖ୍ୟ ବିଚାରପତି ବିଭୁ ବାଖରୁ ଏବଂ ବିଚାରପତି କେ. ଏସ. ହେମଲେଖାଙ୍କ ପୀଠ ଏହି ନିଷ୍ପତ୍ତି ଶୁଣାଇଛନ୍ତି। କୋର୍ଟଙ୍କ ଅନୁଯାୟୀ, ୨୦୨୨ ଆଇନ ବଳରେ ଏସସି ସଂରକ୍ଷଣ ୧୫% ରୁ ୧୭% ଏବଂ ଏସଟି ସଂରକ୍ଷଣ ୩% ରୁ ୭% କୁ ବୃଦ୍ଧି କରାଯାଇଥିଲା। ଏହାଦ୍ୱାରା ରାଜ୍ୟରେ ମୋଟ ସଂରକ୍ଷଣ ୫୦% ରୁ ବୃଦ୍ଧି ପାଇ ୫୬% ରେ ପହଞ୍ଚିଥିଲା। ସର୍ବୋଚ୍ଚ ଅଦାଲତଙ୍କ ୧୯୯୨ ଇନ୍ଦ୍ରା ସାହନି ମାମଲାରେ ନିର୍ଦ୍ଧାରିତ ୫୦% ସୀମାକୁ ଏହା ଉଲ୍ଲଙ୍ଘନ କରୁଛି। ଏହା ସମ୍ବିଧାନର ଧାରା ୧୪, ୧୫ ଓ ୧୬ ର ପରିପନ୍ଥୀ ହୋଇଥିବାରୁ ହାଇକୋର୍ଟ ଏହି ନିଷ୍ପତ୍ତିକୁ ଅସାମ୍ବିଧାନିକ ବୋଲି କୋର୍ଟ ଘୋଷଣା କରିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ବସବରାଜ ବୋମ୍ମାଇଙ୍କ ବିଜେପି ସରକାର ସମୟରେ ଏହି ଆଇନ ପାରିତ ହୋଇଥିଲା। ଏହି ରାୟ ଉପରେ ପ୍ରତିକ୍ରିୟା ପ୍ରକାଶ କରି ଉପମୁଖ୍ୟମନ୍ତ୍ରୀ ଜି. ପରମେଶ୍ୱର କହିଛନ୍ତି ଯେ ସରକାର ନ୍ୟାୟପାଳିକାକୁ ସମ୍ମାନ ଦିଅନ୍ତି, କିନ୍ତୁ ସୁପ୍ରିମକୋର୍ଟରେ ଆବେଦନ କରିବା ସହ ସମସ୍ତ ଆଇନଗତ ବିକଳ୍ପ ସମୀକ୍ଷା କରାଯିବ। ଏଥିସହ ୫୦% ସଂରକ୍ଷଣ ସୀମାର ପୁନର୍ବିଚାର କରିବାକୁ ସେ କେନ୍ଦ୍ର ସରକାରଙ୍କୁ ନିବେଦନ କରିଛନ୍ତି।

## ରାହୁଲଙ୍କ ମାନହାନି ମାମଲାର ବିଚାର ଉପରେ 'ସୁପ୍ରିମ' ରୋକ୍

ନୂଆଦିଲ୍ଲୀ,୧୩।୧୦(ଏଜେନ୍ସି): କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ରୁଜୁ ହୋଇଥିବା ଅପରାଧିକ ମାନହାନି ମାମଲାର ବିଚାର ପ୍ରକ୍ରିୟା ଉପରେ ସୁପ୍ରିମକୋର୍ଟ ସାମୟିକ ସ୍ଥଗିତାଦେଶ ଲଗାଇଛନ୍ତି। ରାହୁଲ ୨୦୧୮ର ରାଫେଲ ଯୁଦ୍ଧବିମାନ ଚୁକ୍ତି ବିବାଦ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିରୋଧରେ 'କମାଣ୍ଡର-ଇନ୍-ଥିଫ୍' ଏବଂ 'ଚୋରଙ୍କ ସର୍ଦ୍ଦାର' ଆଦି ମନ୍ତବ୍ୟ ଦେଇଥିଲେ। ଏହାପରେ ତାଙ୍କ ବିରୋଧରେ ଏତଲା ଦାୟର ହୋଇଥିଲା। ଜଷ୍ଟିସ ବିକ୍ରମ ନାଥ ଏବଂ ଜଷ୍ଟିସ ଅପରେଶ କୁମାର ସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ରାହୁଲଙ୍କ ଆବେଦନ ଉପରେ ଶୁଣାଣି କରିଛନ୍ତି। ବିପକ୍ଷ ପକ୍ଷକୁ ନୋଟିସ ଜାରି କରିବା ସହ ୪ ସପ୍ତାହ ମଧ୍ୟରେ ଜବାବ ମାଗିଛନ୍ତି। ଏହାସହ ନିମ୍ନ ଅଦାଲତରେ ଚାଲିଥିବା ମାମଲାର କାର୍ଯ୍ୟାନୁଷ୍ଠାନକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଇଛି। ରାହୁଲଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅଭିଷେକ ମନୁ ସିଂଘଭି ମାମଲା ପରିଚାଳନା କରୁଥିଲେ। ବମ୍ବେ ହାଇକୋର୍ଟଙ୍କ ସେପ୍ଟେମ୍ବର ୮ ର ଆଦେଶକୁ ଚାଲେଞ୍ଜ କରି ରାହୁଲ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେଥିରେ ହାଇକୋର୍ଟ ମାନହାନି ମାମଲା ଖାରଜ କରିବାକୁ ମନା କରିଦେଇଥିଲେ।

## ଦାମୀ କାର୍ ଦୁର୍ଘଟଣାରେ ୩ ମୃତ

କୋଚି,୧୩।୧୦(ଏଜେନ୍ସି): କେରଳର କୋଚି ନିକଟସ୍ଥ ନେଦୁମ୍ବାସେରୀଠାରେ ଅକ୍ଟୋବର ୧୧ ଭୋର ସମୟରେ ସଡ଼କ ଦୁର୍ଘଟଣାରେ ତିନି ଜଣ ଯୁବକଯୁବତୀଙ୍କର ମୃତ୍ୟୁ ଘଟିଛି। ଏକ ବେପରୁଆ ମିନି କୁପର କାର୍ ସ୍କୁଟରରେ ଯାଉଥିବା ୨୧ ବର୍ଷୀୟ ଦେବିକା, ଗୋପିକା ଓ ଇୟାସଙ୍କୁ ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ହିଁ ସେମାନଙ୍କର ମୃତ୍ୟୁ ଘଟିଥିଲା। ଗାଡ଼ି ଚଳାଉଥିବା ୧୯ ବର୍ଷୀୟ ଯୁବକ ସୁହେଲ ମଦ୍ୟପାନ କରିଥିବା ଅଭିଯୋଗ ହୋଇଛି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ତାଙ୍କୁ କାବୁ କରି ପୁଲିସ ଜିମା ଦେଇଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ଅଭିଯୁକ୍ତ ଯୁବକ ଜଣକ "ବାପା ସବୁ ସମ୍ଭାଳି ନେବେ' ବୋଲି କହିଥିଲେ। କାରରେ ଥିବା ଅନ୍ୟ ତିନି ଜଣ ସହଯାତ୍ରୀ ନିନାଭ, ଅମୀର ଓ ଜୋଏଲ୍ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ ହେଁ ପରେ ପୁଲିସ ସେମାନଙ୍କୁ ଗିରଫ କରିଛି। ଦୁର୍ଘଟଣା ସମୟରେ କାରଟି ଘଣ୍ଟାପ୍ରତି ୧୨୦ କିଲୋମିଟରରୁ ଅଧିକ ବେଗରେ ଚାଲୁଥିଲା। ଅଭିଯୁକ୍ତଙ୍କୁ ପୁଲିସ ଜିମା ଦିଆଯାଇଥିଲେ ବି ଏଫଆଇଆରରେ ଗାଡ଼ି ଚାଳକଙ୍କ ନାମ ଓ ଠିକଣାକୁ ଅଜ୍ଞାତ ବୋଲି ଉଲ୍ଲେଖ କରାଯିବା ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ମୃତକଙ୍କ ପରିବାରବର୍ଗ ଅଭିଯୁକ୍ତଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରିବାକୁ ଦାବି କରିଛନ୍ତି।

## ପଞ୍ଜାବ ମେଡିସିନ ଷ୍ଟୋରରେ ଡ୍ରଗ୍ସ ବିକ୍ରି, ବିରୋଧ କରିବାରୁ ସମାଜସେବୀଙ୍କୁ ଗୁଳିକରି ହତ୍ୟା

ଚଣ୍ଡୀଗଡ/ମାନସା,୧୩।୧୦ (ଏଜେନ୍ସି): ପଞ୍ଜାବର ମାନସା ଜିଲ୍ଲାରେ ଜଣେ ନିଶା ନିବାରଣ କର୍ମୀ ପରବିନ୍ଦର ସିଂହ ଝୋଟାଙ୍କୁ ବେଆଇନ୍ ନିଶା ଔଷଧ (ଡ୍ରଗ୍ସ) ବିକ୍ରିକୁ ନେଇ ଜଣେ ମେଡିକାଲ୍ ଷ୍ଟୋର୍ ମାଲିକ ଗୁଳି କରି ହତ୍ୟା କରିଛନ୍ତି। ସମ୍ପୂର୍ଣ୍ଣ ଘଟଣାଟି ତାଙ୍କ ଫେସବୁକ୍ ଲାଇଭ୍ ଷ୍ଟ୍ରିମ୍ ସମୟରେ ଘଟିଛି। ସୂଚନା ଅନୁସାରେ, ପରବିନ୍ଦର ବେଆଇନ୍ ଡ୍ରଗ୍ସ କାରବାର ବିରୋଧରେ ସ୍ୱର ଉତ୍ତୋଳନ କରିବା ପାଇଁ ବେଶ୍ ଜଣାଶୁଣା। ଲାଇଭ୍ ସେସନ୍ ସମୟରେ ସେ ମାନସାର ଜଣେ ମେଡିକାଲ୍ ଷ୍ଟୋର୍ ମାଲିକଙ୍କୁ ଡ୍ରଗ୍ସ ବିକ୍ରି ସମ୍ପର୍କରେ ପ୍ରଶ୍ନ କରିଥିଲେ। ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ତୀବ୍ର ଯୁକ୍ତିତର୍କ ହୋଇଥିଲା। ଉତ୍ତେଜନା ବଢ଼ିବାରୁ ଦୋକାନୀ ଜଣକ ବନ୍ଧୁକ ବାହାର କରି ପରବିନ୍ଦରଙ୍କ ଉପରକୁ ଗୁଳି ଚଳାଇଥିଲେ।



ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଗୁଳି ବାଜିବା ପରେ ତାଙ୍କ ମୋବାଇଲ୍ ଫୋନ୍‌ଟି ତଳେ ପଡ଼ିଯାଇଥିଲା ଏବଂ ଲାଇଭ୍ ରେକର୍ଡିଂ ବନ୍ଦ ହୋଇଯାଇଥିଲା। ଅଭିଯୁକ୍ତ ଦୋକାନୀ ବର୍ତ୍ତମାନ ଫେରାର ଅଛନ୍ତି। ଏହି ହତ୍ୟାକାଣ୍ଡ ପଞ୍ଜାବରେ ଗଭୀର ରାଜନୈତିକ ଆଲୋଡ଼ନ ସୃଷ୍ଟି କରିଛି। ଆପ୍ ସରକାରଙ୍କ ଆଇନ ଶୃଙ୍ଖଳା ଓ 'ଯୁଦ୍ଧ ନଶିଆଁ ବିରୁଦ୍ଧ' ଅଭିଯାନର ବିଫଳତାକୁ ନେଇ ବିଜେପି, କଂଗ୍ରେସ ଏବଂ ଶିରୋମଣି ଅକାଳୀ ଦଳ ସରକାରଙ୍କୁ ଘେରିଛନ୍ତି। ଏହି ଘଟଣା ରାଜ୍ୟରେ ବୃଦ୍ଧି ପାଉଥିବା ନିଶାଦ୍ରବ୍ୟ କାରବାର ସମସ୍ୟାକୁ ପୁଣି ଥରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁକୁ ଆଣିଦେଇଛି।

# ଲଦାଖକୁ ନେଇ ଭାରତ-ଚୀନ ମୁହାଁମୁହିଁ

### ୨୮ ଟି ସ୍ଥାନର ନାମକରଣକୁ ଚୀନ୍‌ର ବିରୋଧ, ଜବାବ ଦେଲା ଭାରତ

ନୂଆଦିଲ୍ଲୀ/ବେଜିଂ,୧୩।୧୦(ଏଜେନ୍ସି): ଲଦାଖର ୨୮ଟି ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଓ ଭୌଗୋଳିକ ଅଞ୍ଚଳର ନାମକରଣ ପାଇଁ ଭାରତ ସରକାର ନେଇଥିବା ନିଷ୍ପତ୍ତିକୁ ଚୀନ୍ କଡ଼ା ବିରୋଧ କରିଛି। ଅକ୍ଟୋବର ୨ରେ ଭାରତର ଗୃହ ମନ୍ତ୍ରଣାଳୟ ଲଦାଖ ପ୍ରଶାସନ ସହ ପରାମର୍ଶ କରି ସରକାରୀ ମାନଚିତ୍ରରେ ଏହି ସ୍ଥାନଗୁଡ଼ିକର ନାମ ପରିବର୍ତ୍ତନ କରିଥିଲା। ଏଥିରେ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍ଏସି) ନିକଟସ୍ଥ ଗୋଗ୍ରା ଓ ହଟ୍ ସ୍ପ୍ରିଙ୍ଗ୍ ପରି ସମ୍ବେଦନଶୀଳ ସୀମାନ୍ତ ଅଞ୍ଚଳ ସମେତ କନିଷ୍କ ପିକ୍, ଜୋରାୱାର ପିକ୍, ଓ ପାର୍ଫିକ୍ ଗ୍ଲାସିୟର ଭଳି ପ୍ରମୁଖ ସ୍ଥାନ ସାମିଲ ରହିଛି। ବେଜିଂରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଚୀନ୍ ବୈଦେଶିକ ମନ୍ତ୍ରଣାଳୟର ପ୍ରବକ୍ତା ମାଓ ନିଙ୍ଗ୍ କହିଛନ୍ତି ଯେ, ଭାରତ ଦ୍ୱାରା ଏକତରଫା ଭାବେ ଗଠିତ 'ଲଦାଖ କେନ୍ଦ୍ରଶାସିତ ଅଞ୍ଚଳ'କୁ ଚୀନ୍ କେବେବି ସ୍ୱୀକୃତି ଦେଇନାହିଁ। ସେ ଆହୁରି ଦାବି କରିଛନ୍ତି ଯେ ଭାରତର ଏହି ନାମକରଣ ନିଷ୍ପତ୍ତି ବେଆଇନ୍ ଓ ଅସିଦ୍ଧ। ସୀମାର ପଶ୍ଚିମ ସେକ୍ଟରରେ ଥିବା ଅଞ୍ଚଳଗୁଡ଼ିକ ଚୀନ୍‌ର ବୋଲି ସେ ଦାବି କରିଛନ୍ତି। ତେବେ



ଚୀନ୍‌ର ପ୍ରତିକ୍ରିୟାକୁ ଭାରତ ଖାରଜ କରିଛି। ଲଦାଖର କେନ୍ଦ୍ର ଶାସିତ ପ୍ରଦେଶ ଭାରତର ଏକ ଅବିଚ୍ଛେଦ୍ୟ ଅଂଶ। ଚୀନ୍ ଯେତେ ପ୍ରତ୍ୟାଖ୍ୟାନ କଲେ ମଧ୍ୟ ଏହି ସତ୍ୟକୁ ପରିବର୍ତ୍ତନ କରାଯାଇପାରିବ ନାହିଁ ବୋଲି ବୈଦେଶିକ ମନ୍ତ୍ରଣାଳୟ (ଏମ୍‌ଇଏ) ମୁଖପାତ୍ର ରଣଧୀର ଜୟସୱାଲ କହିଛନ୍ତି। ଗୃହ ମନ୍ତ୍ରଣାଳୟର ବିବୃତ୍ତିକୁ ଉଦ୍ଧୃତ କରି ସେ କହିଛନ୍ତି ଯେ ସରକାରୀ ଭାରତୀୟ ମାନଚିତ୍ରରେ ନାମଗୁଡ଼ିକୁ ପ୍ରଦର୍ଶିତ କରିବା ପାଇଁ କେନ୍ଦ୍ର ଶାସିତ ଅଞ୍ଚଳ ଲଦାଖ ଏବଂ ସ୍ଥାନୀୟ ଅଂଶୀଦାରମାନଙ୍କ ସହିତ ପରାମର୍ଶ କରାଯାଇ ପଦକ୍ଷେପ ନିଆଯାଇଛି। ସରକାରୀ ମାନଚିତ୍ର ପ୍ରସ୍ତୁତିକୁ ସୁସଂଗଠିତ କରିବା, ସଠିକ୍ ସୀମା ଚିହ୍ନଟ କରିବା ଏବଂ ସମ୍ବେଦନଶୀଳ ସୀମାନ୍ତ ଅଞ୍ଚଳ ବିଷୟରେ ଜନସାଧାରଣଙ୍କ ସଚେତନତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ଭାରତ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ଉଲ୍ଲେଖଯୋଗ୍ୟ ଯେ, ୨୦୨୦ ମେ ୫ ରେ ପାଙ୍ଗୋଙ୍ଗ ହ୍ରଦ ଅଞ୍ଚଳରେ ଦୁଇ ଦେଶର ସେନା ମଧ୍ୟରେ ସଂଘର୍ଷ ପରେ ପୂର୍ବ ଲଦାଖରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଗୋଗ୍ରା ଓ ହଟ୍ ସ୍ପ୍ରିଙ୍ଗ୍ ସେହି ବିବାଦର ମୁଖ୍ୟ କେନ୍ଦ୍ରବିନ୍ଦୁ ରହିଥିଲା।

## ହର୍ମୁଜ ଶୁଳ୍କ ବିରୋଧରେ ୬୦ରୁ ଊର୍ଦ୍ଧ୍ୱ ଦେଶ ଏକାଠି

ନୂଆଦିଲ୍ଲୀ, ୧୩।୧୦ (ଏଜେନ୍ସି): ଅନ୍ତର୍ଜାତୀୟ ଜଳପଥ ଦେଇ ଯାତାୟାତ କରୁଥିବା ଜାହାଜଗୁଡ଼ିକ ଉପରେ ବେଆଇନ ଶୁଳ୍କ ଲାଗୁ କରିବା ପ୍ରଚେଷ୍ଟା ବିରୋଧରେ ବିଶ୍ୱର ୬୦ରୁ ଅଧିକ ଦେଶ ଏକଜୁଟ ହୋଇଛନ୍ତି। ୟୁରୋପୀୟ ୟୁନିଅନ (ଇୟୁ) ଦ୍ୱାରା ଆରମ୍ଭ କରାଯାଇଥିବା "ନୋ ଫି, ନୋ ଟୋଲ୍' ବିଶ୍ୱସ୍ତରୀୟ ସଂକଳ୍ପକୁ ବ୍ରିଟେନ, ଜାପାନ, କାନାଡା, ଅଷ୍ଟ୍ରେଲିଆ



ଓ ସିଙ୍ଗାପୁର ସମେତ ୬୦ରୁ ଅଧିକ ଦେଶ ସମର୍ଥନ ଜଣାଇଛନ୍ତି। ହର୍ମୁଜ ପ୍ରଣାଳୀରେ ଚାଲିଥିବା ଅଶାନ୍ତି ଏବଂ ଇରାନ ଦ୍ୱାରା ଜାହାଜ ଚଳାଚଳ ଉପରେ ଶୁଳ୍କ ଆଦାୟର ଦାବି ପରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଇୟୁର ବୈଦେଶିକ ନୀତି ପ୍ରମୁଖ କାଜା କାଲାସ ପ୍ରକାଶ କରିଛନ୍ତି ଯେ ଅନ୍ତର୍ଜାତୀୟ ଜଳପଥକୁ ରାଜସ୍ୱ ଆଦାୟ କିମ୍ବା ରାଜନୈତିକ ଫାଇଦା ହାସଲର ମାଧ୍ୟମ କରିବାକୁ ଦିଆଯିବ ନାହିଁ। ଜାତିସଂଘ ସାମୁଦ୍ରିକ ଆଇନ ସଂସ୍ଥା ନିୟମାନୁସାରେ ମୁକ୍ତ ଏବଂ ଆଇନଗତ ଜାହାଜ ଚଳାଚଳର ସୁରକ୍ଷା ପାଇଁ ଏହି ନିୟମ ରହିଛି। ପ୍ରକାଶଯୋଗ୍ୟ ଯେ, ମଧ୍ୟପ୍ରାଚ୍ୟ ସଙ୍କଟ ମଧ୍ୟରେ ଇରାନ ହର୍ମୁଜ ପ୍ରଣାଳୀ ଉପରେ ନିଜର ନିୟନ୍ତ୍ରଣ ଦାବି କରିବା ସହ ଜାହାଜଗୁଡ଼ିକରୁ ଶୁଳ୍କ ଦାବି କରୁଛି। ଏହି ଜଳପଥ ଦେଇ ବିଶ୍ୱର ଗୁରୁତ୍ୱପୂର୍ଣ୍ଣ ତୈଳ ଓ ଗ୍ୟାସ ଯୋଗାଣ ହୋଇଥାଏ। ଏଣୁ ସାମୁଦ୍ରିକ ସୁରକ୍ଷା ଓ ନିୟମଭିତ୍ତିକ ବ୍ୟବସ୍ଥା ବଜାୟ ରଖିବାକୁ ଅନ୍ତର୍ଜାତୀୟ ସମୁଦାୟ ସଙ୍କଳ୍ପବଦ୍ଧ ହୋଇଛନ୍ତି।

# ସଂସଦଠାରୁ ବିରୋଧୀଙ୍କୁ ଦୂରେଇ ରଖିବାକୁ ଯନ୍ତରମନ୍ତର ଷଡ଼ଯନ୍ତ୍ର!

ନୂଆଦିଲ୍ଲୀ, ୧୩।୧୦ (ଏଜେନ୍ସି): ଦିଲ୍ଲୀର ଐତିହାସିକ ଆନ୍ଦୋଳନ ସ୍ଥଳ ଯନ୍ତରମନ୍ତରକୁ ବିକ୍ଷୋଭ ଓ ପ୍ରତିବାଦ ସ୍ଥଳ ଭାବେ ବାତିଲ କରିଛି ଦିଲ୍ଲୀ ପୁଲିସ। ଯନ୍ତରମନ୍ତର ଦୀର୍ଘ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଦେଶର ରାଜନୈତିକ ଓ ସାମାଜିକ ପ୍ରତିବାଦର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଏହି ସ୍ଥାନରୁ ଆନ୍ଦୋଳନ ମାନ୍ୟତା ପ୍ରତ୍ୟାହାର କରାଯିବା ପରେ ବିରୋଧୀ ଦଳଗୁଡ଼ିକ ଏବଂ ଇଣ୍ଡିଆ ମେଣ୍ଟ ଶାସକ ବିଜେପିକୁ କଡ଼ା ସମାଲୋଚନା କରିଛନ୍ତି। କେନ୍ଦ୍ର ସରକାର ଜନଆକ୍ରୋଶ ଓ ବିରୋଧୀଙ୍କ ସ୍ୱରକୁ ସଂସଦ ଏବଂ

### ସରକାର ଭୟଭୀତ: ଅଖିଳେଶ

କ୍ଷମତା କେନ୍ଦ୍ରଠାରୁ ଦୂରରେ ରଖିବା ପାଇଁ ଏହି ଚାଲ୍ ଚଳାଇଥିବା ଅଭିଯୋଗ ହୋଇଛି। ଦିଲ୍ଲୀ ପୁଲିସ ଯନ୍ତରମନ୍ତର ବଦଳରେ ୩ଟି ନୂଆ ସ୍ଥାନ ରାମଲୀଳା ମୈଦାନ, ବୁରାଡ଼ି ନିରଙ୍କାରୀ ପଡ଼ିଆ ଏବଂ ପୂର୍ବ ଦିଲ୍ଲୀର ସିବିଡି ପଡ଼ିଆକୁ ଆନ୍ଦୋଳନ ପାଇଁ ନିର୍ଦ୍ଧାରିତ କରାଯାଇଥିବା ନିର୍ଦ୍ଦେଶ ଜାରି କରିଛି। ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ବିରୋଧରେ ବିରୋଧୀ ଦଳ ଓ କକ୍ରୋଚ୍ ଜନତା ପାର୍ଟି (ସିଜେପି) ପକ୍ଷରୁ ଚାଲିଥିବା ବ୍ୟାପକ ବିକ୍ଷୋଭ ମଧ୍ୟରେ ଏହି ନିଷ୍ପତ୍ତି ନିଆଯାଇଛି। ଏନେଇ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଭାଜପା ସରକାର ସମ୍ପୂର୍ଣ୍ଣ ଭୟଭୀତ ହୋଇପଡ଼ିଥିବା କହିଛନ୍ତି। ସେହିପରି ଆପ୍ ନେତା ସୌରଭ ଭାରଦ୍ୱାଜ, କଂଗ୍ରେସ ସାଂସଦ ଜୟରାମ ରମେଶ ଏବଂ ସିଜେପି ସଂସ୍ଥାପକ ଅଭିଜିତ୍ ଦୀପକେ ସରକାରଙ୍କୁ ସମାଲୋଚନା କରିଛନ୍ତି। ସିଜେପି ନେତା ଆଶୁତୋଷ ରାଙ୍କା କଟାକ୍ଷ କରି ପ୍ରଶ୍ନ କରିଛନ୍ତି, ସରକାର ମାଉଣ୍ଟ ଏଭରେଷ୍ଟକୁ ବିକ୍ଷୋଭ ସ୍ଥଳ ଭାବେ ଘୋଷଣା କରନ୍ତୁ।

ସେପଟେ ପୁଲିସ ଦ୍ୱାରା ଚିହ୍ନଟ ନୂତନ ସ୍ଥାନଗୁଡ଼ିକ ସଂସଦ ଓ କ୍ଷମତା କେନ୍ଦ୍ରଠାରୁ ବହୁ ଦୂରରେ ଅବସ୍ଥିତ। ରାମଲୀଳା ମୈଦାନ ଯନ୍ତରମନ୍ତରଠାରୁ ୩ କିମି ଦୂରରେ ରହିଛି। ପୁଣି ଏହାର ଦୈନିକ ଭଡ଼ା ୫୦,୦୦୦ ଟଙ୍କା ଏବଂ ସୁରକ୍ଷା ରାଶି ୫୫,୦୦୦ ଟଙ୍କା ଦେବାକୁ ପଡ଼ିଥାଏ। ଏହା ସହିତ ଅଧିକାଂଶ ସମୟ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଆଗୁଆ ବୁକ୍ ରହୁଥିବାରୁ ସାଧାରଣ ଆନ୍ଦୋଳନ ପାଇଁ ତାରିଖ ମିଳିବା କଷ୍ଟକର। ସେହିପରି ସିବିଡି ପଡ଼ିଆ (ଶାହଦରା) ପୂର୍ବ ଦିଲ୍ଲୀରେ ୧୦-୧୨ କିମି ଦୂରରେ ଥିବା ଏହି ସ୍ଥାନଟି ଏକ ସାନ୍ଦ୍ର ଆବାସିକ ଅଞ୍ଚଳରେ ଅବସ୍ଥିତ। ପୁଣି ନିରଙ୍କାରୀ ପଡ଼ିଆ (ବୁରାଡ଼ି) ଯନ୍ତରମନ୍ତରଠାରୁ ପ୍ରାୟ ୨୨ କିମି ଦୂର ଦିଲ୍ଲୀ-ଚଣ୍ଡୀଗଡ଼ ରାଜପଥ ନିକଟରେ ଅବସ୍ଥିତ। ସେଠାରେ ଜନସମାଗମ ଓ ଗଣମାଧ୍ୟମର ଦୃଷ୍ଟି ଆକର୍ଷଣ କରିବା ଆହ୍ୱାନପୂର୍ଣ୍ଣ। ସୂଚନାଯୋଗ୍ୟ, ୧୯୯୩ ମସିହା ପୂର୍ବରୁ ସଂସଦ ଭବନ ନିକଟସ୍ଥ 'ବୋଟ୍ କ୍ଲବ୍' ଆନ୍ଦୋଳନର ମୁଖ୍ୟ କେନ୍ଦ୍ର ଥିଲା। ପରେ କଂଗ୍ରେସ ବୋଟ୍ କ୍ଲବ୍‌ରେ ବିକ୍ଷୋଭ ନିଷେଧ କରିବା ପରେ ଯନ୍ତରମନ୍ତର ମୁଖ୍ୟ ବିକ୍ଷୋଭ ସ୍ଥଳ ପାଲଟିଥିଲା। ଏବେ ପୁଣିଥରେ ଗଣତାନ୍ତ୍ରିକ ପ୍ରତିବାଦର ସ୍ୱରକୁ ସହରର ସୀମାନ୍ତକୁ ଠେଲି ଦିଆଯାଉଥିବା ନେଇ ବୁଦ୍ଧିଜୀବୀ ଓ ବିରୋଧୀ ଶିବିରରେ ତୀବ୍ର ଚିନ୍ତା ପ୍ରକାଶ ପାଇଛି।



## କଟକଣାକୁ ଚାଲେଞ୍ଜ କରି ସୌରଭ, ଆଶୁତୋଷ ଅଟକ

ନୂଆଦିଲ୍ଲୀ,୧୩।୧୦(ଏଜେନ୍ସି): ମୁଖ୍ୟ ନିର୍ବାଚନ ଆୟୁକ୍ତ (ସିଇସି) ଜ୍ଞାନେଶ କୁମାରଙ୍କ ବିରୋଧରେ ଏସଆଇଆର ବିବାଦକୁ ନେଇ ଦିଲ୍ଲୀର ଯନ୍ତରମନ୍ତରଠାରେ ବିକ୍ଷୋଭ ପ୍ରଦର୍ଶନ ବେଳେ କକ୍ରୋଚ ଜନତା ପାର୍ଟି (ସିଜେପି)ର ନେତା ସୌରଭ ଦାସ, ଆଶୁତୋଷ ରାଙ୍କା, ଅଜିଙ୍କ୍ୟ ଶିନ୍ଦେଙ୍କ ସମେତ ଅନ୍ୟ କାର୍ଯ୍ୟକର୍ତ୍ତାମାନଙ୍କୁ ଦିଲ୍ଲୀ ପୁଲିସ ଅଟକ କରିଛି। ପୁଲିସ ଅନୁଯାୟୀ, ଜନତା ଦଳ (ୟୁନାଇଟେଡ୍) କାର୍ଯ୍ୟାଳୟ ପାର୍ଶ୍ୱରୁ ସିଜେପି ନେତା ଓ କାର୍ଯ୍ୟକର୍ତ୍ତାମାନେ ଏକ ଗେଟ୍ ଏବଂ ବାରିକେଡ୍ ଡେଇଁ ଯନ୍ତରମନ୍ତରରେ ପ୍ରବେଶ କରିଥିଲେ। ଏହି ସମୟରେ ସେମାନେ ହାତରେ ଜାତୀୟ ପତାକା ଧରି 'ଇନ୍‌କିଲାବ ଜିନ୍ଦାବାଦ' ଏବଂ 'ହ୍ୟାଣ୍ଡସ ଅଫ୍ ଯନ୍ତରମନ୍ତର' ଭଳି ସ୍ଲୋଗାନ ଦେଇଥିଲେ। ସେଠାରେ ମୁତୟନ ଥିବା ଦିଲ୍ଲୀ ପୁଲିସ ସେମାନଙ୍କୁ ଗୋଡ଼ାଇ ଅଟକ କରିଥିଲା। ଏହି ପ୍ରତିବାଦ ପୂର୍ବରୁ କେନ୍ଦ୍ର ସରକାର ଓ ଦିଲ୍ଲୀ ପୁଲିସ ଯନ୍ତରମନ୍ତରକୁ ନିର୍ଦ୍ଧାରିତ ବିକ୍ଷୋଭ ସ୍ଥଳ ସୂଚୀରୁ ହଟାଇ ଦେଇଥିଲେ। କେନ୍ଦ୍ର ଗୃହ ମନ୍ତ୍ରଣାଳୟର କମିଟି ସୁପାରିଶ କ୍ରମେ ରାଜଧାନୀରେ ପ୍ରତିବାଦ ପାଇଁ ରାମଲୀଳା ମଇଦାନ, ବୁରାରୀ ମଇଦାନ ଏବଂ ପୂର୍ବ ଦିଲ୍ଲୀର ସିବିଡି ଗ୍ରାଉଣ୍ଡକୁ ତିନୋଟି ନୂତନ ସ୍ଥାନ ଭାବେ ନିର୍ଦ୍ଧାରିତ କରାଯାଇଛି। ସରକାରଙ୍କ ଏହି ନିଷ୍ପତ୍ତିକୁ ବିରୋଧ କରି ସିଜେପି ସଂସ୍ଥାପକ ଅଭିଜିତ ଦୀପକେ କହିଛନ୍ତି ଯେ ଆଗାମୀ ଦିନରେ ସାରା ଦେଶରେ ଯନ୍ତରମନ୍ତର ସୃଷ୍ଟି ହେବ। ସେହିପରି ସୌରଭ ଦାସ ସୋସିଆଲ ମିଡିଆରେ ପୋଷ୍ଟ କରି ଯନ୍ତରମନ୍ତରକୁ ଆମେ ଆସିସାରିଛୁ ଏବଂ ପୁଲିସ ଆମକୁ ସେଥିପାଇଁ ଧରିନେଇଛି ବୋଲି ସନ୍ଦେଶ ଦେଇଛନ୍ତି। ସେ ପୁଲିସକୁ ୨୪ ଘଣ୍ଟାରେ ବିକ୍ଷୋଭ ସ୍ଥଳ ଏବଂ ତାରିଖ ଜଣାଇବାକୁ ଚରମବାଣୀ ଶୁଣାଇଥିବା କହିଥିଲେ। ଶାନ୍ତିପୂର୍ଣ୍ଣ ଆନ୍ଦୋଳନକୁ ଚାପିବାକୁ ଉଦ୍ୟମ କରି ଭାରତ ସରକାର ଦେଶର ଲୋକଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିଥିବା ସେ କହିଛନ୍ତି।

## ସାଉଦି ଆରବକୁ ଭାରତରୁ ସବୁ ବିମାନ ସେବା ସ୍ଥଗିତ

ରିୟାଦ,୧୩।୧୦(ଏଜେନ୍ସି): ସାଉଦି ଆରବରେ ବେସାମରିକ ସ୍ଥାପତ୍ୟ ଉପରେ ହୁତି ବିଦ୍ରୋହୀଙ୍କ ଡ୍ରୋନ୍ ଓ କ୍ଷେପଣାସ୍ତ୍ର ଆକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ଏହାପରେ ସେଠାରେ ରହୁଥିବା ଭାରତୀୟ ନାଗରିକଙ୍କ ପାଇଁ ଭାରତୀୟ ଦୂତାବାସ ପକ୍ଷରୁ ନୂତନ ସୁରକ୍ଷା ପରାମର୍ଶ ଜାରି କରାଯାଇଛି। ନାଗରିକମାନଙ୍କୁ ଶାନ୍ତ ଓ ସତର୍କ ରହିବା ସହ ଆକାଶମାର୍ଗରୁ ଆକ୍ରମଣ ସମୟରେ ଘର ଭିତରେ ରହିବାକୁ ଏବଂ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ପାଳନ କରିବାକୁ ପରାମର୍ଶ ଦିଆଯାଇଛି। ଏହାସହ ଚାଲିଥିବା ସଂଘର୍ଷ ସମ୍ପର୍କିତ କୌଣସି ଭିଡିଓ କିମ୍ବା ଖବର ସୋସିଆଲ ମିଡିଆରେ ପୋଷ୍ଟ କିମ୍ବା ଶେୟାର ନକରିବାକୁ ନିବେଦନ କରାଯାଇଛି। ଗତ ଅକ୍ଟୋବର ୧୦ରେ ରିୟାଦର କିଙ୍ଗ ଖାଲିଦ୍ ଆନ୍ତର୍ଜାତିକ ବିମାନବନ୍ଦର ଉପରେ ଆକ୍ରମଣ ହୋଇଥିଲା। ଏଥିରେ ମହମ୍ମଦ ୟୁସୁଫ୍ ଅଲ୍ଲୀ ନାମକ ଜଣେ ଭାରତୀୟ ନାଗରିକଙ୍କ ମୃତ୍ୟୁ ଘଟିଥିବା ବେଳେ ଏକାଧିକ ଭାରତୀୟ ଆହାତ ହୋଇଛନ୍ତି। ଏହି ଘଟଣା ପରେ ରିୟାଦ ବିମାନବନ୍ଦରରୁ ସେବା ବନ୍ଦ ରହିଛି। ଏୟାର ଇଣ୍ଡିଆ, ଇଣ୍ଡିଗୋ ଓ ଆକାଶା ଏୟାର ଭଳି ଭାରତୀୟ ବିମାନ ସେବା ସଂସ୍ଥାଗୁଡ଼ିକ ଅକ୍ଟୋବର ୧୭ ପର୍ଯ୍ୟନ୍ତ ସେମାନଙ୍କର ଯାତ୍ରା ସ୍ଥଗିତ ରଖିଛନ୍ତି। ଯାତ୍ରୀମାନଙ୍କୁ ସହାୟତା ପାଇଁ ରିୟାଦ ସ୍ଥିତ ଭାରତୀୟ ଦୂତାବାସ ଏବଂ ଜେଦ୍ଦାସ୍ଥିତ ଦୂତାବାସ କାର୍ଯ୍ୟାଳୟ ପକ୍ଷରୁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ସ୍ଥାପନ କରାଯାଇଛି।

## ମହାରାଷ୍ଟ୍ରରେ ଜଳ ସଙ୍କଟ ଉତ୍କଟ; ଜଳକାଟ୍ ଘୋଷଣା

ମୁମ୍ବଇ,୧୩।୧୦(ଏଜେନ୍ସି): ଦୁର୍ବଳ ମୌସୁମୀ ଏବଂ ଏଲ୍ ନିନୋର ପ୍ରଭାବ ଯୋଗୁଁ ମହାରାଷ୍ଟ୍ରରେ ଜଳ ସଙ୍କଟ ଅତ୍ୟନ୍ତ ଗମ୍ଭୀର ରୂପ ଧାରଣ କରିଛି। ଅକ୍ଟୋବରରେ ମଧ୍ୟ ତାପମାତ୍ରା ୩୮ ଡିଗ୍ରୀ ସେଲ୍ସିୟସରୁ ଅଧିକ ରହୁଥିବାରୁ ଜଳାଶୟଗୁଡ଼ିକରେ ଜଳସ୍ତର ହ୍ରାସ ପାଇବାରେ ଲାଗିଛି। କମୁଥିବା ଜଳ ସମ୍ପଦକୁ ସୁରକ୍ଷିତ ରଖିବା ପାଇଁ ରାଜ୍ୟ ସରକାର ଓ ବିଭିନ୍ନ ମହାନଗର ନିଗମ ପକ୍ଷରୁ ଜରୁରୀକାଳୀନ କଟକଣା, ଜରିମାନା, ବେଆଇନ୍ ସଂଯୋଗ ବିରୋଧରେ ମାମଲା ଏବଂ ବାଧ୍ୟତାମୂଳକ ଜଳକାଟ ଘୋଷଣା କରାଯାଇଛି। ବର୍ତ୍ତମାନ ରାଜ୍ୟର ଦ୍ୱିତୀୟ ରାଜଧାନୀ ନାଗପୁରର ଜଳାଶୟଗୁଡ଼ିକର କ୍ଷମତା ମାତ୍ର ୫୮%କୁ ହ୍ରାସ ପାଇଛି। ଜଳ ଅପଚୟ ରୋକିବା ପାଇଁ ନାଗପୁର ମହାନଗର ନିଗମ କଠୋର ଆଭିମୁଖ୍ୟ ଗ୍ରହଣ କରିଛି। ଗାଡ଼ି ଧୋଇବା, ରାସ୍ତା କିମ୍ବା ଅଗଣା ସଫା କରିବା, ବଗିଚାରେ ପାଣି ଦେବା ଏବଂ ନିର୍ମାଣ କାର୍ଯ୍ୟରେ ପାନୀୟ ଜଳ ବ୍ୟବହାର କଲେ ୫,୦୦୦ ଟଙ୍କାର ଜରିମାନା ଘୋଷଣା ହୋଇଛି। ବେଆଇନ୍ ଟ୍ୟାପ୍ ସଂଯୋଗ ଏବଂ ୱାଟର ମିଟରରେ ଜାଲିଆତି ଏବଂ ନିୟମ ଭଙ୍ଗକାରୀଙ୍କ ବିରୋଧରେ ମାମଲା ରୁଜୁ ହେବ। ସେହିପରି ପୁଣେରେ ମଧ୍ୟ ଜଳ ସଙ୍କଟ ଗମ୍ଭୀର ରୂପ ନେଇଛି। ସହରକୁ ଜଳ ଯୋଗାଉଥିବା ଖଡ଼କୱାସଲା ଡ୍ୟାମ୍ ଚେନ୍‌ରେ ବେଶ୍ କମ୍ ଜଳ ଗଚ୍ଛିତ ଅଛି। ୨୦୨୭ ଅଗଷ୍ଟ ୩୧ ପର୍ଯ୍ୟନ୍ତ ଏହି ଜଳକୁ ବ୍ୟବହାର ଉପଯୋଗୀ ରଖିବା ପାଇଁ ସରକାର ଅକ୍ଟୋବର ୧୬ରୁ ଜଳ ବ୍ୟବହାରରେ ୧୦% କାଟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅକ୍ଟୋବର ୧୫ରୁ ପ୍ରତି ଗୁରୁବାର ସହରସାରା ଜଳ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ରହିବ। ସେପଟେ ଛତ୍ରପତି ସମ୍ଭାଜୀନଗରରେ ମୁଖ୍ୟ ଜଳାଶୟ ଜାୟକୱାଡ଼ି ଡ୍ୟାମ୍‌ରୁ ପ୍ରଚଣ୍ଡ ଉତ୍ତାପ ଯୋଗୁଁ ଦୈନିକ ପ୍ରାୟ ୧୬୪.୯ କୋଟି ଲିଟର ଜଳ ବାଷ୍ପୀଭୂତ ହୋଇ ନଷ୍ଟ ହେଉଛି। ଏହା ୧୮ ଲକ୍ଷ ଅଧିବାସୀଙ୍କ ପ୍ରାୟ ୭ ଦିନର ଜଳ ଆବଶ୍ୟକତା ସହିତ ସମାନ। ଛତ୍ରପତି ସମ୍ଭାଜୀନଗର ପାଇଁ ଦୈନିକ ୨୦୦ ରୁ ୨୩୦ ନିୟୁତ ଲିଟର ଜଳ ଆବଶ୍ୟକ ହେଉଛି। ଉଚ୍ଚ ତାପମାତ୍ରା ଏବଂ ହ୍ରାସ ପାଉଥିବା ଜଳ ସମ୍ପଦ ଯୋଗୁଁ ମହାରାଷ୍ଟ୍ରର ସହରଗୁଡ଼ିକ ପାଇଁ ଆଗାମୀ ମାସଗୁଡ଼ିକରେ ଜଳ ପରିଚାଳନା ଏକ ବଡ଼ ଆହ୍ୱାନ ପାଲଟିଛି।

## ପାକିସ୍ତାନୀ ସୋସିଆଲ ମିଡିଆରେ ଦିଲ୍ଲୀ ବିକ୍ଷୋଭ ଗୁଜବ ଉପରେ ପୁଲିସ ନଜର

ନୂଆଦିଲ୍ଲୀ,୧୩।୧୦(ଏଜେନ୍ସି): ରାଜଧାନୀ ଦିଲ୍ଲୀରେ ନିକଟରେ ହୋଇଥିବା ବିକ୍ଷୋଭ ପ୍ରଦର୍ଶନ ସମୟରେ ମିଥ୍ୟା ଗୁଜବ ଏବଂ ଭ୍ରାନ୍ତ ଖବର ପ୍ରସାରଣ ଅଭିଯୋଗରେ ଦିଲ୍ଲୀ ପୁଲିସ କଠୋର ପଦକ୍ଷେପ ଗ୍ରହଣ କରିଛି। ଆଇନ ଶୃଙ୍ଖଳା ପରିସ୍ଥିତି ବିଗାଡ଼ିବା ଏବଂ ଭାରତ ବିରୋଧୀ ମନୋଭାବ ସୃଷ୍ଟି କରିବା ଉଦ୍ଦେଶ୍ୟରେ ମିଥ୍ୟା ପ୍ରଚାର କରୁଥିବା ସୋସିଆଲ ମିଡିଆ ହ୍ୟାଣ୍ଡେଲଗୁଡ଼ିକ ବିରୋଧରେ ପୁଲିସ ୪ଟି ଏଫଆଇଆର ରୁଜୁ କରିଛି। ଗତ ଅକ୍ଟୋବର ୧୦ରେ ହୋଇଥିବା ଦିଲ୍ଲୀ ବିକ୍ଷୋଭ ସମୟରେ ଏକାଧିକ ଲୋକଙ୍କ ମୃତ୍ୟୁ ଘଟିଥିବା ନେଇ ଏହି ହ୍ୟାଣ୍ଡେଲଗୁଡ଼ିକ ମାଧ୍ୟମରେ ମିଥ୍ୟା ଦାବି ପ୍ରଚାର କରାଯାଇଥିଲା। ଦିଲ୍ଲୀ ପୁଲିସ ଏହି ମିଥ୍ୟା ଖବର ପ୍ରସାରଣକୁ ରୋକିବା ପାଇଁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପାକିସ୍ତାନ ଭିତ୍ତିକ କେତେକ ସୋସିଆଲ ମିଡିଆ ହ୍ୟାଣ୍ଡେଲକୁ ନିଷ୍କ୍ରିୟ କରାଇଛି।

## ବିକ୍ଷୋଭ ସ୍ଥଳରୁ ସୁପ୍ରିମକୋର୍ଟଙ୍କ ଆଇନଜୀବୀ ଅଟକ

ନୂଆଦିଲ୍ଲୀ,୧୩।୧୦(ଏଜେନ୍ସି): ନୂଆଦିଲ୍ଲୀର ସଫଦରଜଙ୍ଗ ଫ୍ଲାଇଓଭର ନିକଟରେ ଚାଲିଥିବା ଏକ ପ୍ରତିବାଦ ସ୍ଥଳରୁ ସୁପ୍ରିମକୋର୍ଟର ବରିଷ୍ଠ ଆଇନଜୀବୀ ଶାହଦାନ ଫରାସତଙ୍କୁ ଦିଲ୍ଲୀ ପୁଲିସ ଅଟକ ରଖିବା ପରେ କିଛି ଦୂର ନେଇ ଛାଡ଼ିଦେଇଛି। ଆଇନଗତ ସହାୟତା ଯୋଗାଇଦେବା ଏବଂ ପ୍ରତିବାଦରେ ସାମିଲ ହେବା ପାଇଁ ଫରାସତ ସେଠାକୁ ଯାଇଥିବା ବେଳେ ପୁଲିସ ତାଙ୍କ ସମେତ ସାଧାରଣ ବାଟୋଇଙ୍କୁ ମଧ୍ୟ ଗାଡ଼ିରେ ଉଠାଇ ନେଇଥିଲା। ଏହି ଘଟଣା ପରେ ଦେଶରେ ଶାନ୍ତିପୂର୍ଣ୍ଣ ଗଣତାନ୍ତ୍ରିକ ପ୍ରତିବାଦର ଅଧିକାର ସଙ୍କୁଚିତ ହେଉଥିବା ନେଇ ସେ ଗଭୀର ଚିନ୍ତା ପ୍ରକାଶ କରିଛନ୍ତି। ଫରାସତଙ୍କ ଅନୁଯାୟୀ, ଦିଲ୍ଲୀ ପୁଲିସ ଏବଂ ପ୍ରଶାସନ ଆଇନ ଶୃଙ୍ଖଳା ରକ୍ଷା ନାମରେ ନାଗରିକଙ୍କ ମତବ୍ୟକ୍ତ କରିବାର ମୌଳିକ ଅଧିକାରକୁ ବାଧାପ୍ରାପ୍ତ କରୁଛନ୍ତି। ଏହା ସହିତ, ଭୋଟର ତାଲିକାର ଏସ୍‌ଆଇଆର୍ ପ୍ରକ୍ରିୟାକୁ ନେଇ ମଧ୍ୟ ସେ ନିଜର ଆପତ୍ତି ଉଠାଇଛନ୍ତି।

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-111 ◆WEDNESDAY ◆14 OCTOBER 2026 ◆PAGE-12 ◆₹ 7.00

◆ବର୍ଷ-୪୪ ◆ସଂଖ୍ୟା-୧୧୧ ◆ବୁଧବାର ◆୧୪ ଅକ୍ଟୋବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


**ହେବ ନାହିଁ ଲଘୁଚାପ**

## ୨ ଦିନ ଫେରନ୍ତା ମୌସୁମୀ ବର୍ଷା

■ ଭୁବନେଶ୍ୱର,୧୩।୧୦(ସମିସ): ଆଣ୍ଡାମାନରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ବଙ୍ଗୋପସାଗରରେ ୧୩ ତାରିଖରେ ଏକ ଲଘୁଚାପ ସୃଷ୍ଟି ହେବ ବୋଲି ଆଇଏମ୍‌ଡି କହି ଆସୁଥିଲା। ମାତ୍ର ଉଚ୍ଚତା ଅନୁସାରେ ପବନର ବେଗ ଓ ଦିଗର ପରିବର୍ତ୍ତନ ଏବଂ ଶୁଖିଲା ବାୟୁର ପ୍ରବେଶ ଯୋଗୁଁ ଲଘୁଚାପ ସୃଷ୍ଟି କ୍ଷେତ୍ରରେ ପ୍ରତିକୂଳ ବାତାବରଣ ରହୁଛି। ଏଥିପାଇଁ ଲଘୁଚାପର ଆଶଙ୍କା ଟଳି ଯାଇଛି। ଏହି ଲଘୁଚାପକୁ ନେଇ ପୂଜା ସମୟରେ ବର୍ଷା ଆଶଙ୍କା ରହୁଥିଲା। ଏଥିପାଇଁ ରାଜ୍ୟରେ ପୂଜା ମାହୋଲରେ ଭଟ୍ଟା ପଡ଼ିପାରେ ବୋଲି ଆଶଙ୍କା ରହୁଥିଲା। ହେଲେ ଲଘୁଚାପ ଆଶଙ୍କା ଟଳିଯିବା ପରେ ଏବେ ପୂଜା ସମୟରେ ପାଗକୁ ନେଇ ଆଶ୍ୱସ୍ତି ମିଳିଛି। ଅନ୍ୟପଟେ ବର୍ତ୍ତମାନ ରାଜ୍ୟର କିଛି ସ୍ଥାନରେ ବର୍ଷା ହେଉଛି। ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ପ୍ରତ୍ୟାବର୍ତ୍ତନ ସହ ଉତ୍ତର-ପୂର୍ବ ମୌସୁମୀ ବାୟୁ (ଫେରନ୍ତା ମୌସୁମୀ) ପ୍ରଭାବରେ କିଛି କିଛି ସ୍ଥାନରେ ଏହି ବର୍ଷା ହେଉଛି। ଏହି ସ୍ଥିତି ଆହୁରି ୨-୩ ଦିନ ପର୍ଯ୍ୟନ୍ତ ଜାରି ରହିବାର ଆଶଙ୍କା ରହିଛି। ତେବେ ଏହି ବର୍ଷାର ପ୍ରଭାବ ବିଶେଷ ଅଧିକ ରହିବ ନାହିଁ। କେବଳ ଉପକୂଳବର୍ତ୍ତୀ ଜିଲ୍ଲା ଏବଂ ଦକ୍ଷିଣ ଓଡ଼ିଶାର କିଛି ସ୍ଥାନରେ ଏହି ବର୍ଷା ହେବ। ଏଥିପାଇଁ ଆସନ୍ତା ୨-୩ ଦିନ ପାଇଁ କିଛି ଜିଲ୍ଲାକୁ ସ୍ୱଳ୍ପରୁ ମଧ୍ୟମ ବର୍ଷା ନେଇ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି।

**ଡାକ ବିଭାଗରେ ବଡ଼ଧରଣର ପ୍ରଶାସନିକ ପୁନର୍ଗଠନ**

# ସମ୍ବଲପୁର ଅଧୀନକୁ ଗଲା ମୟୂରଭଞ୍ଜ ଓ ରାଇରଙ୍ଗପୁର

■ ବାରିପଦା/ଭୁବନେଶ୍ୱର,୧୩।୧୦(ସମିସ): ଡାକ ସେବାର ଦକ୍ଷତା ବୃଦ୍ଧି, ବ୍ୟବସାୟିକ ସମ୍ପ୍ରସାରଣ ଓ ରାଜସ୍ୱ ବୃଦ୍ଧି ଲକ୍ଷ୍ୟରେ ଓଡ଼ିଶା ଡାକ ସର୍କଲରେ ବ୍ୟାପକ ପ୍ରଶାସନିକ ପୁନର୍ଗଠନ କରାଯାଇଛି। କେନ୍ଦ୍ର ଯୋଗାଯୋଗ ମନ୍ତ୍ରଣାଳୟ ଅଧୀନ ଡାକ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତ ନିର୍ଦ୍ଦେଶନାମା ଜାରି ହୋଇଛି। ଏହି ନୂତନ ବ୍ୟବସ୍ଥା ଆସନ୍ତା ୨୦୨୬ ନଭେମ୍ବର ୧ ତାରିଖରୁ କାର୍ଯ୍ୟକାରୀ ହେବାକୁ ଯାଉଛି। ବ୍ରହ୍ମପୁର ରିଜିଅନ୍ ଅଧୀନସ୍ଥ କୋରାପୁଟ ଓ କଳାହାଣ୍ଡି ଡିଭିଜନକୁ ପୁନର୍ବିଭାଜନ କରି ନୂତନ 'ନବରଙ୍ଗପୁର ଡାକ ଡିଭିଜନ' ଗଠନ କରାଯାଇଛି। ଏହି ନୂଆ ଡିଭିଜନର ମୁଖ୍ୟ କାର୍ଯ୍ୟାଳୟ (ହେଡକ୍ୱାର୍ଟର) ଜୟପୁର ମୁଖ୍ୟ ଡାକଘର ପରିସରରେ କାର୍ଯ୍ୟ କରିବ। ଏହି ଡିଭିଜନ ଅଧୀନରେ ୪ଟି ସବ୍‌ଡିଭିଜନ, ୧ଟି ମୁଖ୍ୟ ଡାକଘର, ୩୧ଟି ଉପଡାକଘର ଓ ୩୪୧ଟି ଶାଖା ଡାକଘର ରହିବ। ରାଜ୍ୟର ତିନୋଟି ଯାକ ରିଜିଅନ (ଭୁବନେଶ୍ୱର, ବ୍ରହ୍ମପୁର ଓ ସମ୍ବଲପୁର) ମଧ୍ୟରେ କାର୍ଯ୍ୟଭାର ସନ୍ତୁଳନ ପାଇଁ ଡିଭିଜନର ପୁନର୍ବଣ୍ଟନ

### ନବରଙ୍ଗପୁର ଡାକ ଡିଭିଜନ ଗଠନ

କରାଯାଇଛି। ମୟୂରଭଞ୍ଜ ଓ ରାଇରଙ୍ଗପୁର ଡାକ ଡିଭିଜନକୁ ସମ୍ବଲପୁର ରିଜିଅନ ଅନ୍ତର୍ଭୁକ୍ତ କରାଯାଇଛି। ଯାହାକୁ ନେଇ ପୂର୍ବରୁ ଭଞ୍ଜସେନା ପକ୍ଷରୁ ପ୍ରତିବାଦ କରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଏକ୍ସ ଯୋଗେ ଟ୍ୱିଟ କରାଯାଇଥିଲା। ମାତ୍ର ପୂର୍ବ ନିଷ୍ପତ୍ତି ଅନୁସାରେ ବିଭାଗ ପୁନର୍ଗଠନ କରିଛି। ଫଳରେ ମୟୂରଭଞ୍ଜବାସୀ ଭୁବନେଶ୍ୱର ପରିବର୍ତ୍ତେ ସମ୍ବଲପୁର (ଅଧିକ ୧୫୦ କିମି) ଦୂରତା ପାଇଁ ଅସୁବିଧାର ସମ୍ମୁଖୀନ ହେବେ।

ସମ୍ବଲପୁର ରିଜିଅନ ଅଧୀନରେ ବଲାଙ୍ଗୀର, ଢେଙ୍କାନାଳ, କେନ୍ଦୁଝର, ରାଉରକେଲା, ସମ୍ବଲପୁର ଓ ସୁନ୍ଦରଗଡ଼ ମଧ୍ୟ ରହିବ। ସେହିପରି ନୟାଗଡ଼ ଡିଭିଜନ ସମେତ ଆସିକା, ବ୍ରହ୍ମପୁର, କଳାହାଣ୍ଡି, କୋରାପୁଟ, ଫୁଲବାଣୀ, ରାୟଗଡ଼ା ଓ ନୂତନ ନବରଙ୍ଗପୁର ଡିଭିଜନ ଏହାର ଅଧୀନରେ ରହିବ। ବାଲେଶ୍ୱର, ଭଦ୍ରକ, ଭୁବନେଶ୍ୱର, କଟକ ସିଟି, କଟକ ସାଉଥ୍, ଯାଜପୁର, କେନ୍ଦ୍ରାପଡ଼ା, ପୁରୀ ଡିଭିଜନ ଓ ପିଏସଡି ଭୁବନେଶ୍ୱର ଏହି ରିଜିଅନ ଅଧୀନରେ କାର୍ଯ୍ୟ କରିବେ। କଟକ ୱେଷ୍ଟ ସବ୍‌ଡିଭିଜନକୁ ଉଚ୍ଛେଦ କରାଯାଇ ଏହାକୁ କଟକ ଇଷ୍ଟ ଓ ସାଲେପୁର ସବ୍‌ଡିଭିଜନ ସହ ମିଶ୍ରଣ କରାଯାଇଛି। ଭଦ୍ରକ ଅଧୀନରେ ନୂତନ 'ଚାନ୍ଦବାଲି ସବ୍-ଡିଭିଜନ' ସୃଷ୍ଟି କରାଯାଇଛି। ସେହିପରି ନୂତନ 'କିଶୋରଗଞ୍ଜ ସବ୍‌ଡିଭିଜନ' ପ୍ରତିଷ୍ଠା ହୋଇଛି। ଅନୁଗୋଳ ଇଷ୍ଟ ଓ ୱେଷ୍ଟକୁ ମିଶାଇ 'ଅନୁଗୋଳ' ତଥା ଢେଙ୍କାନାଳକୁ 'ଢେଙ୍କାନାଳ ଇଷ୍ଟ' ଓ 'ଢେଙ୍କାନାଳ ୱେଷ୍ଟ' ଭାବେ ପୁନର୍ଗଠନ କରାଯାଇଛି। କଟକ ସାଉଥ୍ ଡିଭିଜନ ଅଧୀନରେ ନୂତନ 'ରଘୁନାଥପୁର ସବ୍-ଡିଭିଜନ' ଗଠନ କରାଯାଇଛି। କର୍ମଚାରୀଙ୍କ ସ୍ଥାନାନ୍ତର, ରେକର୍ଡ ଓ ସମ୍ପତ୍ତି ପରିଚାଳନା ନିମନ୍ତେ ଓଡ଼ିଶା ସର୍କଲର ଚିଫ୍ ପୋଷ୍ଟମାଷ୍ଟର ଜେନେରାଲ ଆବଶ୍ୟକ ପଦକ୍ଷେପ ନେବେ। ଏହି ପୁନର୍ଗଠନ ପ୍ରକ୍ରିୟାର ଆର୍ଥିକ ଓ କାର୍ଯ୍ୟକ୍ଷମତା ସମୀକ୍ଷା ବର୍ଷକ ପରେ କରାଯିବ ବୋଲି ନିର୍ଦ୍ଦେଶନାମାରେ ସ୍ପଷ୍ଟ କରାଯାଇଛି।

# ଦଶହରାକୁ ନେଇ ଦ୍ୱନ୍ଦ୍ୱ

■ ପୀଠେ ଦଶହରା ଅକ୍ଟୋବର ୨୦
■ ଶ୍ରୀମନ୍ଦିରରେ ୨୧ରେ ବିଜୟା ଦଶମୀ ଓ ଆୟୁଧ ପୂଜା
■ ପଞ୍ଜିକାରେ ତିଥି ଉଲ୍ଲେଖକୁ ନେଇ ପ୍ରଶ୍ନ ଉଠାଇଲେ ଜ୍ୟୋତିର୍ବିଦ୍

■ ପୁରୀ,୧୩।୧୦(ସମିସ): ଦଶହରା ପାଳନକୁ ନେଇ ଏଥର ଦ୍ୱନ୍ଦ୍ୱ ଦେଖାଦେଇଛି। କେଉଁ ଦିନ ପାଳନ ହେବ ଦଶହରା? ପଞ୍ଜିକାରେ ପୀଠେ ଦଶହରା ଅକ୍ଟୋବର ୨୦ ତାରିଖରେ ଉଲ୍ଲେଖ ଥିବାବେଳେ ଶ୍ରୀମନ୍ଦିର ବାର୍ଷିକ ପର୍ବପର୍ବାଣିରେ ଅକ୍ଟୋବର ୨୧ ତାରିଖକୁ ବିଜୟା ଦଶମୀ ଓ ଦଶହରା ଭାବେ ଦର୍ଶାଯାଇଛି। ତିଥି ଓ ପାଳନକୁ ନେଇ ଏଭଳି ଭିନ୍ନତା ସାଧାରଣ ଲୋକଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରିଛି। ଏହାକୁ ନେଇ ଜ୍ୟୋତିର୍ବିଦ୍ ତଥା ପଞ୍ଜିକା ସମୀକ୍ଷକ ହରିଶଙ୍କର ମିଶ୍ର ପ୍ରଶ୍ନ ଉଠାଇଛନ୍ତି।

ଶ୍ରୀ ମିଶ୍ରଙ୍କ ମତରେ, ମୁକ୍ତିମଣ୍ଡପ ପଣ୍ଡିତ ସଭା ଅନୁମୋଦିତ ପଞ୍ଜିକାରେ ପୀଠେ ଦଶହରା ଅକ୍ଟୋବର ୨୦ ତାରିଖରେ ଉଲ୍ଲେଖ ରହିଛି। ତେଣୁ ଆଶ୍ୱିନ ଶୁକ୍ଳ ଦଶମୀ ତିଥିରେ ଅଭିଜିତ୍ ନକ୍ଷତ୍ର ଅନୁଯାୟୀ ସେହିଦିନ ଦଶହରା ପାଳନ କରିବା ବିଧେୟ। ଶ୍ରୀମନ୍ଦିରରେ ମା' ବିମଳା ବିରାଜମାନ କରୁଥିବାରୁ ପୀଠ ପରମ୍ପରା ଅନୁଯାୟୀ ଅକ୍ଟୋବର ୨୦ ତାରିଖରେ ହିଁ ଦଶହରା ପାଳନ ହେବା ଉଚିତ୍ ବୋଲି ସେ ମତ ଦେଇଛନ୍ତି। ଅନ୍ୟପକ୍ଷରେ, ଅକ୍ଟୋବର ୨୧ ତାରିଖରେ ଶ୍ରୀମନ୍ଦିରରେ ପାଳନ ହେଉଥିବା ପର୍ବକୁ ଦଶହରା ବଦଳରେ ବିଜୟା ଦଶମୀ ଓ ଆୟୁଧ ପୂଜା ଭାବେ ଉଲ୍ଲେଖ କରିବା ଉଚିତ୍ ବୋଲି ଶ୍ରୀ ମିଶ୍ର କହିଛନ୍ତି। ତାଙ୍କ ମତରେ, ଉତ୍କଳୀୟ ପୀଠ ପୂଜା ପରମ୍ପରା ଅନୁଯାୟୀ ଦଶମୀ ତିଥିରେ ଦଶହରା ପାଳନ କରାଯାଏ। ଅନ୍ୟପଟେ, ଅକ୍ଟୋବର ୨୧ରେ ମୃଣ୍ମୟ ଦୁର୍ଗାମୂର୍ତ୍ତିଙ୍କ ପୂଜା ବଙ୍ଗୀୟ ପଦ୍ଧତିରେ ହେଉଥିବାରୁ ସେହି ପରମ୍ପରାରେ ଦଶହରା ପାଳନ କରାଯାଉଛି। ତେବେ ଏହା ଉତ୍କଳୀୟ ପରମ୍ପରାର ଆଧାରରେ ନୁହେଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଭବିଷ୍ୟତରେ ଏଭଳି ତିଥିଗତ ଦ୍ୱନ୍ଦ୍ୱ ଓ ବିଭ୍ରାନ୍ତି ଏଡ଼ାଇବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ବାର୍ଷିକ ପର୍ବପର୍ବାଣି ତାଲିକାରେ 'ଆୟୁଧ ପୂଜା' ଓ 'ବିଜୟା ଦଶମୀ' ଉଲ୍ଲେଖ କରିବା ଉଚିତ୍ ବୋଲି ଜ୍ୟୋତିର୍ବିଦ୍ ହରିଶଙ୍କର ମିଶ୍ର ପରାମର୍ଶ ଦେଇଛନ୍ତି। ଏପରି ଉଲ୍ଲେଖ ରହିଲେ ଦଶହରା ପାଳନକୁ ନେଇ ଭକ୍ତ ଓ ସାଧାରଣ ଲୋକଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଦୂର ହୋଇପାରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

## ବାର୍ହା ଫାଶରେ ଲାଗି ଯୁବକ ମୃତ

■ ସାନଖେମୁଣ୍ଡି,୧୩।୧୦(ସମିସ) : ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ପାଟପୁର ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ବାର୍ହା ଫାଶରେ ଲାଗି ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତକ ଜଣଙ୍କ ହେଲେ ପାଟପୁର ଥାନା ପ୍ରତାପଗିରି ଗ୍ରାମର ମେହେଙ୍କାଳ ନାୟକ। ସୂଚନା ମୁତାବକ ସୋମବାର ସଂଧ୍ୟାରେ ମେହେଙ୍କାଳ ନିଜ ଘର କାମ କରିବା ପାଇଁ ଗଙ୍ଗାପୁର ପଞ୍ଚାୟତ ଭାଲୁପଲ୍ଲୀ ଗ୍ରାମକୁ ମିସ୍ତ୍ରି ସନ୍ଧାନରେ ଯାଇଥିଲେ। ମିସ୍ତ୍ରି ବୁଝିସାରି ଘରକୁ ଆସିବା ବେଳେ ଭାଲୁପଲ୍ଲୀ ଗ୍ରାମ ନିକଟରେ ଥିବା ଏକ କଲଭର୍ଟ ପାଖ ଚାଷ ଜମିକୁ ଗୋଡ଼ ଧୋଇବା ପାଇଁ ଯାଇଥିବା ବେଳେ ସେହି କଲଭର୍ଟ ନିକଟରେ ବାର୍ହା ଶିକାର ପାଇଁ ଲଗାଯାଇଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଯାଇଥିଲେ। ଫଳରେ ମେହେଙ୍କାଳ ଛିଟିକି ହୋଇ ପଡ଼ିଯାଇଥିଲେ। ସେହି ରାସ୍ତା ଦେଇ ଯାଉଥିବା ଲୋକେ ମେହେଙ୍କାଳକୁ ଉଦ୍ଧାର କରି ସ୍ଥାନୀୟ ଆଡ଼ପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। କିନ୍ତୁ ଡାକ୍ତର ମେହେଙ୍କାଳକୁ ମୃତ ଘୋଷଣା କରିଥିଲେ। ଏ ନେଇ ମେହେଙ୍କାଳଙ୍କ ବାପା ନକୁଳ ନାୟକ ପାଟପୁର ଥାନାରେ ଅଭିଯୋଗ କରିବା ପରେ ପାଟପୁର ଥାନା ଅଧିକାରୀ ଦୀପ୍ତି ରଞ୍ଜନ ବେହେରା ୩୩୧/୨୬ ରେ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିଲେ। କିଏ ବାର୍ହା ଶିକାର ପାଇଁ ତାର ବିଛାଇଥିଲା ତଦନ୍ତ କରିବା ପରେ ଅଭିଯୁକ୍ତକୁ ଗିରଫ କରାଯିବା ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି। ପୂର୍ବରୁ ବାର୍ହା ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ ତାର ସ୍ପର୍ଶରେରେ ହାତୀର ମୃତ ହୋଇଥିବା ବେଳେ ଅନେକ ଗାଈଗୋରୁଙ୍କ ଜୀବନ ଗଲାଣି। ତଥାପି ବନ ବିଭାଗ କୌଣସି ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନେଉନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

## ଗୋଟିଏ ଓଢ଼ଣୀରେ ଝୁଲିପଡ଼ିଲେ ଦମ୍ପତି



■ ଖଡ଼ିଆଳ,୧୩।୧୦(ସମିସ): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଥାନା ଅଧୀନ ଦୁଆଝର ପଞ୍ଚାୟତର ଭୀମାଖୋଲ ଗ୍ରାମରେ ଏକ କୋଠରିରୁ ଦମ୍ପତିଙ୍କ ମୃତଦେହ ହୋଇଛି। ମୃତକ ହେଲେ ସଂକୀର୍ତ୍ତନ ଗହୀର (୨୩) ଓ ତାଙ୍କ ସ୍ତ୍ରୀ ସୁଭଦ୍ରା ଗହୀର (୨୦)। ସୂଚନା ଅନୁଯାୟୀ, ସଂକୀର୍ତ୍ତନଙ୍କ ମୃତଦେହ ଖଟଉପରେ ଗୋଡ଼ବନ୍ଧା ଅବସ୍ଥାରେ ପଡ଼ିଥିବାବେଳେ ତାଙ୍କ ସ୍ତ୍ରୀଙ୍କ ମୃତଦେହ କୋଠରି ଭିତରେ ଓଢ଼ଣୀରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ଉଭୟେ ରାତିରେ ଖାଇ ଶୋଇଥିବାବେଳେ ସକାଳ ପ୍ରାୟ ୭ଟା ପର୍ଯ୍ୟନ୍ତ ଉଠି ନ ଥିଲେ। ସନ୍ଦେହ ହେବାରୁ ସଂକୀର୍ତ୍ତନଙ୍କ ମାଆ ରୁକ୍ମିଣୀ ଗହୀର ଘରର ସିଡ଼ି ରାସ୍ତା ଦେଇ ଭିତରକୁ ପ୍ରବେଶ କରିଥିଲେ। ସେଠାରେ ପୁଅ ଓ ବୋହୂଙ୍କ ମୃତଦେହ ଦେଖି ଅନ୍ୟମାନଙ୍କ ସହାୟତାରେ ପୁଲିସକୁ ଖବର ଦେଇଥିଲେ। ତେବେ ଦମ୍ପତିଙ୍କ ମୃତ୍ୟୁର ପ୍ରକୃତ କାରଣ ଏଯାଏଁ ସ୍ପଷ୍ଟ ହୋଇନାହିଁ। ଖବରପାଇ ଖଡ଼ିଆଳ ଏସ୍‌ଡିପିଓ ଉପେନ୍ଦ୍ର ପ୍ରଧାନ ଓ ଥାନା ଅଧିକାରୀ ସୁମନ୍ତ ନାଏକ ପୁଲିସ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ ରିପୋର୍ଟପରେ ଘଟଣାର ପ୍ରକୃତ କାରଣ ସ୍ପଷ୍ଟହେବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଏହି ଘଟଣାରେ ସଂକୀର୍ତ୍ତନଙ୍କ ମାଆ ଅଭିଯୋଗ କରିଛନ୍ତି ଯେ ତାଙ୍କ ବୋହୂ ସୁଭଦ୍ରା ତାଙ୍କ ସ୍ୱାମୀକୁ ମାରିବା ପରେ ନିଜେ ଆତ୍ମହତ୍ୟା କରିଛି।

**ଆଜି ଛତିଶା ନିଯୋଗ ବୈଠକ**

## କାର୍ତ୍ତିକ ମାସ ବାଲଧୂପ ନୀତି ନିର୍ଘଣ୍ଟ ହେବ

■ ପୁରୀ,୧୩।୧୦(ସମିସ): ବୁଧବାର ଅନୁଷ୍ଠିତ ହେବ ଶ୍ରୀମନ୍ଦିର ଛତିଶା ନିଯୋଗ ବୈଠକ। ଅପରାହ୍ଣ ୫ଟାରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ହେବାକୁ ଥିବା ବୈଠକରେ ଉପମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ଅଧ୍ୟକ୍ଷତା କରିବେ। ଏଥିରେ ମୁଖ୍ୟତଃ କାର୍ତ୍ତିକ ମାସ ବାଲଧୂପ ନୀତି ନିର୍ଘଣ୍ଟ ହେବ। ଯେହେତୁ କାର୍ତ୍ତିକ ମାସରେ ହବିଷ୍ୟାଳିଙ୍କ ସମେତ ଭକ୍ତମାନେ ଅଧିକ ସଂଖ୍ୟାରେ ଆସିବେ ତେଣୁ ନୀତିକାନ୍ତି କିପରି ଠିକ୍ ଭାବେ ସମ୍ପନ୍ନ ହେବ ତା' ଉପରେ ଆଲୋଚନା କରାଯାଇ ନିର୍ଘଣ୍ଟ କରାଯିବ। ବ୍ରତଧାରୀମାନେ କିପରି ମହାପ୍ରଭୁଙ୍କୁ ଭଲ ଭାବେ ଦର୍ଶନ କରିପାରିବେ, ମହାପ୍ରସାଦ ଠିକ୍ ସମୟରେ ବାହାରିବ ସେ ନେଇ ଆଲୋଚନା କରାଯିବ।

### ଓଲଟ ପାଲଟ



ଦେଉଳକୁ ମୁଖଶାଳା ବଳିଗଲା
କଲେଜର ନିର୍ବାଚନ,
ହୋ ହଲ୍ଲା ପାଇଁ କଲେଜ କ୍ୟାମ୍ପସ
ପ୍ରତି କ୍ଷଣ କମ୍ପମାନ।
ପ୍ରାର୍ଥୀଙ୍କ ପ୍ରଚାର ଶୁଭେ ମୁର୍ଦ୍ଦାବାଦ
ତା ସହିତ ଜୟ ଗାନ,
କାହିଁ ବୋମା ମାଡ଼ କାହିଁ ଅଣ୍ଡା ମାଡ଼
କାହିଁ ମିଠାଇ ବଣ୍ଟନ।
ଦେଖିଏ ଘଟଣା ଆଖି ମଳି ମଳି
କାନ୍ଦୁ ଅଛି ସମ୍ବିଧାନ॥

- ଯାଯାବର

## ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ, ପ୍ରଧାନଶିକ୍ଷକ ଗିରଫ

■ ଶୁକ୍ରୁଳି, ୧୩।୧୦(ସମିସ): ମୟୂରଭଞ୍ଜରେ ଲଜ୍ଜା। ପୁଣି ପ୍ରଧାନଶିକ୍ଷକଙ୍କ ନାମରେ ଅସଦାଚରଣ ଅଭିଯୋଗ ଆସିଛି। ବାଙ୍ଗିରିପୋଷି ବ୍ଲକ ଶ୍ୟାମସୁନ୍ଦରପୁର ଏକଲବ୍ୟ ବିଦ୍ୟାଳୟର ଘଟଣା ମନରୁ ନ ଲିଭୁଣୁ ଆଉଜଣେ ପ୍ରଧାନଶିକ୍ଷକଙ୍କ କଳା କାରନାମା ସାମ୍ନାକୁ ଆସିଛି। ଘାଗି ଆଶ୍ରମ ବିଦ୍ୟାଳୟରେ ଏହି ଘଟଣା ଘଟିଛି। ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ ବାରିପଦାରୁ ଗିରଫ ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ଗତ ସେପ୍ଟେମ୍ବର ୨୫ ତାରିଖରେ ଶୁକ୍ରୁଳି ବ୍ଲକ ଘାଗି ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀକୃଷ୍ଣ ପାତ୍ର ଜଣେ ଷଷ୍ଠ ଶ୍ରେଣୀ ଛାତ୍ରୀଙ୍କୁ ତାଙ୍କ କାର୍ଯ୍ୟାଳୟର କବାଟ ଝରକା ବନ୍ଦ କରିବାକୁ ଡାକି ଛାତ୍ରୀଙ୍କୁ ଅସଦାଚରଣ କରିଥିଲେ। ପୀଡିତା ଘଟଣା ବିଷୟରେ ହଷ୍ଟେଲର ଦୁଇଜଣ ମେଟ୍ରୋନଙ୍କୁ କହିଥିଲେ। ସେମାନେ ଏହାକୁ ଚାପିଦେବାକୁ ଉଦ୍ୟମ କରିଥିଲେ। ଗତକାଲି ଫୋନ୍ ଯୋଗେ ପୀଡିତା ଛାତ୍ରୀ ତାଙ୍କ ଅଭିଭାବକଙ୍କୁ କହିବା ପରେ ପ୍ରଧାନଶିକ୍ଷକଙ୍କ କଳା କାରନାମା ସାମ୍ନାକୁ ଆସିଛି। ଏ ଘଟଣାକୁ ନେଇ ରରୁଆଁ ଥାନାରେ ପ୍ରଧାନଶିକ୍ଷକ ଶ୍ରୀକୃଷ୍ଣ ପାତ୍ରଙ୍କ ନାମରେ ଏକ ଲିଖିତ ଅଭିଯୋଗ କରିଛନ୍ତି ପୀଡିତା ଛାତ୍ରୀଙ୍କ ବାପା। ପୁଲିସ ବିଦ୍ୟାଳୟକୁ ଯାଇ ଅଧିକ ତଦନ୍ତ କରି ବିଏନଏସ ଧାରା ୨୦୬/୭୫, ୭୭, ୭୮ ଓ ଆରଡବ୍ଲୁଏସ ଧାରା ୮, ୧୦, ୧୨ ଓ ପକ୍‌ସୋ ଆକ୍ଟ ଅନୁଯାୟୀ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଏ ଖବର ପାଇ ପ୍ରଧାନଶିକ୍ଷକ ଶ୍ରୀ ପାତ୍ର ଫେରାର ହୋଇଯାଇଥିଲେ। ତେବେ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ମରି ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କୁ ବାରିପଦାରୁ ଗିରଫ କରିଛି।


4001/369/2627

**ଟେଣ୍ଟହାଉସ୍ ମାଲିକ ଏବଂ କର୍ମଚାରୀଙ୍କ ପାଇଁ ବିଦ୍ୟୁତ୍ ସୁରକ୍ଷା ସମ୍ବନ୍ଧୀୟ ପରାମର୍ଶ**

- ଅସ୍ଥାୟୀ ପୂଜା ପେଣ୍ଡାଲ ନିର୍ମାଣ ପୂର୍ବରୁ ଆୟୋଜକମାନଙ୍କଠାରୁ ସୁନିଶ୍ଚିତ କରାନ୍ତୁ ଯେ ସ୍ଥାନୀୟ ବିଦ୍ୟୁତ୍ ବିତରଣ କାର୍ଯ୍ୟାଳୟରୁ ଆବଶ୍ୟକୀୟ ଅନୁମତି ନିଆଯାଇଅଛି।
- ବିଦ୍ୟୁତ୍ ଲାଇନ୍ ତଳେ କିମ୍ବା ନିକଟରେ ପୂଜା ମଣ୍ଡପ ନିର୍ମାଣ ଏବଂ ସାଜସଜ୍ଜା କରନ୍ତୁ ନାହିଁ।
- ବିଦ୍ୟୁତ୍ ଖୁଣ୍ଟ, ସବଷ୍ଟେସନ୍ କିମ୍ବା ଷ୍ଟେ ତାରକୁ ସାଜସଜ୍ଜାରେ କାର୍ଯ୍ୟରେ ବ୍ୟବହାର କରନ୍ତୁ ନାହିଁ।
- ଲାଇଟ୍, ପଙ୍ଖା, ଏସି, ସାଉଣ୍ଡ ସିଷ୍ଟମ୍ ଏବଂ ଅନ୍ୟାନ୍ୟ ବୈଦ୍ୟୁତିକ ଉପକରଣ ନିମନ୍ତେ ଉପଯୁକ୍ତ ୱାରିଙ୍ଗ୍ କରନ୍ତୁ।
- ଯଥା ସମ୍ଭବ ବିଦ୍ୟୁତ୍ ତାରରେ କୌଣସି ପ୍ରକାର ଜଏଣ୍ଟ ରଖନ୍ତୁ ନାହିଁ ଏବଂ ଆବଶ୍ୟକ ସ୍ଥଳେ ବିଦ୍ୟୁତ୍ କୁପରିବାହୀ ଟେପ୍ ବ୍ୟବହାର କରନ୍ତୁ।
- ବିଦ୍ୟୁତ୍ ଆଘାତରୁ ସୁରକ୍ଷା ନିମନ୍ତେ RCCB ବ୍ୟବହାର କରନ୍ତୁ।
- ଉପଯୁକ୍ତ ରେଟିଙ୍ଗ୍‌ର ISI ମାନକଯୁକ୍ତ ଉପକରଣ ଯଥା ତାର, କେବୁଲ୍, ସର୍କିଟ୍ ବ୍ରେକର ଏବଂ ଅନ୍ୟାନ୍ୟ ଉପକରଣ ବ୍ୟବହାର କରନ୍ତୁ।
- ଖୋଲା ସ୍ଥାନରେ ବ୍ୟବହୃତ ବୈଦ୍ୟୁତିକ ଉପକରଣ ଗୁଡିକୁ ପାଣି ଓ ବର୍ଷାରୁ ସୁରକ୍ଷା ନିମନ୍ତେ, ଉପଯୁକ୍ତ IP (IP ୬୫/IP ୬୬/IP ୫୫) ମାନକଯୁକ୍ତ ଥିବା ଉପକରଣ ବ୍ୟବହାର କରନ୍ତୁ।
- ଅସ୍ଥାୟୀ ଡିଜି ସେଟ୍ ବ୍ୟବହାର କରୁଥିଲେ ସଠିକ୍ ଆର୍ଥିଙ୍ଗ୍ ଏବଂ ଚେଞ୍ଜଓଭର ସୁଇଚ୍ ବ୍ୟବହାର କରନ୍ତୁ।
- ବୈଦ୍ୟୁତିକ କାର୍ଯ୍ୟ ତାଲିମପ୍ରାପ୍ତ ଇଲେକ୍ଟ୍ରିସିଆନ୍‌ଙ୍କ ଦ୍ୱାରା କରାନ୍ତୁ ଏବଂ କାମ କରିବା ସମୟରେ ବ୍ୟକ୍ତିଗତ ସୁରକ୍ଷା ଉପକରଣ ବ୍ୟବହାର ସୁନିଶ୍ଚିତ କରାନ୍ତୁ।



" ଆଜିର ସଚେତନତା, ଆସନ୍ତାକାଲିର ସୁରକ୍ଷା "

ଶକ୍ତି ବିଭାଗ, ଓଡ଼ିଶା ସରକାର
ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ତଥା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ

OIPR-4001/4066/2/26-27/0004

ସକାଳ
THE SAKALA



● ଧାରଣାରେ ବସିବା ପୂର୍ବରୁ ମଞ୍ଚ ଭାଙ୍ଗି ଦେଲେ ଦୁର୍ବୃତ୍ତ

# ବର୍ଷା ଜଳ ନିଷ୍କାସନ ଦାବିରେ କୃଷକଙ୍କ ଧାରଣା



କୁଆଖିଆ,୧୩।୧୦(ସମିସ): ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ ଅନ୍ତର୍ଗତ ଓଡିଶୋ ଅଣ୍ଡେଇଗୋଡା ଗ୍ରାମରେ ଏକ କୃଷକ ସଭାକୁ ଦୁର୍ବୃତ୍ତମାନେ ଭଣ୍ଡୁର କରିବାକୁ ଉଦ୍ୟମ କରିଛନ୍ତି। କୃଷକମାନେ ଧାରଣା ଦେବା ପୂର୍ବରୁ ସେମାନେ ରାତି ଅଧରେ ଯାଇ ମଞ୍ଚ ଓ ଟେଣ୍ଟକୁ ଭାଙ୍ଗିଦେଇଥିଲେ। ପ୍ରତ୍ୟୁଷରୁ ଭଙ୍ଗା ଟେଣ୍ଟ ଦେଖି କୃଷକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। କୁଆଖିଆ ଥାନାଧିକାରୀ ସୁଶାନ୍ତ କୁମାର ସେଠୀ ଘଟଣା ସ୍ଥଳରେ ପହଞ୍ଚି ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ପରାମର୍ଶ ଦେବା ସହିତ କୃଷକମାନଙ୍କ ସହିତ ଆଲୋଚନା କରି ଫେରିଯାଇଥିଲେ। ଧାରଣା ଶେଷ ପର୍ଯ୍ୟନ୍ତ ପୁଲିସ ସେଠାରେ ଉପସ୍ଥିତ ଥିଲେ। ଏଭଳି ଅସାମାଜିକ କାର୍ଯ୍ୟକୁ ଉପସ୍ଥିତ କୃଷକ କଡା ଶବ୍ଦରେ ନିନ୍ଦା କରିଥିଲେ। ପୂର୍ବାହ୍ନରେ ଗ୍ରାମର ବରିଷ୍ଠ କୃଷକ କାହ୍ନୁଚରଣ ରାଉତଙ୍କ ନେତୃତ୍ୱରେ ବର୍ଷା ଜଳ ନିଷ୍କାସନ ଦାବି ନେଇ ଧାରଣା ଦିଆଯାଇଥିଲା। ରସୁଲପୁର ବିଡିଓ ସତ୍ୟାନନ୍ଦ ଦାଶ ବର୍ଷା ଜଳ ନିଷ୍କାସନ ନିମନ୍ତେ ବ୍ଲକ ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରିବାର ପ୍ରତିଶ୍ରୁତି ଦେବା ପରେ କୃଷକମାନେ ଅପରାହ୍ନ ୪ଟାରେ ଧାରଣାରୁ ଉଠିଥିଲେ। ଓଡ଼ିଶୋ ସରପଞ୍ଚ ଜିତେନ୍ଦ୍ର ନାୟକ, ସମିତିସଭ୍ୟ କାଳୀପ୍ରଶନ୍ନ ସାମଲ, ପୂର୍ବତନ ସମିତିସଭ୍ୟ ସୁମନ୍ତ କୁମାର ପଣ୍ଡା, ରସୁଲପୁର ବ୍ଲକ କଂଗ୍ରେସ ସଭାପତି ମିହିର ମିଶ୍ର, ଯାଜପୁର କିଶାନ କଂଗ୍ରେସ ସଭାପତି ଶ୍ରୀକାନ୍ତ ମହାନ୍ତି ପ୍ରମୁଖ ଯୋଗଦେଇ କୃଷକଙ୍କ ସମସ୍ୟା ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ନିଜ ଅଭିଭାଷଣରେ କହିଥିଲେ। ଗ୍ରାମ ମଠ ପୋଖରୀ ହୁଡା ଛକଠାରେ ଯୁବ ସମାଜସେବୀ ମନୋଜ କୁମାର ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ କୃଷକ ଧାରଣା ଓ ପ୍ରତିବାଦ ସଭାରେ 'ବର୍ଷାଜଳ ନିଷ୍କାସନ କ୍ରିୟାନୁଷ୍ଠାନ କମିଟି'ର ସଭାପତି ଗଣେଶ୍ୱର ପଣ୍ଡା, ସଂପାଦକ ବୀରକିଶୋର ପାତ୍ର, କୋଷାଧ୍ୟକ୍ଷ ସତ୍ୟାନନ୍ଦ ପଣ୍ଡା ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।ଗ୍ରାମର ବରିଷ୍ଠ କୃଷକ ପିତବାସ ନାୟକ, ଶଶଧର ବାରିକ, ଭାସ୍କର ପାତ୍ର, ଦୁର୍ଯ୍ୟୋଧନ ସାମଲ, ଗିରିଧାରୀ ରାଉତ, କେଶବ ଚରଣ ପଣ୍ଡା, ଭାସ୍କର ସାହୁ, ଶ୍ରୀଧର ସାହୁ, ଭୀମସେନ ନାୟକ, କାଶିନାଥ ପଣ୍ଡା, ନିଳମଣି ନାୟକ, ସୁଜାତା ପଣ୍ଡା, ବିନୋଦ ବିହାରୀ ପଣ୍ଡା, ସର୍ବେଶ୍ୱର ପଣ୍ଡା, ମନମୋହନ ନାୟକ, ରାମଚନ୍ଦ୍ର ପଣ୍ଡା, ଜିତେନ୍ଦ୍ର ସାହୁ, ବରଦା କାଣ୍ତି ପ୍ରମୁଖ ଶତାଧିକ କୃଷକ ଧାରଣାରେ ବସିଥିଲେ।

ଜାରକା ଦୁର୍ଗା ଉତ୍ସବ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ

# ଅନନ୍ୟା, ସୁହାନୀ, ନିକିତା, ଜ୍ୟୋତିର୍ମୟୀଙ୍କ ସଂଗୀତରେ ଜମିବ ଆସର



ଧର୍ମଶାଳା,୧୩।୧୦(ସମିସ): ଧର୍ମଶାଳା ବ୍ଲକ ଜାରକାସ୍ଥିତ ମହୋତ୍ସବ ପଡିଆରେ ଧର୍ମଶାଳ ମହୋତ୍ସବ ପୂଜା କମିଟି ପକ୍ଷରୁ ୬୦ତମ ଶାରଦୀୟ ଦୁର୍ଗା ଉତ୍ସବ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। କାରିଗରମାନଙ୍କ ଦ୍ୱାରା ମା'ଙ୍କ ମୃଣ୍ମୟୀ ମୂର୍ତ୍ତୀ ପ୍ରସ୍ତୁତି ଜୋରସୋରରେ ଆଗେଇ ଚାଲିଥିବା ବେଳେ ୧୬ ତାରିଖ ଶୁକ୍ରବାର ବିଲ୍ୱାଧିବାସ ଅନୁଷ୍ଠିତ ହେବ। ୧୭ ତାରିଖ ଶନିବାର ମା'ଙ୍କର ମହାସ୍ତମୀ ପୂଜା ଓ କଳସ ଅଧିବାସ ଏବଂ ମଧ୍ୟାହ୍ନ ୧୨ ଘଟିକାରେ ମା'ଙ୍କର ଚକ୍ଷୁଦାନ କରାଯିବ। ୧୮ ତାରିଖ ରବିବାର ମହାଷ୍ଟମୀ ପୂଜା ଆରମ୍ଭ ହେବା ସହିତ ନିଶବ୍ଦ ରାତିରେ ବଳିଦାନ କରାଯିବ। ୧୯ ତାରିଖ ସୋମବାର ଦିବା ୧୦.୪୫ ମିନିଟ ପର୍ଯ୍ୟନ୍ତ ମହାଷ୍ଟମୀ ପୂଜା ଓ ପରେ ସନ୍ଧିପୂଜା ଅନୁଷ୍ଠିତ ହେବ। ସେହିପରି ୨୦ ତାରିଖ ମଙ୍ଗଳବାର ଦିବା ୧୨.୩୫ ମିନିଟ ପର୍ଯ୍ୟନ୍ତ ମା'ଙ୍କର ମହାନବମୀ ପୂଜା ଅନୁଷ୍ଠିତ ହେବ। ୨୧ ତାରିଖ ବୁଧବାର ମା'ଙ୍କ ବିଜୟାଦଶମୀ ଓ ଅପରାଜିତା ପୂଜା, ୨୨ ତାରିଖ ଗୁରୁବାର ଭସାଣି ଉତ୍ସବ ଅନୁଷ୍ଠିତ ହେବ। ଚଳିତ ବର୍ଷ ପୂଜାକୁ ଅଧିକ ଆକର୍ଷଣୀୟ କରିବା ଲାଗି ମହୋତ୍ସବ ପଡ଼ିଆକୁ ସଜାଇ ଦିଆଯାଇଥିବା ବେଳେ ମା'ଙ୍କ ମଣ୍ଡପ ସମ୍ମୁଖରେ ସୁଉଚ୍ଚ ତୋରଣ ଓ ରଙ୍ଗିନ ଆଲୋକମାଳାରେ ସଜାଇ ଦିଆଯାଇଛି।

୧୭ ତାରିଖରୁ ପୂଜା ଶେଷ ଯାଏଁ ଚାରି ଦିନ ବ୍ୟାପୀ ପ୍ରତ୍ୟେକ ସନ୍ଧ୍ୟାରେ ଓଲିଉଡ ଓ ବଲିଉଡ କଳାକାରମାନଙ୍କ ଦ୍ୱାରା ସଙ୍ଗୀତ ଓ ନୃତ୍ୟ ପ୍ରଦର୍ଶନ କରାଯିବା ସହ ଡିଜେ ଲାଇଟ ଓ ଦାଣ୍ଡିଆ ନାଚ ପ୍ରଦର୍ଶନ କରାଯିବ। ୧୭ ତାରିଖ ସନ୍ଧ୍ୟାରେ ଗାୟିକା ଅନନ୍ୟା ଶ୍ରୀତମ ମିଶ୍ର ଓ ତାଙ୍କ ସାଥୀ କଳାକାରମାନଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯିବ। ୧୮ ତାରିଖରେ ବି-ୱାନ ବଲିଉଡ ଓ ଗାୟିକା ସୁହାନୀ ମିଶ୍ର ଓ ତାଙ୍କ ସାଥୀ କଳକାରମାନଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯିବ। ୧୯ ତାରିଖ ସନ୍ଧ୍ୟାରେ ବଲିଉଡ ଗାୟିକା ନିକିତା ଗାନ୍ଧୀ ଓ ତାଙ୍କ ସାଥୀମାନେ ସଙ୍ଗୀତ ପରିବେଷଣ କରିବେ। ୨୦ ତାରିଖରେ ଓଡିଆ ସଙ୍ଗୀତ କଳାକାର ମଣ୍ଟୁ ଛୁରିଆ ଓ ତାଙ୍କ ସାଥୀମାନଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯିବ। ୨୧ ତାରିଖ ସନ୍ଧ୍ୟାରେ ଇଣ୍ଡିଆନ ଆଇଡଲ ବିଜୟିନୀ ଗାୟିକା ଜୋତିର୍ମୟୀ ନାୟକ ଓ ସାଥୀ ମାନଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯିବ। ଧର୍ମଶାଳା ମହୋତ୍ସବ ପୂଜା କମିଟି ପକ୍ଷରୁ ଦୁର୍ଗା ପୂଜାକୁ ସରସ ସୁନ୍ଦର କରିବା ଲାଗି ସଭାପତି ରବୀନ୍ଦ୍ର ନାରାୟଣ ସାହୁ, ସମ୍ପାଦକ ସତ୍ୟପ୍ରିୟ ମହାନ୍ତି, ଉପସଭାପତି ସର୍ବେଶ୍ୱର ବେହୁରା, ସହ ସମ୍ପାଦକ ଜିତେନ୍ଦ୍ର ରାଉତ, କୋଷାଧ୍ୟକ୍ଷ ଶରତ ଓଝା ଓ ସଂଯୋଜକ ଦେବରାଜ ମିଶ୍ର ସମେତ କମିଟିର ସଦସ୍ୟମାନେ ଲାଗିପଡିଛନ୍ତି।

# ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ଦେହାନ୍ତ

ମଇଁନ୍ଦା,୧୩।୧୦(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଘଣ୍ଟିଆଳି ଗ୍ରାମ ପଞ୍ଚାୟତର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିମାଇଁ ଚରଣ କରଙ୍କ (୭୫) ହୃଦଘାତରେ ଦେହାନ୍ତ ହୋଇଯାଇଛି। ସେ ସମଗ୍ର ବିଞ୍ଝାରପୁର ଅଞ୍ଚଳରେ ଜଣେ ରାମଚରିତ ମାନସର ପ୍ରବଚକ, ଆୟୁର୍ବେଦ ଚିକିତ୍ସକ, ଆଦର୍ଶ ଶିକ୍ଷକ ଥିଲେ। ତାଙ୍କ ଚାକିରି ଜୀବନ ଦାନଗଦି ବ୍ଲକରୁ ଆରମ୍ଭ ବିଞ୍ଝାରପୁର ବାଣିଆପାଳ ମଧ୍ୟ ଇଂରାଜୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶେଷ ହୋଇଥିଲା। ଖବର ପାଇ ଦାନଗଦି ବ୍ଲକର ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ବଳରାମ ପତି, ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ବିଦ୍ୟାସାଗର ବେହେରା, ରଶ୍ମିରଞ୍ଜନ ଧଳ, ଜଗବନ୍ଧୁ ଯେନା, ପ୍ରିୟଦର୍ଶିନୀ ପରିଡ଼ା, ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ରବିନାରାୟଣ ମହାନ୍ତି, ସମ୍ପାଦକ ସୁବାସ ନାୟକ, ଶିକ୍ଷକ ନେତା ବିଜୟକୁମାର ନାୟକ, ମୁଖ୍ୟ କିରାଣି ଅର୍ଜୁନ ଚରଣ ସାହୁ, ରାମଚନ୍ଦ୍ର ସାମଲ, ପ୍ରମୋଦା ପଟନାୟକ, ରାମଚନ୍ଦ୍ର ଦାସ, ବିପିନ ବିହାରୀ ଯେନା, ବିନୋଦ ବିହାରୀ ବେହେରା, ତ୍ରିଲୋଚନ ପତି, ଜଗନ୍ନାଥ ଧଳ, ଖରସ୍ରୋତା ପୁସ୍ତକ ମେଳାର ସଭାପତି ପଦ୍ମାକର ଗୁରୁ, ଭରତ ଚନ୍ଦ୍ର ଦାଶ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁଅ ଯଶୋବନ୍ତ କର, ଜତିନ କର, ଝିଅ ଲୋପାମୁଦ୍ରା କର, ସହଧର୍ମିଣୀ କନକଲତା କର ଉପସ୍ଥିତ ଥିଲେ। ବଡପୁଅ ମୁଖାଗ୍ନି ଦେଇଥିଲେ।



# ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପାଇଁ ସୁରକ୍ଷା କଡ଼ାକଡ଼ି

ଦାନଗଦି,୧୩।୧୦(ସମିସ): ଆସନ୍ତାକାଲି କଳିଙ୍ଗନଗର ଗସ୍ତରେ ଆସୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏଥିନେଇ ଏବେ କିଛିଦିନ ହେଲା କଳିଙ୍ଗନଗର ଚଳଚଞ୍ଚଳ ହୋଇଉଠିଛି। ସୁରକ୍ଷା ବ୍ୟବସ୍ଥାକୁ ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ କଡ଼ାକଡ଼ି କରାଯାଇଛି। ଏଥିପାଇଁ ସରକାରୀ ସ୍ତରରେ ସବୁ ପ୍ରକାର ବ୍ୟବସ୍ଥା ସରିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ ୨୨ ପ୍ଲାଟୁନ୍ ଫୋର୍ସ ମୁତୟନ ହେବେ। ସଭାସ୍ଥଳ ଓ ଗସ୍ତ କାର୍ଯ୍ୟକ୍ରମର ତଦାରଖ କରୁଛି ପ୍ରଶାସନ। ଶିଳ୍ପାଞ୍ଚଳର ଇମ୍ପା କାରଖାନାକୁ ଉଦ୍‌ଘାଟନ କରିବା ସହିତ ଜିନ୍ଦଲ କାରଖାନାର ଗୋଟିଏ ଫର୍ଣ୍ଣେସ ମଧ୍ୟ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ପରେ ତେଲିବାହାଳୀ ପଡ଼ିଆରେ ଏକ ସାଧାରଣ ସଭାରେ ଯୋଗଦେବେ ବୋଲି ସୂଚନା ମିଳିଛି।

■ ବୈତରଣୀ ବଞ୍ଚାଅ ଅଭିଯାନର ଶୁଭାରମ୍ଭ

# ବନ୍ୟାର ସ୍ଥାୟୀ ପ୍ରତିକାର ପାଇଁ ଦୀର୍ଘମିଆଦି ଯୋଜନା ଜରୁରୀ

ଦଶରଥପୁର,୧୩।୧୦(ସମିସ): ପୂର୍ବବର୍ଷ ଭଳି ଚଳିତ ବର୍ଷ ବୈତରଣୀ ନଦୀରେ ଆସିଥିବା ବନ୍ୟା ଯୋଗୁଁ ଜିଲ୍ଲାର ବ୍ୟାପକ ଅଞ୍ଚଳ କ୍ଷତିଗ୍ରସ୍ତ ହୋଇଛି। ବିଶେଷକରି ଯାଜପୁର ପୌରାଞ୍ଚଳ ଓ ଦଶରଥପୁର ବ୍ଲକ ଅଞ୍ଚଳରେ ବୈତରଣୀ ଓ ତାର ଶାଖା କାଣୀ ନଦୀ ଯୋଗୁଁ ଜୀବନ ଓ ଜୀବିକା ପ୍ରଭାବିତ ହୋଇଛି। ସମାଜସେବୀ ସରୋଜ ବିଶ୍ୱାଳଙ୍କ ଆବାହକତ୍ୱରେ ଝୁମ୍ପୁରୀ ବଜାରଠାରେ 'ବୈତରଣୀ-କାଣୀ ସମସ୍ୟା ଓ ସମାଧାନ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ନଦୀଦ୍ୱୟ ଯୋଗୁଁ ସୃଷ୍ଟି ସମସ୍ୟା, ବନ୍ୟାର ସ୍ଥାୟୀ ପ୍ରତିକାର, ଚଳିତ ବର୍ଷ ବନ୍ୟାରେ କ୍ଷୟକ୍ଷତି, ଘାଇ ସୃଷ୍ଟିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସଂପର୍କରେ ଯାଜପୁର ସହର ଦଶରଥପୁର ବ୍ଲକର ବିଭିନ୍ନ ଦଳର ରାଜନେତା, ଜନପ୍ରତିନିଧି, ସମାଜସେବୀ, ସାହିତ୍ୟିକ, ସାମ୍ବାଦିକ, ଆଇନଜୀବୀ, କୃଷକ ତଥା ବନ୍ୟା ପ୍ରପୀଡ଼ିତ ଯୋଗଦେଇ ମତ ରଖିଥିଲେ। ସରକାର ପ୍ରତିବର୍ଷ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ ଏହି ବନ୍ୟାର ସ୍ଥାୟୀ ପ୍ରତିକାର ହୋଇପାରୁନଥିବାରୁ ଉଦବେଗ ପ୍ରକାଶ ପାଇଥିଲା। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଦୀର୍ଘମିଆଦି ଯୋଜନାର ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ ପାଇଥିଲା। ଏଥିରେ ନୀଳମଣି ତ୍ରିପାଠୀ, ଡ. ବିଜୟ ସାମଲ, ଦେବେନ୍ଦ୍ର ପଣ୍ଡା, ବିଜୟାନନ୍ଦ ମହାନ୍ତି, ମଳୟପଣ୍ଡା, କୁଳମଣି ତ୍ରିପାଠୀ, ଦେବେନ୍ଦ୍ର ନାୟକ, ଶୈଳେନ୍ଦ୍ର ନାୟକ, ଶ୍ୟାମାସୁନ୍ଦର କର, ପ୍ରଦୀପ ମହାନ୍ତି, ମହେଶ୍ୱର ସାହୁ, ନୃସିଂହ ପଣ୍ଡା, ଦେବେନ୍ଦ୍ର ପଣ୍ଡା, ବିଜୟ ପରିଡା, ମନ୍ମଥ ମହାରଣା, ଲକ୍ଷ୍ମୀଧର ମିଶ୍ର, ଏକାଦଶୀ ତ୍ରିପାଠୀ, ପ୍ରଫୁଲ୍ଲ ଦାସ, ହିମାଂଶୁ ନାୟକ, ଦିଲୀପ ସାମଲ, ଦାମୋଦର ବେହେରା ପ୍ରମୁଖ ନିଜର ମତ ରଖିଥିଲେ। ପୂର୍ବରୁ ବନ୍ୟାପୀଡ଼ିତଙ୍କୁ ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ସମସ୍ୟାର ସମାଧାନ ହୋଇନାହିଁ। ତେବେ ନିକଟ ଭବିଷ୍ୟତରେ ବୈତରଣୀ ବଞ୍ଚାଅ ଅଭିଯାନ ପକ୍ଷରୁ ଏ ବିଷୟରେ ପଦକ୍ଷେପ ନିଆଯିବା ସହ ନଦୀ ସମସ୍ୟାର ସମାଧାନ, ବନ୍ୟାର ସ୍ଥାୟୀ ପ୍ରତିକାର ପାଇଁ ଆନ୍ଦୋଳନମ୍ୟକ ପଦକ୍ଷେପ ନିଆଯିବ ବୋଲି ଆଲୋଚନାରେ ନିଷ୍ପତି ନିଆଯାଇଛି। ଏହି ଆଲୋଚନାଚକ୍ରରେ ମନୋରଞ୍ଜନ ଯେନା, ପ୍ରମୋଦ ସାହୁ, ଜଗନ୍ନାଥ ଜେନା, ଦିଲ୍ଲିପ ଦଳାଇ ପ୍ରମୁଖ ସହଯୋଗ କରିଥିଲେ।



# ରକ୍ତାକ୍ତ ଅବସ୍ଥାରେ ଅସହାୟ ବୃଦ୍ଧ ଉଦ୍ଧାର

କୁଆଖିଆ,୧୩।୧୦(ସମିସ): କୁଆଖିଆ ଥାନା ଅଞ୍ଚଳ କୁଆଖିଆ-ମଧୁବନ ରୋଡ୍‌ରୁ ରକ୍ତାକ୍ତ ଅବସ୍ଥାରେ ଜଣେ ଅସହାୟ ବୃଦ୍ଧଙ୍କୁ ଉଦ୍ଧାର କରାଯାଇଛି। ଜଣେ ବୃଦ୍ଧ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ି ଚିତ୍କାର କରୁଥିବା କୁଆଖିଆ ଅଞ୍ଚଳର ସାମାଜିକ କର୍ମୀ ଶିଶିର କୁମାର ପଣ୍ଡା ଆଜି ଭୋର ସମୟରେ ଦେଖିବାକୁ ପାଇ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଧର୍ମଶାଳା ମେଡିକାଲ ପଠାଇ କୁଆଖିଆ ଥାନାକୁ ଖବର କରିଥିଲେ। ବୃଦ୍ଧ ଜଣକ ହରିପୁର ନରସିଂହପୁର ଗ୍ରାମର ଟୁକୁନା ଷଡ଼ଙ୍ଗୀ ବୋଲି ଜଣାପଡିଛି। ଶରୀରରେ ଗଭୀର କ୍ଷତ ଯୋଗୁଁ ଜୀବନ ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଘଟଣା ସମ୍ପର୍କରେ କୁଆଖିଆ ଥାନାରେ କୌଣସି ଅଭିଯୋଗ ହେଇନଥିବା ଜଣାପଡିଛି। ତେବେ ଏପରି ଏକ ସମ୍ବେଦନଶୀଳ ଘଟଣାରେ ବଜାର ଅଞ୍ଚଳରେ ରାତ୍ରୀ ପାଟ୍ରୋଲିଂ କଡ଼ାକଡି କରିବା ସହିତ ଏହି ଘଟଣାରେ ଦୋଷୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବୁଦ୍ଧିଜୀବୀଙ୍କ ପକ୍ଷରୁ ଦାବି ହେଉଛି।

# ପିପୁଲ୍ ଫର୍ ଚାରିଟେବୁଲ୍ ଟ୍ରଷ୍ଟର ନୂତନ କାର୍ଯ୍ୟକର୍ତ୍ତା

ଯାଜପୁର,୧୩।୧୦(ସମିସ): ସ୍ୱେଚ୍ଛାସେବୀ ଅନୁଷ୍ଠାନ ପିପୁଲ୍ ଫର ଚାରିଟେବୁଲ୍ ଟ୍ରଷ୍ଟର କାର୍ଯ୍ୟକାରିଣୀ ବୈଠକ ଓ ନୂତନ କାର୍ଯ୍ୟକର୍ତ୍ତା ଚୟନ ଯାଜପୁର ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅନୁଷ୍ଠାନର ପ୍ରତିଷ୍ଠାତା ନିର୍ମଳ କୁମାର ନନ୍ଦଙ୍କ ନିର୍ଦ୍ଦେଶକ୍ରମେ ଅଭିରାମ ଦାସଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ଅସ୍ଥାୟୀ ସଭାପତି ଭାବେ ପ୍ରିୟରଞ୍ଜନ ବାରିକ ସଭାପତିତ୍ୱ କରିଥିଲେ। ପଚାଶରୁ ଊର୍ଦ୍ଧ୍ୱ ସଦସ୍ୟଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକାରିଣୀ ବୈଠକରେ ଯୋଗଦେଇଥିବା ସଭ୍ୟମାନେ ଟ୍ରଷ୍ଟର ବିଭିନ୍ନ ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ସ୍ୱାଗତ କରିବା ସହ ଏହାକୁ ସୁଚାରୁରୂପେ ସମ୍ପାଦନ କରିବା ଦରକାର ବୋଲି ମତାମତ ଦେଇଥିଲେ। ଶେଷରେ ଅନୁଷ୍ଠାନର ନୂତନ କର୍ମକର୍ତ୍ତା ଚୟନ ପ୍ରକ୍ରିୟା କରାଯାଇ ପ୍ରତ୍ୟୁଷ କୁମାର ନାୟକଙ୍କୁ ସର୍ବସମ୍ମତକ୍ରମେ ସଭାପତି ଓ ପ୍ରିୟରଞ୍ଜନ ବାରିକଙ୍କୁ ସମ୍ପାଦକ ଭାବରେ କାର୍ଯ୍ୟକାରୀ ବୈଠକରେ ଘୋଷଣା କରାଯାଇଥିଲା। ସେହିପରି ଉପସଭାପତି ଭାବେ ରମେଶ ଚନ୍ଦ୍ର ମଲ୍ଲିକ, ସହ ସମ୍ପାଦକ ସଂଜୟ କୁମାର ବେହେରା, କୋଷାଧ୍ୟକ୍ଷ ନିହାର ରଞ୍ଜନ ସ୍ୱାଇଁ, ସହ କୋଷାଧ୍ୟକ୍ଷ ଅଭିରାମ ଦାସ ଓ ଉପଦେଷ୍ଟାଭାବେ ମୁରଲୀଧର ପାତ୍ରଙ୍କୁ ଚୟନ କରାଯାଇଥିଲା।

## କଲେଜ କ୍ୟାମ୍ପସ ବାହାରେ କଡ଼ା ସୁରକ୍ଷା ବ୍ୟବସ୍ଥା

# ଶାନ୍ତିପୂର୍ଣ୍ଣ ନିର୍ବାଚନ ପାଇଁ ପୁଲିସର ତତ୍ପରତା



ମଙ୍ଗଳପୁର/କର୍ୟାଁଗୋଲା,୧୩।୧୦(ସମିସ): ଦୀର୍ଘ ୮ବର୍ଷର ବ୍ୟବଧାନ ପରେ ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ବଢ଼ିଥିବା ବେଳେ ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ ସମ୍ପନ୍ନ କରିବା ପାଇଁ ମଙ୍ଗଳପୁର ପୁଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଦଶରଥପୁର ବ୍ଲକ ଅନ୍ତର୍ଗତ କନିକାପଡ଼ା ପଞ୍ଚାୟତରେ ଥିବା ସାଧୁ ଗୌରେଶ୍ୱର ମହାବିଦ୍ୟାଳୟ ପରିସର ବାହାରେ ପୁଲିସ ମୁତୟନ କରାଯିବା ସହ କଲେଜ ଚାରିପାଖରେ ପୁଲିସ ପଇଁତରା ଜାରି ରହିଛି। ଛାତ୍ର ସଂସଦ ନିର୍ବାଚନକୁ ନେଇ ବିଭିନ୍ନ ଛାତ୍ର ସଂଗଠନ ଓ ପ୍ରାର୍ଥୀଙ୍କ ମଧ୍ୟରେ ରାଜନୈତିକ ତତ୍ପରତା ବଢ଼ିଥିବା ବେଳେ କୌଣସି ଅପ୍ରୀତିକର ପରିସ୍ଥିତି ଏଡ଼ାଇବା ପାଇଁ ପୁଲିସ ପକ୍ଷରୁ ସତର୍କ ଦୃଷ୍ଟି ରଖାଯାଇଛି। ନିର୍ବାଚନ ପ୍ରକ୍ରିୟାରେ ଯେପରି କୌଣସି ବାହ୍ୟ ବ୍ୟକ୍ତି ହସ୍ତକ୍ଷେପ ନ କରନ୍ତି ଏବଂ ଛାତ୍ରଛାତ୍ରୀ ଭୟମୁକ୍ତ ପରିବେଶରେ ନିଜ ମତଦାନ କରିପାରନ୍ତି, ସେଥିପ୍ରତି ପୁଲିସ ଗୁରୁତ୍ୱ ଦେଉଛି। ମଙ୍ଗଳପୁର ଥାନାଧିକାରୀ ଭୁବନ ମୋହନ ସେଠୀ କହିଛନ୍ତି ଯେ, ଛାତ୍ରଛାତ୍ରୀ ବିନା ଭୟରେ ଓ ବିନା ଚାପରେ ନିଜ ପସନ୍ଦର ପ୍ରାର୍ଥୀଙ୍କୁ ଚୟନ କରନ୍ତୁ। ନିର୍ବାଚନ ସମୟରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ସହ ଆଇନଶୃଙ୍ଖଳା ପରିସ୍ଥିତି ଯେପରି ସୃଷ୍ଟି ନ ହୁଏ, ସେଥିପାଇଁ ପୁଲିସ ସଜାଗ ରହିଛି। କୌଣସି ପ୍ରକାର ଗଣ୍ଡଗୋଳ କିମ୍ବା ନିର୍ବାଚନରେ ବାଧା ସୃଷ୍ଟି କରିବା ଭଳି କାର୍ଯ୍ୟକୁ ବରଦାସ୍ତ କରାଯିବ ନାହିଁ। ପୁଲିସର ଏହି ସୁରକ୍ଷା ବ୍ୟବସ୍ଥା ଯୋଗୁଁ ମହାବିଦ୍ୟାଳୟରେ ଶାନ୍ତିପୂର୍ଣ୍ଣ ନିର୍ବାଚନ ହେବା ନେଇ ଆଶା ପ୍ରକାଶ ପାଇଛି।

# ଜାରକା ପ୍ରାଥମିକ ବିଦ୍ୟାଳୟରେ ସୁରଭି କାର୍ଯ୍ୟକ୍ରମ



ଧର୍ମଶାଳା,୧୩।୧୦(ସମିସ): ଧର୍ମଶାଳା ବ୍ଲକ୍ ଜାରକା ପ୍ରାଥମିକ ବିଦ୍ୟାଳୟରେ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରବନ୍ଧ ପ୍ରତିଯୋଗିତାରେ ପ୍ରଜ୍ଞା ପ୍ରିୟଦର୍ଶିନୀ ଜେନା, ତୁଳସୀ ବାରିକ, ରଶ୍ମିରେଖା ପ୍ରିୟଦର୍ଶିନୀ ସେଠୀ, କୃତାର୍ଥୀ ମିଶ୍ର, ଚିତ୍ରାଙ୍କନରେ ଅର୍ପିତା ମହାନ୍ତି, ବିଷ୍ଣୁପ୍ରିୟା ବେହେରା, ମନୀଷା ବେହେରା, ବକ୍ତୃତାରେ ପୂର୍ଣ୍ଣିମା ପ୍ରିୟଦର୍ଶିନୀ ବେହେରା, ରାଜଶ୍ରୀ ପାଳ, ସ୍ୱସ୍ତିକ କୁମାର ସୂତାର, ରାଜେଶ୍ୱରୀ ବେହେରା, ପୁନମ୍ ପ୍ରିୟଦର୍ଶିନୀ ପରିଡ଼ା, ସ୍ମୃତିମୟୀ ନାଥ, ଲକ୍ଷ୍ମୀପ୍ରିୟା ସାହୁ, ସୁପ୍ରଭା ଶୁଭଲକ୍ଷ୍ମୀ ବେହେରା, କୁଇଜ୍ ପ୍ରତିଯୋଗିତାରେ ରଶ୍ମିରେଖା ପ୍ରିୟଦର୍ଶିନୀ ସେଠୀ, ପ୍ରିୟଙ୍କା ଦାସ, ଶ୍ରୀୟା ପ୍ରିୟଦର୍ଶିନୀ ବେହେରା, ପ୍ରିୟଦର୍ଶିନୀ ଦାସ, ଶ୍ରେୟାନ୍ ବିଶ୍ୱାଳ, ସଂଗୀତ ପ୍ରତିଯୋଗିତାରେ ପ୍ରତ୍ୟାଶା ସିଂ, ଆଦିସ୍ମିତା ଜେନା, ଶ୍ରାବଣୀ ରଣା, ରାଜଶ୍ରୀ ପାଳ, ମଧୁସ୍ମିତା ଦାସ, ଆୟେଶା ନାୟକ, ପ୍ରିୟଦର୍ଶିନୀ ଦାସ, ସୁନ୍ଦର ହସ୍ତାକ୍ଷର ପ୍ରତିଯୋଗିତାରେ ଶ୍ରୀୟା ପ୍ରିୟଦର୍ଶିନୀ ବେହେରା, ସସ୍ମିତା ଦୋରା ଓ ଶୀର୍ଷା ସମୃଦ୍ଧି ଖୁଣ୍ଟିଆ କୃତୀତ୍ୱ ହାସଲ କରିଥିଲେ। ସମସ୍ତ ପ୍ରତିଯୋଗିତାକୁ ଶିକ୍ଷକ ପ୍ରମୋଦ କୁମାର ସାହୁ, ଅକ୍ଷୟ କୁମାର ଦାସ, ଶ୍ୟାମଘନ ଦାସ, ମନୋଜ କୁମାର ରଣା, ପ୍ରସନ୍ନ କୁମାର ରାୟ, ଚନ୍ଦନ କୁମାର ସ୍ୱାଇଁ, ପ୍ରଶାନ୍ତ କୁମାର ସାହୁ, ନିରଞ୍ଜନ ତ୍ରିପାଠୀ, ଭିକାରୀ ସାମଲ, ଶିକ୍ଷୟିତ୍ରୀ ମମତା କର, ବିଦ୍ୟୁତ୍‌ଲତା ରାଉତ, କୁମୁଦିନୀ ପାଢ଼ୀ, ସୁଜାତା ସାହୁ, ଏଲିନା ପ୍ରିୟଦର୍ଶିନୀ ନାୟକ, ରୀନାରାଣୀ ନାୟକ, ରୋଜାଲିନ୍ ମଲିକ ଓ ଭାରତୀ ଓଝା ପରିଚାଳନା କରିଥିଲେ। କୁମାରୀ କ୍ଲଷ୍ଟର ସିଆର୍‌ସିସି ନିବେଦିତା ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷକନେତା ଦେବରାଜ ମିଶ୍ର ମୁଖ୍ୟଅତିଥି, ପୂର୍ବତନ ଏବିଇଓ ମମିତା ମହାନ୍ତି ମୁଖ୍ୟବକ୍ତା, ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ନିରୁପମା ରଥ ଓ ଏସ୍‌ଏମ୍‌ସି ସଭାପତି ଦିଲୀପ କୁମାର ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଶିକ୍ଷକ ନରେନ୍ଦ୍ର ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନାରାୟଣ ନନ୍ଦ ସ୍ୱାଗତ ଭାଷଣ ଦେଇଥିଲେ।

# ଛାତ୍ର ସଂସଦ ନିର୍ବାଚନ ପାଇଁ ପ୍ରଚାର ଶେଷ

ସିଂହପୁର,୧୩।୧୦(ସମିସ): ଛାତ୍ର ସଂସଦ ନିର୍ବାଚନ ପାଇଁ ଆଜି ପ୍ରଚାରର ଶେଷ ଦିନ ଥିଲା। ଶେଷ ଦିନରେ ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଖରସ୍ରୋତା ମହାବିଦ୍ୟାଳୟରେ ପ୍ରାର୍ଥୀମାନେ ଜୋରଦାର ପ୍ରଚାର କରିଥିଲେ। ବିସିଜେଡିର ପ୍ରାର୍ଥୀ ମାନେ ଆଜି ଶେଷ ଦିନରେ ଜୋରଦାର ପ୍ରଚାର କରିଥିଲେ। ପ୍ରଚାରରେ କ୍ୟାମ୍ପସ ସରଗରମ ହୋଇଥିଲା। ବିସିଜେଡି ପ୍ରାର୍ଥୀମାନେ ଆଜି ଛାତ୍ରଛାତ୍ରୀଙ୍କୁ ଭେଟି ମାରାଥନ ପ୍ରଚାର ଚଳାଇଥିବା ଦେଖିବାକୁ ମିଳିଥିଲା। ୧୫ ତାରିଖରେ ଛାତ୍ର ସଂସଦ ନିର୍ବାଚନ। ପ୍ରାର୍ଥୀମାନେ ଛାତ୍ରଛାତ୍ରୀଙ୍କୁ ଭେଟି ନିଜ ଆଡକୁ ପ୍ରଭାବିତ କରିବାକୁ ପ୍ରାଣମୂର୍ଚ୍ଛା ଉଦ୍ୟମ ଚଳାଇଛନ୍ତି। ବିଭିନ୍ନ ଦଳର ନେତା ମାନେ ପ୍ରଚ୍ଛଦ ପଟରେ ରହି ନିଜ ସମର୍ଥିତ ପ୍ରାର୍ଥୀଙ୍କୁ ଜିତାଇବାକୁ ରଣକୌଶଳ ଚଳାଇଛନ୍ତି। ଆଉ ଦିନକ ପରେ ନିର୍ବାଚନ ଥିବାରୁ ପ୍ରାର୍ଥୀଙ୍କ ଉତ୍କଣ୍ଠା ବଢ଼ି ଯାଇଛି। ଏହି ବିଜୟୀ ଉଭୟ ବିଜେଡି ଓ ବିଜେପି ପାଇଁ ସମ୍ମାନର ପ୍ରଶ୍ନ ହୋଇଛି।




# ନିର୍ବାଚନୀ ପ୍ରଚାର ମଧ୍ୟରେ ସ୍ୱଚ୍ଛତାର ବାର୍ତ୍ତା

ବିଞ୍ଝାରପୁର,୧୩।୧୦(ସମିସ): ଆସନ୍ତା ୧୫ ତାରିଖ ଗୁରୁବାର ଛାତ୍ର ସଂସଦ ନିର୍ବାଚନ ହେବାକୁ ଯାଉଥିବାବେଳେ ମଙ୍ଗଳବାର ପ୍ରଚାରର ଶେଷ ଦିନରେ ବରୁଣେଶ୍ୱର ମହାବିଦ୍ୟାଳୟର ବିସିଜେଡି ସମର୍ଥିତ ପ୍ରାର୍ଥୀମାନେ ଏକ ନିଆରା ପଦକ୍ଷେପ ଗ୍ରହଣ କରି ଚର୍ଚ୍ଚାକୁ ଆସିଛନ୍ତି। ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଅରେଇସ୍ଥିତ ଏହି ମହାବିଦ୍ୟାଳୟରେ ପ୍ରାର୍ଥୀମାନେ କେବଳ ଭୋଟ୍ ଭିକ୍ଷାରେ ସୀମିତ ନରହି କଲେଜ ପରିସରକୁ ସଫାସୁତରା କରିବା ସହ ସ୍ୱଚ୍ଛତା ଓ ପରିବେଶ ସୁରକ୍ଷାର ବାର୍ତ୍ତା ଦେଇଛନ୍ତି। ସେମାନେ କଲେଜ ପରିସରର ବିଭିନ୍ନ ସ୍ଥାନ ସଫା କରିବା ସହ ଶିକ୍ଷାନୁଷ୍ଠାନର ପରିବେଶକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ଦିଗରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିଥିଲେ।କଲେଜ ପରିସରର ସ୍ୱଚ୍ଛତା ରକ୍ଷା କେବଳ ପ୍ରଶାସନର ଦାୟିତ୍ୱ ନୁହେଁ, ବରଂ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କର ମଧ୍ୟ ଦାୟିତ୍ୱ ବୋଲି ଏହି ଅଭିଯାନ ମାଧ୍ୟମରେ ସେମାନେ ବାର୍ତ୍ତା ଦେଇଛନ୍ତି। ଛାତ୍ର ରାଜନୀତି ସହ ସାମାଜିକ ଦାୟିତ୍ୱବୋଧକୁ ଗୁରୁତ୍ୱ ଦେଇ ବିସିଜେଡି ପ୍ରାର୍ଥୀମାନଙ୍କ ଏହି ଅଭିନବ ପ୍ରୟାସ କଲେଜ ପରିସରରେ ଆଲୋଚନାର ବିଷୟ ପାଲଟିଛି। ନିର୍ବାଚନୀ ପ୍ରଚାର ମଧ୍ୟରେ ସ୍ୱଚ୍ଛତାକୁ ପ୍ରାଧାନ୍ୟ ଦେଇ ପ୍ରାର୍ଥୀମାନେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ସକାରାତ୍ମକ ସନ୍ଦେଶ ପହଞ୍ଚାଇବାକୁ ଉଦ୍ୟମ କରିଛନ୍ତି।



## ଏକାଦଶ ଦିନରେ ମା’ ବିରଜାଙ୍କ ଦୁର୍ଗା ଉତ୍ସବ / ଦକ୍ଷିଣ ପଶ୍ଚିମ କୋଣରେ ରହିଲା ରଥ




ଯାଜପୁର,୧୩।୧୦(ସମିସ): ଆଜି ମା’ ବିରଜା ଦେବୀଙ୍କ ଦୁର୍ଗା ଉତ୍ସବ ଏକାଦଶ ଦିନରେ ପହଞ୍ଚିଛି। ସେପଟେ ମା’ ବିରଜାଙ୍କ ରଥଯାତ୍ରା ଓ ମୁଖ ଦର୍ଶନ ଆଜି ତୃତୀୟ ଦିନରେ ପାଳିତ ହୋଇଛି। ଆଜି ସକାଳ ୬ଟାରେ ବୈତରଣୀ ଜଳରେ ମା’ଙ୍କ ସ୍ନାନ କରାଯିବା ପରେ ୬ଟା ୩୦ ମିନିଟ୍‌ରେ ଭକ୍ତ ମାନଙ୍କୁ ଗର୍ଭ ଗୃହକୁ ପ୍ରବେଶ କରାଯାଇଥିଲା। ମହିଳା ଓ ପୁରୁଷ ଭକ୍ତମାନେ ୨ ଧାଡ଼ିରେ ଗର୍ଭ ଗୃହକୁ ପ୍ରବେଶ କରି ମା’ଙ୍କ ପାଦ ସ୍ପର୍ଶ କରିଥିଲେ। ଆଜି ପାଖାପାଖି ୫ ହଜାରରୁ ଉର୍ଦ୍ଧ୍ୱ ଲୋକ ମନ୍ଦିରର ଗର୍ଭ ଗୃହକୁ ପ୍ରବେଶ କରି ମା’ଙ୍କ ପାଦ ସ୍ପର୍ଶ କରିଥିଲେ। ୨ ଘଣ୍ଟା ଏହି ଦର୍ଶନ ଚାଲିବା ପରେ ବନ୍ଦ କରାଯାଇ ସାଧାରଣ ଦର୍ଶନ କରାଯାଇଥିଲା। ୮ଟା ୩୦ ମିନିଟ୍‌ରୁ ୯ଟା ୩୦ ମିନିଟ୍ ମଧ୍ୟରେ ମା’ଙ୍କର ଶାଢ଼ି ବେଶ, ଚନ୍ଦନ ବେଶ, ଗହଣା ବେଶ ଇତ୍ୟାଦି କାର୍ଯ୍ୟ ସମାପନ କରାଯାଇଥିଲା। ଦିନ ୧୦ଟା ୩୦ ମିନିଟରେ ବଡ଼ ଶୃଙ୍ଗାର ବେଶ ପରେ ଗର୍ଭ ଗୃହକୁ ଧୂଆ କରାଯାଇ ୧୧ଟା ୩୦ ମିନିଟରେ ଦିନ ପୂଜାର ଆୟୋଜନ କରାଯାଇଥିଲା। ଦିନ ୨ଟା ୩୦ ମିନିଟ୍‌ରେ ସମସ୍ତ ପୂଜା ସମାପନ ପରେ କଳସ ପୂଜା ସରିବା ପରେ ପହୁଡ଼ କରାଯାଇଥିଲା। ତା’ପରେ ଗତକାଲି ଠାରୁ ରଥ ଉପରେ ମା’ ବିରଜାଙ୍କ ବିଜୟ ପ୍ରତିମା ନିକଟରେ ପୂଜା ଓ ନୈବେଦ୍ୟ କରାଯାଉଛି। ଦେଢ଼ ଘଣ୍ଟା ପରେ ଅର୍ଥାତ୍ ୪ଟାରେ ପହୁଡ଼ ଖୋଲାଯିବା ପରେ ଭକ୍ତମାନେ ମା’ଙ୍କୁ ଦର୍ଶନ କରିଥିଲେ। ୪ଟା ୩୦ ମିନିଟରେ ରଥଯାତ୍ରା ଆୟୋଜନ କରାଯାଇ ଗର୍ଭ ଗୃହରୁ ମା’ଙ୍କ ଆର୍ଶା ଦଣ୍ଡକୁ ଆର୍ଶା ପାଳିଆ ସେବାୟତ ଆଣିବା ପରେ ସିଂହଦ୍ୱାରରେ ଉପସ୍ଥିତ ରହିଥିବା ଛତ୍ର, ତରାଶ ସାମିଲ ହୋଇଥିଲେ। ଅପରାହ୍ନ ୫ଟା ୧୫ମିନିଟ୍‌ରେ ଆରମ୍ଭ କରାଯାଇଥିବା ରଥଯାତ୍ରା କାର୍ଯ୍ୟ ୬ଟା ୧୦ମିନିଟ୍ ପର୍ଯ୍ୟନ୍ତ ଚାଲିଥିଲା। ଆଜି ୨ ବେଢ଼ାରୁ ଅଧିକ ପରିକ୍ରମା କରାଯାଇ ଦକ୍ଷିଣ ପଶ୍ଚିମ କୋଣରେ ରଖାଯାଇଥିଲା। ୬ଟା ୧୦ ମିନିଟରେ ରଥ ଚାଳନା ବନ୍ଦ ପରେ ରଥରୁ ଆର୍ଶା, ଛତ୍ର, ତରାଶ, ମସାଲ ଅବତରଣ କରାଯାଇ ଆର୍ଶା ଦଣ୍ଡକୁ ମା’ଙ୍କ ସିଂହାସନ ନିକଟକୁ ନିଆଯିବା ପରେ ସନ୍ଧ୍ୟା ଆଳତି କରାଯାଇଥିଲା। ରଥଯାତ୍ରା ଶେଷ ହେବା ପରେ ରାତି ୮ ଟାରେ ବଡ଼ ଶୃଙ୍ଗାର ବେଶ ପରେ ରାତ୍ର ପୂଜାର ଆୟୋଜନ କରାଯାଇଛି। ଆଜିର ଦିନ ଓ ରାତ୍ରିର ପୂଜା କାର୍ଯ୍ୟକୁ ପୁରୋଧା ସରୋଜ କୁମାର ପତି, ପ୍ରମୋଦ କୁମାର ପତି, ପ୍ରତାପ ପତି, ବିରଜା ଶଙ୍କର ପତି ପରିଚାଳନା କରିଥିଲେ। ଆଜି ରଥଯାତ୍ରା ସମୟରେ ମାଜିଷ୍ଟ୍ରେଟ ଭାବେ ସକାଳ ସମୟରେ ସହକାରୀ ଜିଲ୍ଲାପାଳ ଅଲିଭା ଧଳ ଓ ଅପରାହ୍ନ ରଥଯାତ୍ରା ସମୟରେ ରସୁଲପୁର ତହସିଲଦାର ସିଦ୍ଧାର୍ଥ ବେହେରା ଉପସ୍ଥିତ ଥିଲେ। ଆଜି ନିତି ପୂର୍ବରୁ ବାଚସ୍ପତି ସୁରମା ପାଢ଼ି ମା’ଙ୍କ ଦର୍ଶନରେ ଆସିଥିଲେ। ସେ ଆସି ପହଞ୍ଚିବା ପରେ ନିତି ଚାଲିଥିବାରୁ ୧୫ ମିନିଟ ଅପେକ୍ଷା କରିବା ପରେ ନୀତି ଓ ଆଳତି ଦର୍ଶନ କରିଥିଲେ।

- ସରିଳା ଛାତ୍ରସଂସଦ ନିର୍ବାଚନ ପାଇଁ ପ୍ରଚାର

## ଭୋଟ ପୂର୍ବରୁ ଡିଜିଟାଲ ପ୍ରଚାରକୁ ଗୁରୁତ୍ୱ



ଯାଜପୁର,୧୩।୧୦(ସମିସ): ଦୀର୍ଘ ୮ ବର୍ଷ ପରେ ଚଳିତ ବର୍ଷ ଆସନ୍ତା ୧୫ ତାରିଖ ଦିନ ସାରା ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ଆଜି ପ୍ରଚାର ପର୍ବ ଶେଷ ହୋଇଛି। ଆସନ୍ତାକାଲି ହ୍ୱାଟ ଆଇ ଷ୍ଟାଣ୍ଡ ଫର ମିଟିଂ। ଏଥିପାଇଁ ପ୍ରତ୍ୟେକ ପ୍ରାର୍ଥୀଙ୍କ ଠାରୁ ଆରମ୍ଭ କରି ଛାତ୍ର ସଂଗଠନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି। ଆଜି ଦିନ ତମାମ କଲେଜ କ୍ୟାମ୍ପସ ଚଳଚଞ୍ଚଳ ହୋଇପଡିଥିଲା। ବ୍ୟକ୍ତିଗତ ଭାବେ ଏବଂ ପ୍ୟାନେଲର ସଦସ୍ୟମାନେ ଗୋଟିଏ ଶ୍ରେଣୀ ଗୃହକୁ ଅନ୍ୟ ଶ୍ରେଣୀ ଗୃହକୁ ଯାଇ ଭୋଟ ଭିକ୍ଷା କରୁଥିଲେ। କିଏ ଚକୋଲେଟ ଦେଉଥିଲା ତ, କିଏ ପୁସିଂ କାର୍ଡ। ନିର୍ବାଚନ ପ୍ରଚାରର ଶେଷ ଦିନରେ ସମସ୍ତ ପ୍ରାର୍ଥୀ ନିଜ ଜୋର ଅନୁଯାୟୀ ପ୍ରଚାର କାର୍ଯ୍ୟ କରିଛନ୍ତି। ଯାଜପୁର ଜିଲ୍ଲାରେ ମୁଖ୍ୟତଃ ବିଜୁ ଛାତ୍ର ଜନତା ଦଳ ଏବଂ ଏବିଭିପି ପକ୍ଷରୁ ପ୍ରତିଦ୍ୱନ୍ଦିତା ଚାଲିଛି। କିଛି ହାତ ଗଣତି କଲେଜରେ ଛାତ୍ର କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ଦିଆଯାଇଛି। କ୍ୟାମ୍ପସ ଗୁଡିକରେ ଉଭୟ ସଂଗଠନ ପକ୍ଷରୁ ବାଇକ୍ ରାଲି ଠାରୁ ଆରମ୍ଭ କରି ସ୍ଲୋଗାନ ବାଜିରେ ପୂରା ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ପ୍ରାର୍ଥୀମାନେ ଭୋଟରଙ୍କ ଠିକଣା ସଂଗ୍ରହ କରି ଘରକୁ ଘର ଯାଇ ପ୍ରଚାର କରୁଥିବା ବେଳେ ହଷ୍ଟେଲ ଏବଂ ଘରୋଇ ମେସ୍‌ରେ ମଧ୍ୟ ଆ‡ା ଜମାଇଛନ୍ତି। ଏଥିସହିତ ସୋସିଆଲ ମିଡିଆ ବା ଡିଜିଟାଲ ମାଧ୍ୟମରେ ନିଜ ପ୍ରଚାର କାର୍ଯ୍ୟକୁ ଜୋରଦାର କରୁଛନ୍ତି। ଫେସବୁକ, ଇନଷ୍ଟାଗ୍ରାମ ଓ ହ୍ୱାଟ୍ସଆପରେ ଭୋଟରଙ୍କୁ ଭୋଟ ଭିକ୍ଷା କରାଯାଉଥିବା ବେଳେ କେହି କେହି ନିର୍ବାଚନ ପ୍ରତିଶ୍ରୁତି ମଧ୍ୟ ଦେଉଥିବା ଦେଖିବାକୁ ମିଳୁଛି। କ୍ୟାମ୍ପସରେ ଶାନ୍ତିଶୃଙ୍ଖଳା ଫେରାଇ ଆଣିବା, ଶିକ୍ଷାଦାନରେ ଉନ୍ନତି ଠାରୁ ଆରମ୍ଭ କରି କଲେଜର ବିକାଶ ନେଇ ମଧ୍ୟ ଲମ୍ବା ପ୍ରତିଶୃତି ଦିଆଯାଉଛି। ଆସନ୍ତାକାଲି ହ୍ୱାଟ ଆଇ ଷ୍ଟାଣ୍ଡଫର ମିଟିଂରେ ପ୍ରାର୍ଥୀମାନେ ନିଜ ନିଜର ପତିଆରା ପ୍ରଦର୍ଶନ କରି ଭୋଟରଙ୍କୁ ନିଜ ଆଡକୁ ଆକର୍ଷିତ କରିବେ। ଜିଲ୍ଲାରେ ଶାନ୍ତିଶୃଙ୍ଖଳାରେ ଛାତ୍ର ସଂସଦ ନିର୍ବାଚନ କରିବା ପାଇଁ ପୁଲିସ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିବା ଜଣାପଡିଛି।

## ସିପିଆଇଏମ୍ ଓ ସିଆଇଟିୟୁର ବିକ୍ଷୋଭ

ବ୍ୟାସନଗର,୧୩।୧୦(ସମିସ): ଦିଲ୍ଲୀର ଯନ୍ତରମନ୍ତରଠାରେ ଆନ୍ଦୋଳନକାରୀଙ୍କ ଉପରେ ପୁଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଓ ବଳପ୍ରୟୋଗ ପ୍ରତିବାଦରେ ସିପିଆଇଏମ୍ ଓ ସିଆଇଟିୟୁ ଯାଜପୁର ଜିଲ୍ଲା କମିଟି ପକ୍ଷରୁ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଯାଜପୁର ରୋଡ୍ ରେଳଷ୍ଟେସନ ନିକଟରୁ ଏକ ପ୍ରତିବାଦ ଶୋଭାଯାତ୍ରା ବାହାରି ଗୋପବନ୍ଧୁ ଛକଠାରେ ପହଞ୍ଚିଥିଲା। ସେଠାରେ ସିଆଇଟିୟୁ ଜିଲ୍ଲା ସଭାପତି ପ୍ରଫୁଲ୍ଲ ନାୟକଙ୍କ ସଭାପତିତ୍ୱରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲା ସମ୍ପାଦକ ଡା. ନିର୍ମଳ ରଥ, ଗଣେଶ ସାହୁ, ପନି କିସ୍କୁ, ମାଳତୀ ହାଁସଦା, ଲାଲମଣି ମୁଣ୍ଡା, ଲିଟା ଲାଗୁରି, ରବିନ୍ଦ୍ର ପାତ୍ର, ରଶ୍ମି ରେଖା ନାଏକ, ଗୁରୁବାରୀ ଲାଗୁରି, କୁନି ପୂର୍ତ୍ତୀ, ଜୟରାମ ମୁର୍ମୁ, ବାସନ୍ତୀ ନାୟକ ପ୍ରମୁଖ ଯୋଗଦେଇଥିଲେ।

- ଜିଲ୍ଲା ମେଡିକାଲରେ ସିକ୍ୟୁରିଟି ଗାର୍ଡଙ୍କୁ ଶୋଷଣ ମାମଲା

## ପ୍ରତିଶ୍ରୁତି ମିଳିଲା; ଦରମା ନୁହେଁ

ଯାଜପୁର,୧୩।୧୦(ସମିସ): ଯାଜପୁର ଜିଲ୍ଲା ମେଡିକାଲରେ କାର୍ଯ୍ୟରତ ସିକ୍ୟୁରିଟି ଗାର୍ଡ ମାନଙ୍କୁ ଗତ ୩ ମାସ ଧରି ଦରମା ନ ମିଳିବା ପ୍ରତିବାଦରେ ଦୁଇ ଦିନ ଧରି ଧାରଣରେ ବସିଥିଲେ। ଫଳରେ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ପ୍ରାୟ ଅଚଳାବସ୍ଥା ହୋଇଥିଲା। କଳିଙ୍ଗ ୱାରିଅର ନାମକ ଠିକା ସଂସ୍ଥା ଏହାର ପରିଚାଳନା ଦାୟିତ୍ୱ ନେଇଥିବା ବେଳେ ସିକ୍ୟୁରିଟି



ମାନଙ୍କୁ ନିୟମିତ ଦରମା ଦେଉନଥିବା ଅଭିଯୋଗ ହୋଇଥିଲା। ଏହାର ପ୍ରତିବାଦରେ ଗତ ଦୁଇ ଦିନ ଧରି ସିକ୍ୟୁରିଟି ଗାର୍ଡ ମାନେ ଆନ୍ଦୋଳନ କରିଥିଲେ ମଧ୍ୟ ଠିକାସଂସ୍ଥା ବିରୋଧରେ ଗଣମାଧ୍ୟମ ଆଗରେ ମୁହଁ ଖୋଲିନଥିଲେ। ପୂର୍ବରୁ ଗଣମାଧ୍ୟମରେ ମୁହଁ ଖୋଲିଥିବା କର୍ମଚାରୀଙ୍କୁ ଠିକାସଂସ୍ଥା ବିଦା କରିଦେଇଥିବାରୁ ସିକ୍ୟୁରିଟିଙ୍କ ମଧ୍ୟରେ ଭୟର ବାତାବରଣ ଦେଖାଦେଇଛି। ତେବେ ସିକ୍ୟୁରିଟି ମାନଙ୍କୁ ଠିକଣା ସମୟରେ ଦରମା ନ ଦେଇ ଅଚଳାବସ୍ଥା ସୃଷ୍ଟି କରିଥିବା ସଂସ୍ଥା ବିରୋଧରେ ମେଡିକାଲ କର୍ତ୍ତୃପକ୍ଷ କାହିଁକି କାର୍ଯ୍ୟାନୁଷ୍ଠାନ ନେଉନାହାଁନ୍ତି ବୋଲି ସାଧାରଣରେ ପ୍ରଶ୍ନ ହେଉଛି। ଆଜି ଆନ୍ଦୋଳନରତ ସିକ୍ୟୁରିଟି ମାନଙ୍କ ସହିତ ଯୁବ ନେତା ସଂଗ୍ରାମ ପାତ୍ର ଆଲୋଚନା କରି ଖୁବଶିଘ୍ର ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। କିନ୍ତୁ ଠିକା ସଂସ୍ଥାର ଅବହେଳା ପାଇଁ ବାରମ୍ବାର ଏଭଳି ସମସ୍ୟା ଦେଖାଦେଉଥିଲେ ମଧ୍ୟ କାହିଁକି ସଂପୃକ୍ତ ଠିକାସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନି ତାକୁ ନେଇ ସାଧାରଣରେ ପ୍ରଶ୍ନ ହେଉଛି। ପୂର୍ବରୁ ଏହି ଠିକା ସଂସ୍ଥା କଳା ତାଲିକାଭୁକ୍ତ ହୋଇଥିଲେ ମଧ୍ୟ ସେହି ସଂସ୍ଥାକୁ ପୁନଃର୍ବାର ପରିଚାଳନା ଦାୟିତ୍ୱ ଦେବା ଦ୍ୱାରା ଏଭଳି ସମସ୍ୟା ସୃଷ୍ଟି ହେଉଥିବା ଚର୍ଚ୍ଚା ହେଉଛି।

## ଖରସ୍ରୋତାରେ ବୁଡ଼ି ନାବାଳକ ମୃତ୍ୟୁ ଘଟଣା \ ନ୍ୟାୟ ଦାବିରେ ଗ୍ରାମବାସୀଙ୍କ ରାସ୍ତାରୋକ

ବିଞ୍ଝାରପୁର/ପ୍ରିତିପୁର,୧୩।୧୦(ସମିସ): ଖରସ୍ରୋତା ନଦୀରେ ବୁଡ଼ି ୧୫ ବର୍ଷୀୟ ନାବାଳକଙ୍କ ମୃତ୍ୟୁ ଘଟଣାକୁ ନେଇ ଉତ୍ତେଜନା ଦେଖାଦେଇଛି। ମୃତ ନାବାଳକଙ୍କ ପରିବାରକୁ ନ୍ୟାୟ ପ୍ରଦାନ, ବେଆଇନ ବାଲି ଉତ୍ତୋଳନ ବନ୍ଦ, ବାଲି ମାଫିଆଙ୍କ ଗିରଫ ଓ କ୍ଷତିପୂରଣ ଦାବିରେ ପରିବାର ଲୋକ ଓ ଗ୍ରାମବାସୀ ଯାଜପୁର-ସିଂହପୁର



ମୁଖ୍ୟ ରାସ୍ତାର ସୟଦପୁର ପଞ୍ଚାୟତ ଅନ୍ତର୍ଗତ ସହିଦ ଗୟାଶୁଦ୍ଦିନ ଛକଠାରେ ମୃତଦେହ ରଖି ରାସ୍ତାରୋକ କରିଥିଲେ। ଏହି ଅବରୋଧ ଯୋଗୁଁ ଦୀର୍ଘ ୩ ଘଣ୍ଟା ଧରି ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ସୂଚନା ଅନୁଯାୟୀ, ବିଞ୍ଝାରପୁର ବ୍ଲକ ପୁରୁଣା ଡାକବଙ୍ଗଳା ନିକଟ ଖରସ୍ରୋତା ନଦୀରେ ସୋମବାର ମଧ୍ୟାହ୍ନରେ ସୟଦପୁର ପଞ୍ଚାୟତର ଫଜିଲା ମହଲ୍ଲା ଅଞ୍ଚଳର ଜାବୀର ହୋସେନ ଖାନଙ୍କ ୧୫ ବର୍ଷୀୟ ପୁଅ ଏନାୟତ ଖାନ ଦୁଇଜଣ ସାଙ୍ଗଙ୍କ ସହ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ସେ ନଦୀରେ ବୁଡ଼ି ନିଖୋଜ ହୋଇଯାଇଥିଲେ। ପରେ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ମଙ୍ଗଳବାର ଶବ ବ୍ୟବଚ୍ଛେଦ ପରେ ମୃତଦେହ ଗାଁକୁ ଫେରିବା ପରେ ନ୍ୟାୟ ଦାବିରେ ରାସ୍ତାରୋକ କରାଯାଇଥିଲା। ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, ସୟଦପୁର ପଞ୍ଚାୟତ ଅଞ୍ଚଳରେ ଖରସ୍ରୋତା ନଦୀରୁ ଯନ୍ତ୍ରଚାଳିତ ଡଙ୍ଗା ସାହାଯ୍ୟରେ ବେଆଇନ ଭାବେ ପ୍ରତିଦିନ ଶହ ଶହ ଟ୍ରିପ୍ ବାଲି ଉତ୍ତୋଳନ କରାଯାଇ ବାହାର ଜିଲ୍ଲାକୁ ଚାଲାଣ ହେଉଛି। ଏହାଦ୍ୱାରା ନଦୀର ଗାଧୁଆ ତୁଠ ସମେତ ବିଭିନ୍ନ ସ୍ଥାନରେ ଗଭୀର ଗର୍ତ୍ତ ସୃଷ୍ଟି ହୋଇଛି। ଏହି ଗର୍ତ୍ତରେ ପଡ଼ି ଏନାୟତଙ୍କ ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ଘଟଣାସ୍ଥଳରେ ବିଞ୍ଝାରପୁର ଥାନା ଆଇଆଇସି ପାର୍ବତୀ ମଲ୍ଲିକ ଓ ତହସିଲଦାର ପ୍ରମୋଦ କୁମାର ବାସ୍କେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ତେବେ ଆନ୍ଦୋଳନକାରୀମାନେ ରାସ୍ତାରୋକରୁ ହଟିନଥିଲେ। ପରେ ଏସଡିପିଓ ପ୍ରଶାନ୍ତ କୁମାର ମାଝୀ ଘଟଣାସ୍ଥଳରେ ପହଞ୍ଚି ମୃତ ନାବାଳକଙ୍କ ବାପାଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରିଥିବା ଜଣାଇଥିଲେ। ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ ଆଇନଗତ ପଦକ୍ଷେପ ନିଆଯିବା, ବେଆଇନ ବାଲିଘାଟ ବନ୍ଦ କରାଯିବା ଏବଂ ମୃତକଙ୍କ ପରିବାରକୁ ରେଡ୍‌କ୍ରସ୍ ପକ୍ଷରୁ ସହାୟତା ଯୋଗାଇ ଦିଆଯିବା ନେଇ ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନକାରୀମାନେ ରାସ୍ତାରୋକରୁ ହଟିଥିଲେ।



ସକାଳ
THE SAKALA

# ସମ୍ପାଦକୀୟ



ଆତଙ୍କବାଦକୁ ସମୂଳେ ବିଲୋପ କରିବାର ମୁଖ୍ୟ ଅସ୍ତ୍ର ହେଉଛି ବହି ଓ କଲମ।
-ମଲାଲା ୟୁସୁଫ୍‌ଜାଇ

## ନୂଆ ବାଣିଜ୍ୟ ଯୁଦ୍ଧ

ୟୁରୋପୀୟ ସଂଘ ଦ୍ୱାରା ପ୍ରଣୀତ କାର୍ବନ୍ ସୀମା ଶୁଳ୍କ ବ୍ୟବସ୍ଥା(ସିବିଏଏମ୍)ର ତଦନ୍ତ କରିବା ପାଇଁ ଆମେରିକା ଯୋଜନା ପ୍ରସ୍ତୁତ କରିଛି। ଏହାପରେ ଆନ୍ତର୍ଜାତିକ ବାଣିଜ୍ୟରେ ନୂଆ ବିବାଦ ବା ଯୁଦ୍ଧ ଆରମ୍ଭ ହେବାକୁ ଯାଉଛି। ଏହି ସମ୍ଭାବ୍ୟ ଯୁଦ୍ଧର ଫଳାଫଳ ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ସେ ସମ୍ପର୍କରେ କିଞ୍ଚିତ ଆଲୋଚନା ପ୍ରାସଙ୍ଗିକ ମନେ ହୁଏ।

ୟୁରୋପୀୟ ସଂଘର ଯୁକ୍ତି ଅନୁଯାୟୀ, ୟୁରୋପର ଉତ୍ପାଦକ ବା କମ୍ପାନୀମାନେ ପ୍ରଦୂଷଣ ନିର୍ଗମନ ହ୍ରାସ ପାଇଁ ଅଧିକ ବ୍ୟୟ କରୁଥିବାରୁ ବଜାରରେ ଉତ୍ପାଦର ଦାମ ଅଧିକ ରହୁଛି। ଅପରପକ୍ଷରେ ପ୍ରଦୂଷଣ କଟକଣା ନଥିବା ଦେଶରୁ ଆମଦାନୀ ହେଉଥିବା ସମାନ ସାମଗ୍ରୀ ୟୁରୋପ ବଜାରରେ କମ୍ ଦାମରେ ଉପଲବ୍ଧ ହେଉଥିବାରୁ ୟୁରୋପୀୟ ଉତ୍ପାଦନକାରୀ ସଂସ୍ଥାମାନେ ବଜାରରେ ତିଷ୍ଠି ରହିବା ପାଇଁ ପ୍ରବଳ ପ୍ରତିଯୋଗିତାର ସମ୍ମୁଖୀନ ହେଉଛନ୍ତି। ତେଣୁ ତୁଳନାତ୍ମକ ଭାବେ କୋହଳ ପ୍ରଦୂଷଣ ନିୟମ ଲାଗୁ ହୋଇଥିବା ବା ଆଦୌ ଲାଗୁ ହୋଇ ନଥିବା ଦେଶରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ୟୁରୋପୀୟ ସଂଘ ଏକ ନିର୍ଦ୍ଦିଷ୍ଟ ଶୁଳ୍କ(ସିବିଏଏମ୍) ଲାଗୁ କରିଛି। ବିଶେଷକରି ବାହାର ଦେଶରୁ ଆମଦାନୀ ହେଉଥିବା ଇସ୍ପାତ, ଆଲୁମିନିୟମ୍, ସିମେଣ୍ଟ, ସାର, ବିଦ୍ୟୁତ୍ ଉପକରଣ ଆଦି ପ୍ରଦୂଷଣ ସୃଷ୍ଟିକାରୀ ଉତ୍ପାଦ ଉପରେ ଗତ ଜାନୁଆରୀ ମାସରୁ ଏହି ଶୁଳ୍କ ଲାଗୁ ହେଉଛି। ୟୁରୋପୀୟ ସଂଘର ଏହି ଶୁଳ୍କ ଦ୍ୱାରା ଭାରତୀୟ ରପ୍ତାନୀ ଅର୍ଥନୀତି ଅଧିକ ପ୍ରଭାବିତ ହେବାକୁ ଯାଉଛି।

ଅବଶିଷ୍ଟ ବିଶ୍ୱର ଅଭିଯୋଗ ଯେ ପରିବେଶ ସୁରକ୍ଷା ନାମରେ ଏପରି ଶୁଳ୍କ ଲାଗୁ କରିବା କେତେ ନ୍ୟାୟୋଚିତ ସେ ବିଷୟରେ ବହୁପାକ୍ଷିକ ଆଲୋଚନା ହୋଇନାହିଁ। ବିକଶିତ ଦେଶଗୁଡ଼ିକ ବର୍ଷ ବର୍ଷ ଧରି ଶିଳ୍ପାୟନ ଜରିଆରେ ଆର୍ଥିକ ସମୃଦ୍ଧି ହାସଲ କରିଛନ୍ତି। ଶିଳ୍ପାୟନରୁ ସୃଷ୍ଟ ପ୍ରଦୂଷଣ ଏବଂ ତଦ୍‌ଜନିତ ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନର ପ୍ରଭାବରେ ବିକାଶଶୀଳ ଦେଶଗୁଡ଼ିକ ଗୁରୁତର ପ୍ରଭାବିତ ହେଉଛନ୍ତି। ଅପରପକ୍ଷରେ ବିକାଶଶୀଳ ଦେଶଗୁଡ଼ିକର ଶିଳ୍ପ ଅର୍ଥନୀତିକୁ ନିରୁତ୍ସାହିତ କରିବା ପାଇଁ ୟୁରୋପୀୟ ସଂଘର ଏହା ଏକ ବିଧିବଦ୍ଧ ଷଡ଼ଯନ୍ତ୍ର। ତେଣୁ ଜଳବାୟୁ ଦାୟିତ୍ୱବୋଧ ସହିତ ବିକାଶର ଅଧିକାରକୁ ମଧ୍ୟ ଗୁରୁତ୍ୱ ଦେବା ଆବଶ୍ୟକ।

ୟୁରୋପୀୟ ସଂଘର କାର୍ବନ୍ ଶୁଳ୍କ ବ୍ୟବସ୍ଥାର ବାଣିଜ୍ୟିକ ପ୍ରଭାବ ଏବଂ ନୀତିଗତ ଯଥାର୍ଥତା ଆମେରିକାର ପ୍ରସ୍ତାବିତ ତଦନ୍ତ ପରିସରଭୁକ୍ତ ହେବାର ସମ୍ଭାବନା ରହିଛି। ଭାରତର ଇସ୍ପାତ, ଆଲୁମିନିୟମ୍ ଓ ଅନ୍ୟାନ୍ୟ ଶିଳ୍ପ ୟୁରୋପୀୟ ବଜାର ସହ ଜଡ଼ିତ। ଦୀର୍ଘକାଳୀନ ଭିତ୍ତିରେ ଅତିରିକ୍ତ କାର୍ବନ୍ ଖର୍ଚ୍ଚ ଯଦି ଭାରତୀୟ ଉତ୍ପାଦକଙ୍କ ପ୍ରତିଯୋଗିତା କ୍ଷମତାକୁ ହ୍ରାସ କରେ ତେବେ ରପ୍ତାନି ଆୟ ଓ ନିଯୁକ୍ତି ଉପରେ ଚାପ ବଢ଼ିବ। ଏହି ପରିସ୍ଥିତିରେ ଆମେରିକାର ତଦନ୍ତ ଭାରତ ପାଇଁ ପ୍ରାସଙ୍ଗିକ। କିନ୍ତୁ ଆମେରିକା ସବୁବେଳେ ତା' ନିଜ ସ୍ୱାର୍ଥକୁ ପ୍ରାଥମିକତା ଦିଏ। ତେଣୁ ଭାରତ ତତ୍କାଳ ଏଥିରୁ କିଛି ଆଶା କରିବା କିମ୍ବା ଅଧିକ ଉତ୍ସାହିତ ହେବା ବୃଥା। କିନ୍ତୁ ଭାରତ-ୟୁରୋପୀୟ ସଂଘ ମଧ୍ୟରେ ଐତିହାସିକ ବାଣିଜ୍ୟ ଚୁକ୍ତି ଏ ପର୍ଯ୍ୟନ୍ତ ସ୍ୱାକ୍ଷର ହୋଇ ନଥିବାରୁ ମୂଲଚାଲ ପାଇଁ ସୁଯୋଗ ସୃଷ୍ଟି କରିପାରେ। ଏହି ପ୍ରସଙ୍ଗରେ ଭାରତ-ୟୁରୋପୀୟ ସଂଘ ବାଣିଜ୍ୟ ରାଜିନାମାରେ ଥିବା 'ଫରୱାର୍ଡ ମୋଷ୍ଟ ଫେଭର୍ଡ ନେସନ୍'(ଏମ୍‌ଏଫ୍‌ଏନ୍) ବ୍ୟବସ୍ଥା ଗୁରୁତ୍ୱପୂର୍ଣ୍ଣ ହୋଇପାରେ।

ଭାରତ ଏହି ସୁଯୋଗକୁ କୂଟନୈତିକ ଆଲୋଚନାରେ ନିଜ ସ୍ୱାର୍ଥ ସୁରକ୍ଷା ପାଇଁ ବ୍ୟବହାର କରିବା ଉଚିତ୍। ୟୁରୋପୀୟ ସଂଘ ସହ ଆଲୋଚନାରେ ଭାରତକୁ ଶୁଳ୍କ ହ୍ରାସ ଦାବି ସହିତ ନିର୍ଗମନ ହିସାବର ସରଳୀକରଣ, ଯାଞ୍ଚ ଖର୍ଚ୍ଚର ହ୍ରାସ ଓ ବିକାଶଶୀଳ ଦେଶଗୁଡ଼ିକ ପାଇଁ ଯଥୋଚିତ ନିର୍ଗମନ କଟକଣା ସମୟସୀମା ଦାବି କରିବାକୁ ହେବ। ଆମେରିକାର ତଦନ୍ତ ଭାରତ ପାଇଁ ଅସ୍ଥାୟୀ ସୁଯୋଗ ଆଣିପାରେ; କିନ୍ତୁ ଦୀର୍ଘକାଳୀନ ସମାଧାନ ପାଇଁ ଭାରତ ନିଜ ଶିଳ୍ପକୁ ପରିବେଶ ଅନୁକୂଳ କରିବା ଉଚିତ। ଭାରତର ଇସ୍ପାତ ଶିଳ୍ପର ଏକ ବଡ଼ ଅଂଶ କୋଇଲାଭିତ୍ତିକ। ଏହା ଅଧିକ କାର୍ବନ୍ ନିର୍ଗମନର କାରଣ। ଏହାର ବିକଳ୍ପ ଭାବେ ସ୍କ୍ରାପ୍ ଆଧାରିତ ଇଲେକ୍ଟ୍ରିକ୍ ଆର୍କ ଫର୍ଣ୍ଣେସ୍, ଅକ୍ଷୟ ଶକ୍ତିର ବ୍ୟବହାର, ଉତ୍ପାଦନ ପ୍ରକ୍ରିୟାର ଆଧୁନିକୀକରଣ ଓ ସ୍ୱଚ୍ଛ ପ୍ରଯୁକ୍ତିରେ ପୁଞ୍ଜିନିବେଶ ବଢ଼ାଇବାକୁ ହେବ। ଏଥିପାଇଁ ସରକାରୀ ପ୍ରୋତ୍ସାହନ, ସହଜ ଋଣ ଓ ଗବେଷଣାର ଆବଶ୍ୟକତା ରହିଛି। ଏହାସହିତ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକୁ ନିର୍ଗମନ ଯାଞ୍ଚ, ତଥ୍ୟ ସଂଗ୍ରହ ଓ ଅନ୍ତର୍ଜାତୀୟ ମାନ୍ୟତାପ୍ରାପ୍ତ ସଂସ୍ଥା ଦ୍ୱାରା ଯାଞ୍ଚ କରାଇବାରେ ସହାୟତା ଦେବା ଜରୁରୀ। କାରଣ କ୍ଷୁଦ୍ର ଉଦ୍ୟୋଗମାନଙ୍କ ପାଇଁ ଏହି ଅତିରିକ୍ତ ଖର୍ଚ୍ଚ ବହନ କରିବା ଅଧିକ କଷ୍ଟକର।

କାର୍ବନ୍ ନିର୍ଗମନ ହ୍ରାସ ବିଶ୍ୱବ୍ୟାପୀ ଏକ ଆହ୍ୱାନ ଓ ଆବଶ୍ୟକତା। କିନ୍ତୁ ଏହି ଲକ୍ଷ୍ୟ ହାସଲ କରିବା ଆଳରେ ବିକଶିତ ଓ ଶିଳ୍ପସମୃଦ୍ଧ ଦେଶମାନେ ବିକାଶଶୀଳ ଦେଶମାନଙ୍କ ଉପରେ ଏକପାଖିଆ ଆର୍ଥିକ ବୋଝ ଲଦିଦେବା ମଧ୍ୟ ଉଚିତ୍ ନୁହେଁ। ପରିବେଶ ସୁରକ୍ଷାର ନିୟମ ସ୍ୱଚ୍ଛ, ନିରପେକ୍ଷ ଓ ସମସ୍ତଙ୍କ ପାଇଁ ଯୁକ୍ତିସଙ୍ଗତ ହେବା ଆବଶ୍ୟକ। ବିଶ୍ୱ ବାଣିଜ୍ୟ ନିୟମ ନିର୍ଦ୍ଧାରଣରେ ବିକଶିତ ଦେଶ ଓ ବିକାଶଶୀଳ ଦେଶ ମଧ୍ୟରେ ଅର୍ଥନୈତିକ ବୈଷମ୍ୟକୁ ବିଚାରକୁ ନେବା ଉଚିତ୍। ଭାରତ ଏହି ଯୁକ୍ତିକୁ ବିଶ୍ୱ ବାଣିଜ୍ୟ ସଂଗଠନ ଓ ଅନ୍ୟାନ୍ୟ ଅନ୍ତର୍ଜାତୀୟ ମଞ୍ଚରେ ଉପସ୍ଥାପନ କରିବାକୁ ହେବ। ଆମେରିକାର ତଦନ୍ତ ଯଦି ସିବିଏଏମ୍ ନିୟମରେ ଅଧିକ ସ୍ୱଚ୍ଛତା ଓ ନମନୀୟତା ଆଣେ, ତେବେ ଭାରତ ସୁଯୋଗର ସଦ୍‌ବ୍ୟବହାର ପାଇଁ ସଦା ପ୍ରସ୍ତୁତ ରହିବା ଉଚିତ।

## ଶତାୟୁ ଓଡ଼ିଶାର ରୂପରେଖ

ଅବିନାଶ ମହାପାତ୍ର

୨୦୩୬ରେ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟ ଗଠନର ଶତବର୍ଷ ପୂରଣ କରିବ। ଏହି ଐତିହାସିକ ସମୟକୁ ଦୃଷ୍ଟିରେ ରଖି 'ବିକଶିତ ଓଡ଼ିଶା ୨୦୩୬' ଏବଂ ତାହା ପରବର୍ତ୍ତୀ 'ଶତାୟୁ ଓଡ଼ିଶା'ର ପରିକଳ୍ପନା ହେଉଛି। ଭିନ୍ନ ଭିନ୍ନ ସରକାର ନିଜ ନିଜ ସମୟରେ ଓଡ଼ିଶାର ଭବିଷ୍ୟତ ବିକାଶର ଗୋଲାପୀ ଚିତ୍ର ଲୋକଙ୍କ ସମ୍ମୁଖରେ ରଖିଛନ୍ତି। କିନ୍ତୁ ଏଠାରେ ସାଧାରଣ ପ୍ରଶ୍ନ ଉଠେ ବିକଶିତ ଓଡ଼ିଶାର ସଂଜ୍ଞା କ'ଣ? କେଉଁ ଆଧାରରେ ଆମେ ଓଡ଼ିଶାକୁ 'ବିକଶିତ' ବୋଲି ବିବେଚନା କରିବା? କେବଳ ପ୍ରଶସ୍ତ ରାସ୍ତା, ଶିଳ୍ପ ପ୍ରତିଷ୍ଠାନ, ବନ୍ଦର, ସହର ଭଳି ଭିତ୍ତିଭୂମି ଅବା ସୁବିଧା କିମ୍ବା ରାଜ୍ୟର ଅର୍ଥନୀତିର ଆକାର ବଢ଼ିବାକୁ 'ବିକାଶ'ର ସମ୍ପୂର୍ଣ୍ଣ ପରିଚୟ କୁହାଯାଇପାରିବ ନାହିଁ। ବିକାଶର ପ୍ରକୃତ ମାପକ ହେଉଛି ସାଧାରଣ ଲୋକଙ୍କ ଜୀବନରେ ଆସୁଥିବା ପରିବର୍ତ୍ତନ। ଜଣେ ଶିଶୁ କେତେ ଗୁଣାତ୍ମକ ଶିକ୍ଷା ପାଉଛି, ଜଣେ ମା' କେତେ ସୁରକ୍ଷିତ ଭାବେ ସନ୍ତାନ ପ୍ରସବ କରୁଛନ୍ତି, ଜଣେ କୃଷକଙ୍କ ଆୟ କେତେ ବଢ଼ୁଛି, ଜଣେ ଯୁବକଙ୍କୁ କେତେ ଗୁଣାତ୍ମକ ରୋଜଗାର ମିଳୁଛି ଏବଂ ଗ୍ରାମବାସୀଙ୍କ ନିକଟରେ କେତେ ସହଜରେ ଗୁଣାତ୍ମକ ସ୍ୱାସ୍ଥ୍ୟ, ପାନୀୟଜଳ, ସ୍ୱଚ୍ଛତା ଓ ଅନ୍ୟାନ୍ୟ ମୌଳିକ ସୁବିଧା ପହଞ୍ଚୁଛି - ଏହିଭଳି ଅନେକ ମାପକ ହେଉଛି ବାସ୍ତବ ବିକାଶର ସୂଚକ।

ଅର୍ଥନୈତିକ କ୍ଷେତ୍ରରେ ଓଡ଼ିଶା ଗତ ଦୁଇ ଦଶନ୍ଧିରେ ଉଲ୍ଲେଖନୀୟ ଅଗ୍ରଗତି କରିଛି। ରାଜ୍ୟ ଅର୍ଥନୀତିର ଆକାର ବଢ଼ିଛି ଏବଂ ଶିଳ୍ପ ଓ ସେବା କ୍ଷେତ୍ରର ଭୂମିକା ମଧ୍ୟ ବୃଦ୍ଧି ପାଇଛି। ୨୦୨୫-୨୬ର ଆକଳନ ଅନୁଯାୟୀ ଓଡ଼ିଶାର ମୁଣ୍ଡପିଛା ଆୟ ୧, ୮୨, ୫୪୮ ଟଙ୍କାରେ ପହଞ୍ଚିଛି। ଏହା ପୂର୍ବବର୍ଷର ୧, ୮୨, ୫୪୮ ଟଙ୍କା ତୁଳନାରେ ସାମାନ୍ୟ ଅଧିକ। କିନ୍ତୁ ଜାତୀୟ ତୁଳନାରେ ଚିତ୍ରଟି ଦେଖିଲେ ଓଡ଼ିଶାର ଆଗାମୀ ଯାତ୍ରାର ଦୂରତା ସ୍ପଷ୍ଟ ହୁଏ। ଅନେକ ଅଗ୍ରଣୀ ରାଜ୍ୟ ଏକ୍ଷେତ୍ରରେ ଓଡ଼ିଶାଠାରୁ ଆଗରେ। ଅର୍ଥାତ୍ ରାଜ୍ୟର ଅର୍ଥନୀତି ବଢ଼ୁଥିଲେ ମଧ୍ୟ ସେହି ବୃଦ୍ଧିକୁ ପ୍ରତ୍ୟେକ ପରିବାରର ଆୟ ଓ ଜୀବନମାନରେ ରୂପାନ୍ତରିତ କରିବା ଏବେ

### ମୋ ସ୍ୱପ୍ନର ଓଡ଼ିଶା

ବି ଏକ ବଡ଼ ଆହ୍ୱାନ। ଦାରିଦ୍ର୍ୟ ହ୍ରାସରେ ଓଡ଼ିଶା ଉଲ୍ଲେଖନୀୟ ପ୍ରଗତି କରିଛି। କିନ୍ତୁ ଦାରିଦ୍ର୍ୟକୁ କେବଳ ଆୟର ଅଭାବ ଭାବେ ଦେଖିଲେ ଚିତ୍ରଟି ଅସମ୍ପୂର୍ଣ୍ଣ ହେବ। ଶିକ୍ଷା, ସଠିକ୍ ପୋଷଣ, ସ୍ୱାସ୍ଥ୍ୟ, ବାସସ୍ଥାନ, ପାନୀୟଜଳ ଓ ସ୍ୱଚ୍ଛତା ଭଳି ଅନେକ ମାନଦଣ୍ଡକୁ ନେଇ ଦାରିଦ୍ର୍ୟର ଚିତ୍ରକୁ ଦେଖିବାକୁ ଉଚିତ୍। ନିତି ଆୟୋଗର 'ନିରନ୍ତର ବିକାଶ ଲକ୍ଷ୍ୟ ସୂଚକାଙ୍କ ୨୦୨୩-୨୪' ଅନୁଯାୟୀ ଓଡ଼ିଶାର ଦାରିଦ୍ର୍ୟ ହାର ୧୫.୬୮ ପ୍ରତିଶତ (ଗ୍ରାମାଞ୍ଚଳ ୧୭.୭୨% ଓ ସହରାଞ୍ଚଳ ୫.୪୨%) ଥିବା ବେଳେ ଜାତୀୟ ହାର ୧୪.୯୬ ପ୍ରତିଶତ। ଏହା ଦର୍ଶାଏ ଯେ ଦାରିଦ୍ର୍ୟ ହ୍ରାସରେ ରାଜ୍ୟ ଆଗକୁ ବଢ଼ିଥିଲେ ମଧ୍ୟ ଜାତୀୟସ୍ତର ସହ ସମକକ୍ଷ ହେବା ପାଇଁ ବିଶେଷତଃ ଗ୍ରାମାଞ୍ଚଳରେ ଆହୁରି ପ୍ରୟାସ ଆବଶ୍ୟକ।

ଶିକ୍ଷା କ୍ଷେତ୍ରରେ ଚିତ୍ରଟି ମିଶ୍ର। ୧୫ ବର୍ଷରୁ ଅଧିକ ବୟସର ଲୋକଙ୍କ ସାକ୍ଷରତା ହାରରେ ଓଡ଼ିଶା ୭୫.୬ ପ୍ରତିଶତ ସହ ଜାତୀୟ ହାର ୭୨.୫ ପ୍ରତିଶତଠାରୁ ଆଗରେ ରହିଛି। ଏହା ନିଶ୍ଚିତ ଭାବେ ଏକ ସକାରାତ୍ମକ ସଙ୍କେତ। କିନ୍ତୁ ଶିକ୍ଷାର ପ୍ରକୃତ ଗୁଣବତ୍ତା ଓ ଛାତ୍ରଛାତ୍ରୀଙ୍କ ନିରନ୍ତର ଶିକ୍ଷା ମଧ୍ୟ ସମାନ ଗୁରୁତ୍ୱ ବହନ କରେ। 'ନିରନ୍ତର ବିକାଶ ଲକ୍ଷ୍ୟ ସୂଚକାଙ୍କ ୨୦୨୩-୨୪' ଅନୁଯାୟୀ ଓଡ଼ିଶାର ମାଧ୍ୟମିକ ସ୍ତରର ବାର୍ଷିକ ଡ୍ରପଆଉଟ ହାର ୨୭.୩ ପ୍ରତିଶତ ଥିବା ବେଳେ ଜାତୀୟ ହାର ୯.୫୨ ପ୍ରତିଶତ। ଯଦିଓ ୨୦୨୪-୨୫ରେ ସୁଧାର ଆସିଛି, ମାତ୍ର ଜାତୀୟ ହାରଠାରୁ ଅନେକ ପଛରେ ରହିଛି। ଏହି ବ୍ୟବଧାନ ଏକ ଗୁରୁତର ଚିନ୍ତାର ବିଷୟ। ଏହାଠାରୁ ଅଧିକ ଆବଶ୍ୟକ ହେଉଛି ଯୁବକଯୁବତୀଙ୍କୁ ଗୁଣାତ୍ମକ ଶିକ୍ଷା, ଦକ୍ଷତା ଓ ରୋଜଗାର ସହ ଯୋଡ଼ିବା। ଶିକ୍ଷାର ଶେଷ ଲକ୍ଷ୍ୟ ଭାବେ କେବଳ ପ୍ରମାଣପତ୍ର ନୁହେଁ, ବରଂ ଜ୍ଞାନ, ଦକ୍ଷତା ଓ ଆତ୍ମନିର୍ଭରଶୀଳତା ଉପରେ ଗୁରୁତ୍ୱ ଦେବା ଦରକାର।

ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ୍ୟ ଓଡ଼ିଶାରେ ଅନେକ ପରିବର୍ତ୍ତନ ଆବଶ୍ୟକ। ଶିଶୁ ପୋଷଣ, ମାତୃ ସ୍ୱାସ୍ଥ୍ୟ ଓ ରକ୍ତହୀନତା ଭଳି ସମସ୍ୟାଗୁଡ଼ିକ ମାନବ ବିକାଶର ମୂଳସୂଚକ। 'ନିରନ୍ତର ବିକାଶ ଲକ୍ଷ୍ୟ ସୂଚକାଙ୍କ ୨୦୨୩-୨୪' ଅନୁଯାୟୀ ଓଡ଼ିଶାର ପାଞ୍ଚ ବର୍ଷରୁ କମ୍ ଶିଶୁଙ୍କ କ୍ଷେତ୍ରରେ କୁପୋଷଣ ହାର ୩୪ ପ୍ରତିଶତ, ଯେଉଁଠାରେ ଜାତୀୟ ହାର ୨୯.୧ ପ୍ରତିଶତ। ସେହିପରି ଗର୍ଭବତୀଙ୍କ ମଧ୍ୟରେ ରକ୍ତହୀନତାର ହାର ଓଡ଼ିଶାରେ ୬୧.୮ ପ୍ରତିଶତ, ଜାତୀୟ ହାର ୪୭.୬ ପ୍ରତିଶତ। ତେଣୁ ଶତାୟୁ ଓଡ଼ିଶା ପାଇଁ ଚିକିତ୍ସା ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ସହିତ ସୁସ୍ଥ ମା', ସୁସ୍ଥ ଶିଶୁ ଓ ସୁସ୍ଥ ଯୁବପିଢ଼ି ଗଢ଼ିବାକୁ ସମାନ ପ୍ରାଥମିକତା ଦେବା ଦରକାର।

ଓଡ଼ିଶାର ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ବିନା ଶତାୟୁ ଓଡ଼ିଶାର ପରିକଳ୍ପନା ସଫଳ ହୋଇପାରିବ ନାହିଁ। ୨୦୧୧ ଜନଗଣନା ଅନୁଯାୟୀ ରାଜ୍ୟର ପ୍ରାୟ ୮୩ ପ୍ରତିଶତ ଲୋକ ଗ୍ରାମାଞ୍ଚଳରେ ବସବାସ କରୁଥିଲେ। ୧୫ବର୍ଷ ତଳର ତଥ୍ୟ ଆଧାରରେ ଆମେ ତର୍ଜମା କଲେ ଏହି ତଥ୍ୟ ହିଁ ସୂଚାଇ ଦିଏ ଯେ ଓଡ଼ିଶାର ବିକାଶର ମୂଳ ଭିତ୍ତି ଗାଁ ଏବଂ ଗ୍ରାମୀଣ ଅର୍ଥନୀତିରେ ରହିଛି। ଗାଁର ଜୀବନଜୀବିକାରେ ପରିବର୍ତ୍ତନ ନ ଆସିଲେ, ଗ୍ରାମୀଣ ପରିବାରର ଆୟ ନ ବଢ଼ିଲେ, ଶିକ୍ଷା ଓ ସ୍ୱାସ୍ଥ୍ୟସେବା ସଠିକ୍ ଭାବେ ଉପଲବ୍ଧ ନ ହେଲେ 'ବିକଶିତ ଓଡ଼ିଶା'ର ସ୍ୱପ୍ନ ଅଧୁରା ରହିଯିବ।

କୃଷି ଏବେ ବି ଲକ୍ଷ ଲକ୍ଷ ପରିବାରର ଜୀବିକାର ମୂଳ ଆଧାର। କିନ୍ତୁ କୃଷକଙ୍କ ଆୟ ବଢ଼ାଇବା ପାଇଁ କେବଳ ଉତ୍ପାଦନ ବଢ଼ାଇଲେ ହେବ ନାହିଁ। ସଂରକ୍ଷଣ, ପ୍ରସ୍ତୁତିକରଣ, ମୂଲ୍ୟବୃଦ୍ଧି, ବଜାର ସଂଯୋଗ ଓ ଉଚିତ ମୂଲ୍ୟପ୍ରାପ୍ତିର ସମ୍ପୂର୍ଣ୍ଣ ଶୃଙ୍ଖଳାକୁ ମଜବୁତ କରିବାକୁ ହେବ। ଏଠାରେ ସମବାୟ ସଂସ୍ଥାଗୁଡ଼ିକର ଭୂମିକା ଆହୁରି ବଢ଼ିପାରେ। ଗ୍ରାମୀଣ ଉତ୍ପାଦନ, ପ୍ରସ୍ତୁତିକରଣ, ବଜାର ଓ ଏ ସମ୍ପର୍କିତ ସୁବିଧା କେନ୍ଦ୍ରଗୁଡ଼ିକରେ ବ୍ୟାପକ ପରିବର୍ତ୍ତନ ଆବଶ୍ୟକ। ଉଦ୍ୟୋଗୀକରଣ ଓ ଖଣିଜ ଭିତ୍ତିକ ଅର୍ଥନୀତି ଓଡ଼ିଶାକୁ ରାଜସ୍ୱ ଓ ନିବେଶର ନୂଆ ସୁଯୋଗ ଦେଇଛି। କିନ୍ତୁ ଆଗାମୀ ଦଶକର ପ୍ରଶ୍ନ ହେଉଛି - ଏହି ଅର୍ଥନୈତିକ ବୃଦ୍ଧିର ଲାଭ କେତେମାତ୍ରାରେ ସ୍ଥାନୀୟ ଲୋକଙ୍କ ଜୀବନକୁ ପ୍ରଭାବିତ କରୁଛି? ଶିଳ୍ପ ଆସିବା ସହିତ ସ୍ଥାନୀୟ ଯୁବକଙ୍କ ପାଇଁ ଦକ୍ଷତା ଓ ରୋଜଗାର ବଢ଼ୁଛି କି? କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକ ନୂଆ ମୂଲ୍ୟ-ଶୃଙ୍ଖଳାରେ ସାମିଲ ହେଉଛନ୍ତି କି? ଗ୍ରାମୀଣ ଅଞ୍ଚଳରେ ନୂଆ ଉଦ୍ୟମ ସୃଷ୍ଟି ହେଉଛି କି? ଏହି ପ୍ରଶ୍ନଗୁଡ଼ିକର ଉତ୍ତର ହିଁ ନିର୍ଦ୍ଧାରଣ କରିବ ଯେ ଅର୍ଥନୈତିକ ବୃଦ୍ଧି କେତେ ମାତ୍ରାରେ ସମାବେଶୀ।

ଏହି ସମସ୍ତ ସୂଚକକୁ ଏକାଠି ଦେଖିଲେ ଓଡ଼ିଶାର ଚିତ୍ର ନା ସମ୍ପୂର୍ଣ୍ଣ ନୈରାଶ୍ୟଜନକ, ନା ସମ୍ପୂର୍ଣ୍ଣ ସନ୍ତୋଷଜନକ। ନିତି ଆୟୋଗର 'ନିରନ୍ତର ବିକାଶ ଲକ୍ଷ୍ୟ ସୂଚକାଙ୍କ ୨୦୨୩-୨୪'ରେ ଭାରତର ସାମଗ୍ରିକ ସ୍କୋର ୭୧ ଥିବାବେଳେ ଓଡ଼ିଶାର ସ୍କୋର ୬୬। ଅର୍ଥାତ୍ ରାଜ୍ୟକୁ ଜାତୀୟ ମାନଦଣ୍ଡ ସହ ସମକକ୍ଷ ହେବା ପାଇଁ ଆହୁରି ଗତି ବଢ଼ାଇବାକୁ ହେବ। ତେବେ ଏହା ମଧ୍ୟ ଉଲ୍ଲେଖନୀୟ ଯେ ୨୦୧୮ରୁ ୨୦୨୩-୨୪ ମଧ୍ୟରେ ଓଡ଼ିଶାର ନିରନ୍ତର ବିକାଶ ଲକ୍ଷ୍ୟ ସ୍କୋର ୧୫ ପଏଣ୍ଟ ବଢ଼ିଛି। ଅର୍ଥାତ୍ ରାଜ୍ୟରେ ପରିବର୍ତ୍ତନ ଘଟୁଛି; କିନ୍ତୁ ଏହି ପରିବର୍ତ୍ତନର ଗତି ଓ ପରିମାଣକୁ ଆହୁରି ବଢ଼ାଇବା ଦରକାର। ତେଣୁ ଶତାୟୁ ଓଡ଼ିଶାର ରୂପରେଖ କେବଳ ଏକ ଭବିଷ୍ୟତର ଗୋଲାପୀ ଚିତ୍ର ନୁହେଁ; ଏହା ସଭିଙ୍କ କ୍ଷେତ୍ରରେ ପ୍ରତିଫଳିତ ହେଉଥିବା ଏବଂ ବାସ୍ତବ ରୂପ ନେଉଥିବା ସ୍ପଷ୍ଟ ରୋଡମ୍ୟାପ୍ ହେବା ଆବଶ୍ୟକ।

୨୦୩୬ ଏକ ମାଇଲଖୁଣ୍ଟ; କିନ୍ତୁ 'ଶତାୟୁ ଓଡ଼ିଶା' ଏକ ଦୀର୍ଘ ଯାତ୍ରା। ଏହି ଯାତ୍ରାର ସଫଳତା କେବଳ ରାଜ୍ୟର ଜିଏସ୍‌ଡିପି (ରାଜ୍ୟ ଘରୋଇ ଉତ୍ପାଦ) କେତେ ବଢ଼ିଲା, କେତେ ଶିଳ୍ପ ଆସିଲା କିମ୍ବା କେତେ ରାସ୍ତା ନିର୍ମାଣ ହେଲା, ସେଥିରେ ମାପିହେବ ନାହିଁ। ପ୍ରକୃତ ପ୍ରଶ୍ନ ହେବ ସାଧାରଣ ଓଡ଼ିଆଙ୍କ, ଆଦିମ ଜନଜାତିଙ୍କ ଜୀବନ କେତେ ବଦଳିଲା? ଯଦି ଜଣେ ଗ୍ରାମୀଣ ଶିଶୁ ସହରର ଶିଶୁ ପରି ସମାନ ଗୁଣାତ୍ମକ ଶିକ୍ଷା ପାଏ, ଜଣେ କୃଷକ ନିଜ ଉତ୍ପାଦର ଉଚିତ ମୂଲ୍ୟ ପାଏ, ଜଣେ ଯୁବକ ନିଜ ରାଜ୍ୟରେ ସମ୍ମାନଜନକ ରୋଜଗାର ପାଏ, ଜଣେ ମହିଳା ନିରାପଦ ସ୍ୱାସ୍ଥ୍ୟ ଓ ଅର୍ଥନୈତିକ ସୁଯୋଗ ପାଏ ଏବଂ ଜଣେ ପରିବାର ନିଜ ପରବର୍ତ୍ତୀ ପିଢ଼ିର ଭବିଷ୍ୟତକୁ ନେଇ ନିରାପଦ ଅନୁଭବ କରେ, ତେବେ ହିଁ ବିକଶିତ ଓଡ଼ିଶାର ସ୍ୱପ୍ନ ପ୍ରକୃତ ଅର୍ଥରେ ସାକାର ହେବ।

ଭୁବନେଶ୍ୱର, ମୋ: ୯୯୩୭୧୭୬୦୪୯

## ପାର୍ବଣ ପ୍ରତିଦ୍ୱନ୍ଦ୍ୱିତା: ପ୍ରଦୂଷଣ ଓ ପ୍ରତିକାର

ପ୍ରାଧ୍ୟାପକ ଶ୍ରୀକାନ୍ତ ନାୟକ

ଦିନ ଥିଲା ଆମ ସମାଜରେ ସୀମିତ ସଂଖ୍ୟକ ଦେବାଦେବୀ ନିର୍ଦ୍ଦିଷ୍ଟ ସ୍ଥାନରେ ନିରାଡ଼ମ୍ବର ଭାବରେ ଭକ୍ତି ଓ ପବିତ୍ରତାର ସହିତ ପୂଜା ପାଉଥିଲେ। ଅଧୁନା ବିଭିନ୍ନ ଦେବାଦେବୀଙ୍କ ଉପାସନା ବିଭିନ୍ନ ଅନୁଷ୍ଠାନ ଦ୍ୱାରା ବର୍ଷତମାମ ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ମହାଆଡ଼ମ୍ବରରେ ଅନୁଷ୍ଠିତ ହେଉଛି। ପୂଜା ପାର୍ବଣ କ୍ଷେତ୍ରରେ ଅଧୁନା ପ୍ରତିଦ୍ୱନ୍ଦ୍ୱିତା ମନୋଭାବ ବଢ଼ିଛି। ତେଣୁ କେଉଁଠି ଜିନ୍ ଓ କଳା ଚଷମା ପିନ୍ଧା ସିଗାରେଟ୍ ଟାଣୁଥିବା ଗଣେଶ ମୂର୍ତ୍ତି ତ ଆଉ କେଉଁଠି ଲାଡେନ୍‌କୁ ବଧ କରୁଥିବା ଦୁର୍ଗା ମେଢ଼ ଦେଖିବାକୁ ମିଳୁଛି। ଏପରି ଖିଆଲ ଖୁସିରେ ପ୍ରତିମା ପୂଜା ଦ୍ୱାରା ଜନ ଓ ଜାତିର କି ପ୍ରକାର ମଙ୍ଗଳ ସାଧନ ହେଉଛି ତାହା ସମସ୍ତେ ବିଚାରିବାର ସମୟ ଆସିଛି।

ମନ୍ଦିରକୁ ମୁଖଶାଳା ବଳିଯିବା ପରି ଏବେ ପୂଜା ଅନୁଷ୍ଠାନମାନ ନିଜ ପୂଜା ମଣ୍ଡପକୁ ଆକର୍ଷଣୀୟ କରିବା ଉଦ୍ଦେଶ୍ୟରେ ସୁଉଚ୍ଚ ପ୍ରତିମା ଓ ତୋରଣ ନିର୍ମାଣ କରୁଛନ୍ତି। ପ୍ରତିମାଙ୍କ ଗଳାରେ ଫୁଲହାର ପକାଇବାକୁ ବଡ଼ ବାଡ଼ିର ସାହାରା ନେବାକୁ ପଡୁଛି। ଏହି ବର୍ଷ ଗଣେଶ ପୂଜାରେ ଗୋଟିଏ ପୂଜା ମଣ୍ଡପର ୧୫୦ ଫୁଟ ଉଚ୍ଚର ତୋରଣ କେମିତି ଝଡ଼ ବର୍ଷାରେ ଭୂପତିତ ହେଲା ତାହା ଆମେ ସମସ୍ତେ ଜାଣନ୍ତି। ସୌଭାଗ୍ୟବଶତଃ କେହି ମୃତାହତ ହୋଇ ନ ଥିଲେ। ଶାରଦୀୟ ଦୁର୍ଗାପୂଜାର ଏକ ସ୍ୱତନ୍ତ୍ରତା ରହିଛି। ପୂଜା ଛୁଟିରେ ଦର୍ଶକଙ୍କ ପ୍ରବଳ ଭିଡ଼ ହେବା ସ୍ୱାଭାବିକ। ଅକ୍ଟୋବର ମାସରେ ବାତ୍ୟାର ଆଶଙ୍କା ମଧ୍ୟ ରହୁଛି। ତେଣୁ ଅତିଉଚ୍ଚ ତୋରଣ ନିର୍ମାଣ ଉପରେ ଅଙ୍କୁଶ ଲଗାଇବା ଆବଶ୍ୟକ। ସେହିପରି କଟକଣା ସତ୍ତ୍ୱେ କେତେକ ଅନୁଷ୍ଠାନ ଜୁଲମ କରି ଚାନ୍ଦା ଆଦାୟ କରୁଛନ୍ତି। କେହି ବିରୋଧ କଲେ ହାତାହାତି ପରିସ୍ଥିତି ସୃଷ୍ଟି ହେଉଛି। ପୁଲିସ ଓ ପ୍ରଶାସନ ସବୁ ଜାଣି ବି ନିରବ ରହୁଛନ୍ତି।

ସାମ୍ପ୍ରତିକ ସମୟର ପୂଜାପାର୍ବଣ ମୂଳ ଲକ୍ଷ୍ୟରୁ ଦୂରେଇ ଯାଇ ଧୀରେ ଧୀରେ ବାହ୍ୟିକ ଔପଚାରିକତା ଭିତରେ ଆବଦ୍ଧ ହୋଇଯାଉଛି। ଦେବଦେବୀଙ୍କ ନାମରେ ଆଦାୟ କରାଯାଉଥିବା ଅର୍ଥର ସିଂହ ଭାଗ ମଦ୍ୟପାନ ଏବଂ ତଥାକଥିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବ୍ୟୟ ହେଉଛି। ମନୋରଞ୍ଜନର ଦୋହାଇ ଦେଇ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଶ୍ରୁତିକଟୁ ଦ୍ୱିଅର୍ଥବୋଧକ ଅଶ୍ଳୀଳଗୀତ ସହିତ ଅରୁଚିକର ଠାଣିରେ ତରୁଣତରୁଣୀମାନଙ୍କ ନୃତ୍ୟର ଆସରକୁ ସାଂସ୍କୃତିକ କାର୍ଯ୍ୟକ୍ରମ ଭାବରେ ଆଖ୍ୟାୟିତ କରାଯାଉଛି। ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଶ୍ରୋତା ଓ ଦର୍ଶକଙ୍କ ବ୍ୟତୀତ ଅନ୍ୟ କେହି ତାହା ଦେଖିବା ବା ଶୁଣିବା ଯୋଗ୍ୟ ନୁହେଁ। ଏହାବ୍ୟତୀତ ଦିନତମାମ ଡାକବାଜି ଯନ୍ତ୍ର ମାଧ୍ୟମରେ ବିକୃତ ଆଲବମ ସଙ୍ଗୀତର ବିକଟାଳ ଗର୍ଜନ ପାର୍ବଣ ପାଳନକାରୀଙ୍କୁ ସାମୟିକ ଖୁସି ଓ ଆତ୍ମସନ୍ତୋଷ ଦେଉ ଥାଇପାରେ; କିନ୍ତୁ ବୃଦ୍ଧବ୍ୟକ୍ତି, ରୋଗୀ, ବିଦ୍ୟାର୍ଥୀ ଓ କର୍ମକ୍ଳାନ୍ତ ନାଗରିକ ତ୍ରାହି ତ୍ରାହି ଡାକୁଛନ୍ତି।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ନିୟମାନୁସାରେ ଦିନବେଳା ୪୫ ଡେସିବଲ୍ ଓ ରାତିରେ ୩୫ ଡେସିବଲ୍ ଶବ୍ଦ ବାଞ୍ଛନୀୟ। ଶବ୍ଦ ପ୍ରଦୂଷଣର ଭୟଙ୍କର କୁପରିଣାମକୁ ଦୃଷ୍ଟିରେ ରଖି ଭାରତର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ୨୦୦୫ ମସିହାରେ ପ୍ରଣୀତ ନିୟମାନୁଯାୟୀ ସର୍ବସାଧାରଣ ସ୍ଥାନରେ ରାତି ୧୦ ଟା ପରେ ଉଚ୍ଚଶବ୍ଦ ସୃଷ୍ଟି କରିବା ନିଷେଧ କରାଯାଇଛି। କିନ୍ତୁ ଦୁଃଖର ବିଷୟ ଆଜିର ସଭ୍ୟ ଶିକ୍ଷିତମାନେ ପ୍ରଦୂଷଣର କ୍ଷତିକାରକ ପ୍ରଭାବ ବିଷୟରେ ଜାଣି ବି ଅଜଣା ହେଉଛନ୍ତି। ଡିଜେର ବିକଟାଳ ଗର୍ଜନ କେବଳ ଶବ୍ଦ ପ୍ରଦୂଷଣ ନୁହେଁ, ଜୀବନ ହାନିର କାରଣ ହୋଇଛି। ଗାଁରୁ ସହର ସର୍ବତ୍ର ବର୍ତ୍ତମାନ ଶବ୍ଦ ପ୍ରଦୂଷଣର ଏକଛତ୍ରବାଦ ରାଜୁତି ଚାଲିଛି। ଏହା ଉପରେ କଠୋର କଟକଣା ଜାରି ହେବା ଆବଶ୍ୟକ।

ଏଥିସହିତ ପୂଜା ମଣ୍ଡପ ନିକଟରେ ଡଷ୍ଟବିନ୍ ରଖି ଅଳିଆ ଆବର୍ଜନା ପକାଇବାର ବ୍ୟବସ୍ଥା କରାଯାଉ। ଅପମିଶ୍ରିତ ଖାଦ୍ୟ ଓ ପାନୀୟ ଉପରେ ଖାଦ୍ୟ ସୁରକ୍ଷା ଅଧିକାରୀ ନିରନ୍ତର ଚଢ଼ାଉ ଜାରି ରଖନ୍ତୁ। ଭିଡ଼କୁ ଆଖିରେ ରଖି ଶ୍ରଦ୍ଧାଳୁ ଆତ୍ମସଚେତନ ହୋଇ ନିଜ ସାମଗ୍ରୀ ବିଶେଷତଃ ଟଙ୍କା, ମୋବାଇଲ, ଅଳଙ୍କାର ଆଦି ପ୍ରତି ନିଜେ ସତର୍କ ଓ ଦାୟିତ୍ୱବାନ ହେବା ଉଚିତ୍। ପାର୍ବଣ ସମୟରେ ଓ ଦେବାଦେବୀଙ୍କ ବିସର୍ଜନ ସମୟର ଆଡ଼ମ୍ବରପୂର୍ଣ୍ଣ ଶୋଭାଯାତ୍ରାରେ ନିଶାସକ୍ତ ଯୁବକମାନଙ୍କ ଅରୁଚିକର ଉଦଣ୍ଡ ନୃତ୍ୟ ଯୋଗୁଁ ଯାନବାହାନ ଚଳାଚଳରେ ବାଧା ସୃଷ୍ଟି ହେଉଛି। ତେଣୁ ପାର୍ବଣ ଆରମ୍ଭରୁ ଶେଷପର୍ଯ୍ୟନ୍ତ ନିଶାବିକ୍ରିକୁ ସମ୍ପୂର୍ଣ୍ଣ ନିଷେଧ କରାଯାଉ। ଚାନ୍ଦା ଆଦାୟକୁ କେନ୍ଦ୍ରକରି ହେଉ ବା ଯେକୌଣସି ସାମାନ୍ୟ କାରଣକୁ ଭିତ୍ତିକରି ହିତାହିତ ଜ୍ଞାନଶୂନ୍ୟ ନିଶାଗ୍ରସ୍ତ ଯୁବକମାନଙ୍କ ଗଣ୍ଡଗୋଳକୁ ନିୟନ୍ତ୍ରଣ କରିବା ପାଇଁ କେବଳ ପୁଲିସ ପ୍ରଶାସନ ନୁହେଁ ବୟୋଜ୍ୟେଷ୍ଠ ଓ ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ନେଇ ଶାନ୍ତି କମିଟି ଗଠନ କରାଯାଉ।

ପୂଜାପାର୍ବଣ ଧର୍ମାଚରଣର ଏକ ଅଙ୍ଗ ଭାବେ ମହାନ୍ ଭାରତୀୟ ସଂସ୍କୃତିରେ ସ୍ଥାନିତ ହୋଇଛି। ସୁପ୍ତ ଈଶ୍ୱରୀୟ ଚେତନାକୁ ଜାଗ୍ରତ କରି ଦେବୋପମ ଚରିତ୍ରର ଅଧିକାରୀ ହେବା ସହିତ ସୁଖ ଶାନ୍ତି ଓ ଆନନ୍ଦରେ ଜୀବନଯାପନ କରିବା ପୂଜା ପାର୍ବଣର ମୁଖ୍ୟ ଲକ୍ଷ୍ୟ। ଆଜି ସମୟ ଆସିଛି, ଆମ ମନଗଢ଼ା ଅଶାସ୍ତ୍ରୀୟ ପୂଜାର୍ଚ୍ଚନା ପରିବର୍ତ୍ତେ ଶାସ୍ତ୍ରାନୁମୋଦିତ ଉପଚାରରେ ପୂଜା ଆରାଧନା କରିବାକୁ ହେବ। ଦେବାଦେବୀଙ୍କ ପ୍ରତିମା ମାଟି, ସୁନା, ରୁପା ବା ଅଷ୍ଟଧାତୁରେ ନିର୍ମାଣ କରିବା ଉଚିତ। ଜୋରଜୁଲମ୍ କରି ଚାନ୍ଦା ଆଦାୟ ନ କରି ଅନୁଷ୍ଠାନ ସହିତ ଜଡ଼ିତ ଅଞ୍ଚଳବାସୀଙ୍କ ସ୍ୱେଚ୍ଛାକୃତ ଦାନ ଅର୍ଥରେ ପୂଜା ପାଳନ କରାଯାଉ। ପୂଜା ଆରମ୍ଭରୁ ବିସର୍ଜନ ପର୍ଯ୍ୟନ୍ତ ପୂଜା ମଣ୍ଡପରେ ଆଲବମ ସଙ୍ଗୀତ ପରିବର୍ତ୍ତେ ଭଜନ, କୀର୍ତ୍ତନ, ପ୍ରବଚନ ବା ଭକ୍ତିଭାବପୂର୍ଣ୍ଣ ସଙ୍ଗୀତ ଶ୍ରୁତିମଧୁର ସ୍ୱରରେ ପରିବେଷଣ କରାଯାଇ ପରିବେଶକୁ ଆଧ୍ୟାତ୍ମିକ ଚେତନା ସମୃଦ୍ଧ କରି ତୋଳିବା ସମସ୍ତଙ୍କର ଲକ୍ଷ୍ୟ ହେଉ। ବିସର୍ଜନ ଶୋଭାଯାତ୍ରା ନିରାଡ଼ମ୍ବର ହେଉ। ପରିବେଶକୁ ସୁସ୍ଥ ରଖି ପାର୍ବଣ ପାଳନ ସମସ୍ତଙ୍କ ଧ୍ୟେୟ ହେଉ। ପାର୍ବଣ ଅବସରରେ ସରକାର, ପ୍ରଶାସନ, ସୁରକ୍ଷା ବାହିନୀ, ଶାନ୍ତି କମିଟି ତଥା ପାଳନକାରୀ ସତର୍କ ଓ ସଜାଗ ରହିଲେ ପୂଜା ପାର୍ବଣ ସଫଳ ଓ ଉପଭୋଗ୍ୟ ହେବ।

ସିଂହପୁର(ଯାଜପୁର), ମୋ: ୯୯୩୭୮୮୧୧୮୪

## ମହାପ୍ରଭୁଙ୍କ ଟାହିଆ

ସ୍ୱପ୍ନେଶ୍ୱର

ରାଜା ମହାରାଜାମାନେ ବାହାରକୁ ବାହାରିଲେ ସୁନାର ମୁକୁଟ ପିନ୍ଧନ୍ତି। ମୁକୁଟ ହିଁ ସେମାନଙ୍କର ପରିଚୟ। ମହାପ୍ରଭୁ ରାଜାଧିରାଜ। ସେ ଯେତେବେଳେ ବାହାରକୁ ବାହାରନ୍ତି ଫୁଲ, ଦୁବ, ସୋଲ, ଜରି, ବେତ ଓ ବାଉଁଶ କାଠି ଆଦିରେ ନିର୍ମିତ ଏକ ମୁକୁଟ ଲଗେଇ ବାହାରନ୍ତି। ବଡ଼ ଠାକୁର ବଳଭଦ୍ର ମଧ୍ୟ ଏହି ମୁକୁଟ ଲଗେଇ ବାହାରନ୍ତି। ସ୍ଥାନୀୟ ଭାଷାରେ ଏହି ମୁକୁଟକୁ 'ଟାହିଆ' କହନ୍ତି। ମାଆ ସୁଭଦ୍ରା ଓ ଚକ୍ରରାଜ ସୁଦର୍ଶନ ଶୂନ୍ୟ ପହଣ୍ଡିରେ ଯାତ୍ରା କରୁଥିବାରୁ ସେମାନେ ଟୋପୋର ଆକାରର ଟାହିଆ ଲାଗି ହୁଅନ୍ତି। ସ୍ନାନଯାତ୍ରା ସମୟରେ ମନ୍ଦିରରୁ ସ୍ନାନମଣ୍ଡପକୁ ଯିବା ଓ ଆସିବା, ଗୁଣ୍ଡିଚା ଯାତ୍ରା ବେଳେ ଶ୍ରୀମନ୍ଦିରରୁ ରଥକୁ ଓ ରଥରୁ ଗୁଣ୍ଡିଚା ମନ୍ଦିରକୁ ବିଜେ କରିବା, ବାହୁଡ଼ା ଯାତ୍ରାରେ ଗୁଣ୍ଡିଚା ମନ୍ଦିରରୁ ରଥକୁ, ତା' ପରେ ନୀଳାଦ୍ରି ବିଜେ ଦିନ ଶ୍ରୀମନ୍ଦିରକୁ ଯାତ୍ରା- ଏହି ପରି ଛଅଥର ଯାତ୍ରା ବେଳେ ଚାରିଠାକୁରଙ୍କଠାରେ ଚବିଶଟି ଟାହିଆ ଲାଗି କରାଯାଏ। ସ୍ନାନ ଯାତ୍ରା ଓ ଗୁଣ୍ଡିଚା ମନ୍ଦିରରେ ବ୍ୟବହୃତ ଟାହିଆ ଶ୍ରୀମନ୍ଦିରରେ ଲାଗୁଥିବା ଟାହିଆଠାରୁ ଛୋଟ।

ବଡ଼ ଟାହିଆ ଲାଗି ହେବା ବେଳେ ଜଗନ୍ନାଥଙ୍କ ଟାହିଆରେ ୩୭ ଖଣ୍ଡ ଓ ବଳଭଦ୍ରଙ୍କ ଟାହିଆରେ ୩୩ ଖଣ୍ଡ ବାଉଁଶ କାଠି ଲାଗେ। ସାନ ଟାହିଆରେ ଜଗନ୍ନାଥଙ୍କର ୨୫ ଓ ବଡ଼ ଠାକୁରଙ୍କ ଟାହିଆରେ ୨୧ ଖଣ୍ଡ ବାଉଁଶ କାଠି ଲାଗେ। ଏଥିରୁ ଜଣାଯାଏ ଯେ ସବୁବେଳେ ମହାପ୍ରଭୁଙ୍କ ଟାହିଆ ବଡ଼ଠାକୁରଙ୍କ ଟାହିଆଠାରୁ ବଡ଼। ଲାଗୁଥିବା କାଠି ସଂଖ୍ୟାରେ ସବୁବେଳେ ଚାରିଟି କାଠିର ଫରକ ଥାଏ। ବିଭିନ୍ନ ପ୍ରକାରର ଫୁଲ, ଦୁବ, ସୋଲରେ ତିଆରି କଦମ୍ବ ଫୁଲ ଓ ପାନ ଖିଲ, ମାଧବୀ ପତ୍ର, ବେତ ଓ ବାଉଁଶ କାଠିରେ ପ୍ରାୟ ଅର୍ଦ୍ଧବୃତ୍ତାକାର ଆକାରରେ ନିର୍ମିତ ଛାଞ୍ଚରେ ସେ ସବୁକୁ ଖଞ୍ଜି ଥରକେ ଦୁଇଟି ସୁନ୍ଦର ଟାହିଆ ତିଆରି କରାଯାଏ। ଟାହିଆ କାରିଗର ଅତ୍ୟନ୍ତ ନିଷ୍ଠାର ସହ ହବିଷ୍ୟାନ୍ନ ଭୋଜନ କରି ମହାପ୍ରଭୁଙ୍କ ପାଇଁ ଟାହିଆ ପ୍ରସ୍ତୁତ କରନ୍ତି। ଶ୍ରୀମସ୍ତକରେ ଟାହିଆ ଲଗେଇ ଦୁଇଭାଇ ପହଣ୍ଡି ବିଜେ ସମୟରେ ସିଂହଠାଣିରେ ଚାଲିଚାଲି ଆସନ୍ତି ଏବଂ ସିଂହର କେଶର ପରି ଟାହିଆ ହଲେଇ ଆସୁଥିବା ବେଳେ ଦେଖୁଥିବା ଭକ୍ତମାନେ ତାଙ୍କୁ 'ନୀଳାଦ୍ରିସିଂହ'ରୂପେ ସମ୍ବୋଧିତ କରନ୍ତି।

ଟାହିଆ ପଛରେ ଏକ ଲୋକକଥା ଶୁଣାଯାଏ। କେତେକ ଏହାକୁ ସତ ଘଟଣା ବୋଲି ମଧ କହନ୍ତି। କଥାଟି

### ଲୋକକଥାରେ ଲୋକଦେବତା

ଏହିପରି - ଗଜପତି ପୁରୁଷୋତ୍ତମ ଦେବଙ୍କ ଅମଳର କଥା। ନରେନ୍ଦ୍ର ସରୋବରରେ ମଦନମୋହନ ଦୁଇପତ୍ନୀ ଭୂଦେବୀ ଓ ଶ୍ରୀଦେବୀଙ୍କ ସହ ଚାପ ଖେଳୁଥିବା ସମୟରେ ପ୍ରବଳ ଝଡ଼ ତୋଫାନରେ ମଦନମୋହନଙ୍କ ଚାପ ସହିତ ତିନିଠାକୁର ପାଣିରେ ବୁଡ଼ି ଗଲେ। ଝଡ଼ ଥମିବା ପରେ ସେବକମାନେ ଅନେକ ପରିଶ୍ରମ କରି ଭୂଦେବୀ ଓ ଶ୍ରୀଦେବୀଙ୍କ ବିଗ୍ରହ ପାଣିରୁ ଉଦ୍ଧାର କରିବାରେ ସଫଳ ହେଲେ। କିନ୍ତୁ ମଦନମୋହନ ମିଳିଲେ ନାହିଁ। ମଦନମୋହନ ବାହୁଡ଼ା ବିଜେ ନ କଲେ ମହାପ୍ରଭୁଙ୍କର ଅନ୍ୟ ନୀତି ପ୍ରଭାବିତ ହେବ। ସେବକମାନେ ଗଜପତିଙ୍କୁ ଏ ବିଷୟରେ ଜଣେଇଲେ। ଗଜପତି ମଠ ମହନ୍ତ ଓ ପଣ୍ଡିତମାନଙ୍କର ଏକ ସଭା ଡାକି ପରାମର୍ଶ ଲୋଡ଼ିଲେ। ଅନେକ ବିଚାରବିମର୍ଶ ପରେ ସର୍ବସମ୍ମତି ନିଷ୍ପତ୍ତିକ୍ରମେ ସ୍ଥିର କରାଗଲା ଯେ ମଦନମୋହନଙ୍କ ବିଗ୍ରହ ପରି ଆଉ ଏକ ବିଗ୍ରହ ମିଳିଲେ ତାଙ୍କୁ ମଦନମୋହନ ରୂପେ ଅବସ୍ଥାପିତ କରି ବାକି ନୀତି ଆଗକୁ ବଢ଼ାଯିବ।

ଏହି ସମୟରେ ରାଘବ ଦାସ ମଠର ମହନ୍ତ ଜଣେଇଲେ ଯେ ତାଙ୍କ ମଠରେ ମଦନମୋହନଙ୍କର ଅବିକଳ ଏକ ପ୍ରତିମା ଆରାଧିତ ହେଉଛନ୍ତି। ଏହାପରେ ମଠରୁ ସେମୂର୍ତ୍ତି ଶ୍ରୀମନ୍ଦିରକୁ ଆସିଲେ। ବର୍ତ୍ତମାନର ମଦନମୋହନ ସେହି ରାଘବ ଦାସ ମଠରୁ ଅଣାଯାଇଥିବା ବିଗ୍ରହ। କୃତଜ୍ଞ ରାଜା ଖୁସି ହୋଇ ମହନ୍ତଙ୍କୁ ପ୍ରତିବଦଳରେ କିଛି ମାଗିବାକୁ କହିବାରୁ ମହନ୍ତ କହିଲେ, 'ମୁଁ ଜଣେ ସଂସାରତ୍ୟାଗୀ ସନ୍ନ୍ୟାସୀ। କୌଣସି ଧନସମ୍ପତ୍ତିର ଆବଶ୍ୟକତା ମୋର ନାହିଁ। ଆପଣ ଯଦି ଖୁସିରେ କିଛି ଦେବାକୁ ଚାହୁଁଛନ୍ତି, ମହାପ୍ରଭୁଙ୍କର କିଛି ଅଙ୍ଗଲାଗି ସେବା ଆମ ମଠକୁ ପ୍ରଦାନ କରିବା ହୁଅନ୍ତୁ।' ରାଜା କିଛି ସମୟ ଚିନ୍ତା କରି ମହନ୍ତଙ୍କୁ ମହାପ୍ରଭୁଙ୍କର କେତେକ ମହାର୍ଘ ସେବା କରିବାର ଅଧିକାର ପ୍ରଦାନ କଲେ।

ସେହି ଅଧିକାର ଅନୁଯାୟୀ ପ୍ରତିବର୍ଷ ରାଘବଦାସ ମଠ ପକ୍ଷରୁ ମହାପ୍ରଭୁଙ୍କର ସମସ୍ତ ଯାତ୍ରାରେ ପୁଷ୍ପାଳଙ୍କାର ବା ଟାହିଆ ସମେତ ସ୍ନାନ ପୂର୍ଣ୍ଣିମା ଦିନ ମହାପ୍ରଭୁଙ୍କ ଗଜବେଶ, ଅନବସର ସମୟର ଚକଟା ଭୋଗ ଏବଂ ନୀଳାଦ୍ରି ବିଜେ ପୂର୍ବଦିନର ଅଧର ପଣା ଯୋଗାଇ ଦିଆଯାଉଛି।

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# କଲେଜ ନିର୍ବାଚନରେ ଏବିଭିପିର ପ୍ରଚାର ଦାୟିତ୍ୱରେ ସ୍କୁଲ ଶିକ୍ଷକ !

ବାସୁଦେବପୁର,୧୩।୧୦(ସମିସ)

ଅଣଛାତ୍ରମାନଙ୍କ ଯୋଗୁଁ ବାସୁଦେବପୁର ଅଟଳବିହାରୀ କଲେଜରେ ନିର୍ବାଚନୀ ହିଂସା ବୃଦ୍ଧି ପାଇବାରେ ଲାଗିଛି। ଏବିଭିପି ପ୍ରାର୍ଥୀଙ୍କ ନିମନ୍ତେ ଜନୈକ ସ୍କୁଲ ଶିକ୍ଷକ ପ୍ରଚାର କରିବାକୁ ନେଇ କଲେଜରେ ଅଶାନ୍ତି ଦେଖାଦେଇଛି। ଏନେଇ ସୋମବାର ରାତିରେ ସମ୍ପୃକ୍ତ ଶିକ୍ଷକ ସୁବ୍ରତ ଧଳଙ୍କୁ ବିସିଜେଡିର ସମର୍ଥିତ କିଛି ଯୁବକ ପଚାରିବାରୁ ଏହା ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି କରିଥିଲା। ଯାହାକୁ ନେଇ ପୁଲିସ ବିସିଜେଡିର ୩ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ତେବେ ଗୁରୁତ୍ୱପୂର୍ଣ୍ଣ କଥା ପୁଲିସ୍ ସୋମବାର ବିଳମ୍ବିତ ରାତିରେ ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟଙ୍କ ଘରକୁ ପଶିବା ପ୍ରତିବାଦରେ ବିଜେଡିର ଶହଶହ କର୍ମୀ ଥାନାରେ ପହଞ୍ଚି ହୋହଲ୍ଲା କରିଥିଲେ। ଏହାକୁ ନେଇ ଶ୍ରୀ ରାଉତରାୟ ଭଦ୍ରକ ଏସ୍‌ଡିପିଓ ବିଚିତ୍ରାନନ୍ଦ ସେଠୀଙ୍କୁ ଭେଟି ଏକ ଅଭିଯୋଗ ମଧ୍ୟ କରିଛନ୍ତି।



ଥାନାରେ ଏତଲା ଦେଲେ ପୂର୍ବତନ ବିଧାୟକ

ପ୍ରକାଶ ଯେ, ଅଟଳବିହାରୀ କଲେଜ ନିର୍ବାଚନରେ କଲେଜର ଛାତ୍ରଛାତ୍ରୀମାନଙ୍କ ମାହୋଲ ଠିକ୍‌ଠାକ୍ ଚାଲିଥିବାବେଳେ ଅଣଛାତ୍ରମାନଙ୍କର ଅବାଞ୍ଛିତ ଅନୁପ୍ରବେଶ ନିର୍ବାଚନ ବାହ୍ୟ ପରିଚାଳନାକୁ ଦୂଷିତ କରିଦେଇଛି। ସୋମବାର ଏବିଭିପିର ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ସ୍କୁଲ ଶିକ୍ଷକ ସୁବ୍ରତ ଧଳ ଜଣେ ବିସିଜେଡିର ଯୁବକଙ୍କୁ ଫୋନ୍ ଯୋଗେ ଧମକ ଦେଇଥିଲେ। ଏହାକୁ କେନ୍ଦ୍ରକରି ବିସିଜେଡିର ୩ ଜଣ ଯୁବକ ତାଙ୍କୁ ପଚାରିବାକୁ ଆସିଥିବାବେଳେ ଉଭୟଙ୍କ ମଧ୍ୟରେ ବଚସା ହୋଇ ହାତାହାତି ହୋଇଥିଲେ। ତେବେ ପୁଲିସ ୩ ଯୁବକଙ୍କୁ ଧରିନେଇଥିଲା। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବିସିଜେଡିର ଛାତ୍ରଙ୍କୁ ଧରିବା ବାହାନାରେ ପୁଲିସ ପୂର୍ବତନ ବିଧାୟକ ଶ୍ରୀ ରାଉତରାୟଙ୍କ ଘରେ ପଶିଥିଲେ। ଏହି ସମୟରେ ଏଠାରେ ଧାମନଗର ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ ଉପସ୍ଥିତ ଥିଲେ। ଏହାକୁ ନେଇ ଅସନ୍ତୋଷ ଓ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଘଟଣାସ୍ଥଳରେ ବାସୁଦେବପୁର ଥାନାର ଇନ୍ସପେକ୍ଟର ନିରୋଜ ସାମଲ ଓ ଭଦ୍ରକ ଏସ୍‌ଡିପିଓ ବିଚିତ୍ରାନନ୍ଦ ସେଠୀ ପହଞ୍ଚିଥିଲେ। ଘଟଣାକୁ ନେଇ ଏକ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଭଦ୍ରକ ଏସ୍‌ପିଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ସୁବ୍ରତ ଧଳଙ୍କ ପକ୍ଷରୁ ଥାନାରେ ଅଭିଯୋଗ କ୍ରମେ ବିସିଜେଡିର ଯୁବକଙ୍କୁ ଗିରଫ କରିବାକୁ ବିଜେପିର ନେତା ଓ ଏବିଭିପିର ସମର୍ଥକମାନେ ଥାନାରେ ବସିରହିଥିଲେ। ରାତିରେ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଗୌରା, ବାପୁନୁ ଓ ପାଗୁଲୁଙ୍କୁ ଧରି ବାସୁଦେବପୁର ଓ ସାବରଙ୍ଗ ଥାନାରେ ଅଟକ ରଖି ଘଟଣାର ତଦନ୍ତ ଚାଲିଛି। ମଙ୍ଗଳବାର ବିଜେଡିର ଶହଶହ କର୍ମୀଙ୍କ ଗହଣରେ ପୂର୍ବତନ ବିଧାୟକ ଶ୍ରୀ ରାଉତରାୟ ଓ ଧାମନଗର ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ ଥାନାରେ ପହଞ୍ଚି ୨ଟି ଲିଖିତ ଅଭିଯୋଗ କରିଛନ୍ତି। ଯଦି ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ଚୁପ୍‌ଚାପ ବସିରହେ ଆଗାମୀ ଦିନରେ ବିଜେଡି ରାଜରାସ୍ତାକୁ ଓହ୍ଲାଇବାକୁ ପୂର୍ବତନ ବିଧାୟକ ଚେତାବନୀ ଦେଇଛନ୍ତି।



ମଙ୍ଗଳବାର ଷୋଡ଼ଶ ଉପଚାର ପୂଜାର ଏକାଦଶ ଦିବସରେ ବାବା ଆଖଣ୍ଡଳମଣିଙ୍କ ପୀଠରେ ଦେବୀ ମା’ ଜୟଦୁର୍ଗାଙ୍କ ଭୁବନେଶ୍ୱରୀ ବେଶ



ପୂଜାର ତୃତୀୟ ଦିନରେ ଦୋବଲ ପଞ୍ଚାୟତ ସୋଧ ଗ୍ରାମର ମା’ ସୁବର୍ଣ୍ଣମୁଖିଙ୍କ ଚନ୍ଦ୍ରଘଣ୍ଟା ବେଶ

## ବୀଣାପାଣି ନୋଡାଲ ସ୍କୁଲ୍‌ରେ ମଧ୍ୟାହ୍ନ ଭୋଜନ ପାଣ୍ଠିରୁ ହଡ଼ପ

# ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖାଇଗଲେ ପ୍ରଧାନଶିକ୍ଷକ ଓ ସଭାପତି



ଭଦ୍ରକ,୧୩।୧୦(ସମିସ): ପିଲାଙ୍କ ପାଇଁ ଆସିଥିବା ମଧ୍ୟାହ୍ନ ଭୋଜନ ଟଙ୍କାକୁ ଖାଇଗଲେ ପ୍ରଧାନଶିକ୍ଷକଙ୍କ ସହ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି। ଏଭଳି ସାଂଘାତିକ ଅଭିଯୋଗ ଆସିଛି ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ଅନ୍ତର୍ଗତ ବୀଣାପାଣି ନୋଡାଲ ସରକାରୀ ବିଦ୍ୟାଳୟରୁ।

ଗ୍ରାମବାସୀ ଓ ବର୍ତ୍ତମାନର ପ୍ରଧାନଶିକ୍ଷକଙ୍କ ଅଭିଯୋଗ ମୁତାବକ, ପୂର୍ବତନ ପ୍ରଧାନଶିକ୍ଷକ ଶ୍ରୀନାଥ ଦାସ ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶ୍ରୀନିବାସ ଦାସ ୨୦୨୪ ଜାନୁଆରୀ ୧ରୁ ୨୦୨୬ ଜୁନ୍ ୩୦ ତାରିଖ ମଧ୍ୟରେ ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ, ସୁଧ ଟଙ୍କା ଓ ଅନ୍ୟାନ୍ୟ ପାଣ୍ଠିରୁ ପ୍ରାୟ ୩ ଲକ୍ଷ ୧୪ ହଜାର ୯୩୦ ଟଙ୍କା ବେଆଇନ ଭାବେ ଉଠାଇଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ଏହି ଟଙ୍କା ଉଠାଇବା ପାଇଁ କୌଣସି ରିଜୋଲ୍ୟୁସନ ବା କ୍ୟାସ୍‌ବୁକ୍ ମଧ୍ୟ କରାଯାଇନାହିଁ। ଶ୍ରୀନାଥ ଦାସଙ୍କର ଅନ୍ୟତ୍ର ବଦଳି ପରେ ନୂତନ ଭାବେ ଦାୟିତ୍ୱ ନେଇଥିବା ପ୍ରଧାନଶିକ୍ଷକ ସୁରେନ୍ଦ୍ର ନାଥ ମଲ୍ଲିକ ବିଦ୍ୟାଳୟ ପାଣ୍ଠି ହଡ଼ପ ବିଷୟରେ ଜାଣି ଚାନ୍ଦବାଲି ବ୍ଲକ୍ ଶିକ୍ଷାଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏଥିସହ ଗ୍ରାମବାସୀମାନେ ମଧ୍ୟ ଏ ସମ୍ବନ୍ଧରେ ବ୍ଲକ୍ ଶିକ୍ଷାଧିକାରୀଙ୍କୁ ଅବଗତ କରାଇବା ସହ ତଦନ୍ତ କରି ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏ ବିଷୟରେ ବ୍ଲକ୍ ଶିକ୍ଷାଧିକାରୀ ଶାନ୍ତନୁ କୁମ୍ଭକାରଙ୍କୁ ପଚାରିବାରୁ ତଦନ୍ତ ଚାଲିଛି ବୋଲି କହିଛନ୍ତି। ତେବେ ଏହି ଘଟଣାରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଲାଗି ଗ୍ରାମବାସୀ ଯୋଗେନ୍ଦ୍ର କୁମାର ଦାସ, ମନୋରଞ୍ଜନ ଦାସ ପ୍ରମୁଖ ଦାବି କରିଛନ୍ତି।

## ଛାତ୍ର ସଂସଦ ନିର୍ବାଚନରେ ପକ୍ଷପାତ ଅଭିଯୋଗ

# ୩ ଅଧ୍ୟାପକଙ୍କ ବିରୁଦ୍ଧରେ ଅଧ୍ୟକ୍ଷଙ୍କୁ ଫେରାଦ ହେଲା ବିସିଜେଡି



ଚାନ୍ଦବାଲି,୧୩।୧୦(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନକୁ ନେଇ ବିବାଦ ତେଜିଛି। ନିର୍ବାଚନ ପ୍ରକ୍ରିୟାରେ ପକ୍ଷପାତିତା ହେଉଥିବା ଅଭିଯୋଗ ଆଣି ୩ ଜଣ ଅଧ୍ୟାପକଙ୍କ ବିରୁଦ୍ଧରେ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ନିକଟରେ ଫେରାଦ୍ ହୋଇଛି ବିଜୁ ଛାତ୍ର ଜନତା ଦଳ। ଏହି ଘଟଣାକୁ ନେଇ ମହାବିଦ୍ୟାଳୟ ପରିସରରେ ଛାତ୍ର ରାଜନୀତି ସରଗରମ ହୋଇଛି।

ବିଜୁ ଛାତ୍ର ଜନତା ଦଳର ଅଭିଯୋଗ ଅନୁଯାୟୀ, ଛାତ୍ର ସଂସଦ ନିର୍ବାଚନରେ ମହାବିଦ୍ୟାଳୟର ୩ ଜଣ ଅଧ୍ୟାପକ ଏକ ନିର୍ଦ୍ଦିଷ୍ଟ ଛାତ୍ର ସଂଗଠନକୁ ସହଯୋଗ କରୁଛନ୍ତି। ଏହାଦ୍ୱାରା ନିର୍ବାଚନରେ ନିରପେକ୍ଷତା ବଜାୟ ରହୁ ନ ଥିବା ନେଇ ସଂଗଠନ ପକ୍ଷରୁ ଆଶଙ୍କା ପ୍ରକାଶ କରାଯାଇଛି। ଶିକ୍ଷାନୁଷ୍ଠାନରେ ନିର୍ବାଚନ ପ୍ରକ୍ରିୟା ସ୍ୱଚ୍ଛ ଓ ନିରପେକ୍ଷ ରହିବା ଆବଶ୍ୟକ ବୋଲି ଛାତ୍ର ସଂଗଠନ ପକ୍ଷରୁ ଦାବି କରାଯାଇଛି। ଏହି ଅଭିଯୋଗକୁ ନେଇ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ଲିଖିତ ଭାବେ ଅବଗତ କରାଯିବା ସହ ଘଟଣାର ଉପଯୁକ୍ତ ତଦନ୍ତ କରିବାକୁ ଦାବି କରାଯାଇଛି। ଅଭିଯୋଗର ସତ୍ୟତା ଯାଞ୍ଚ କରି ଆବଶ୍ୟକ ପଦକ୍ଷେପ ନେବା ସହ ନିର୍ବାଚନ ପ୍ରକ୍ରିୟାକୁ ନିରପେକ୍ଷ ରଖିବାକୁ ଛାତ୍ର ସଂଗଠନ ଗୁରୁତ୍ୱ ଦେଇଛି। ଅନ୍ୟପକ୍ଷରେ, ୩ଜଣ ଅଧ୍ୟାପକଙ୍କ ବିରୁଦ୍ଧରେ ଆସିଥିବା ଏହି ଅଭିଯୋଗକୁ ନେଇ ମହାବିଦ୍ୟାଳୟରେ ଚର୍ଚ୍ଚା ଜୋର୍ ଧରିଛି। ତେବେ ଅଭିଯୋଗର ସତ୍ୟତା ତଦନ୍ତ ପରେ ସ୍ପଷ୍ଟ ହେବ। ଏହି ପ୍ରସଙ୍ଗରେ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ କି ପଦକ୍ଷେପ ନିଆଯାଉଛି, ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି।

## ଧାମନଗରରେ ଡୋର୍ ଟୁ ଡୋର୍ ସର୍ଭେ ତାଲିମ କାର୍ଯ୍ୟକ୍ରମ

# ଧାମନଗରରେ ଡୋର୍ ଟୁ ଡୋର୍ ସର୍ଭେ ତାଲିମ କାର୍ଯ୍ୟକ୍ରମ



ଧାମନଗର,୧୩।୧୦(ସମିସ): ଆଗାମୀ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ସ୍ୱଚ୍ଛ ଓ ଅଦ୍ୟତନ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ଡୋର୍ ଟୁ ଡୋର୍ ସର୍ଭେ ସମ୍ପର୍କିତ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ନିର୍ବାଚନ ଆୟୁକ୍ତ ମଧୁସୂଦନ ପାଢ଼ୀ ଏବଂ ଭଦ୍ରକ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଯୋଗଦେଇ ସ୍ୱଚ୍ଛ ଓ ତ୍ରୁଟିମୁକ୍ତ ଭୋଟର ତାଲିକା ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଧାମନଗର ପଞ୍ଚାୟତ ସମିତି ସଭାଗୃହ ପରିସରରେ ଧାମନଗର ଅଞ୍ଚଳରେ ଏହି ସର୍ଭେ ଓ ତାଲିମ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯାଇଛି। ଏହି ତାଲିମ କାର୍ଯ୍ୟକ୍ରମରେ ଧାମନଗର ବିଡିଓ ବନବିହାରୀ ଦିନ୍ଦା, ତହସିଲଦାର ଜ୍ଞାନରଞ୍ଜନ ସାହୁ, ଡେପୁଟି କଲେକ୍ଟର ତଥା ଏନ୍‌ଏସିର ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ଦେବବ୍ରତ ମହାପାତ୍ର, ସୁପରଭାଇଜର, ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍‌ଓ) ଏବଂ ସହାୟକ ଟିମ୍ ସଦସ୍ୟମାନଙ୍କୁ ଘରକୁ ଘର ଯାଇ ସର୍ଭେ କରିବା, ଭୋଟରଙ୍କ ତଥ୍ୟ ଯାଞ୍ଚ କରିବା ଓ ଭୋଟର ତାଲିକାକୁ ଅଦ୍ୟତନ ରଖିବା ସମ୍ପର୍କରେ ତାଲିମ ଦିଆଯାଇଥିଲା। ଏହି ସର୍ଭେ ମାଧ୍ୟମରେ ଯୋଗ୍ୟ ନୂତନ ଭୋଟରଙ୍କ ନାମ ତାଲିକାରେ ସାମିଲ୍ କରିବା, ଭୋଟରଙ୍କ ବିବରଣୀରେ ଥିବା ତ୍ରୁଟି ସଂଶୋଧନ କରିବା ଏବଂ ନିୟମାନୁସାରେ ଅଯୋଗ୍ୟ ନାମଗୁଡ଼ିକୁ ବାଦ୍ ଦେବା ଉପରେ ଗୁରୁତ୍ୱ ଦିଆଯିବ। ଏକ ନିର୍ଭୁଲ ଓ ଅଦ୍ୟତନ ଭୋଟର ତାଲିକା ପ୍ରସ୍ତୁତି ଦ୍ୱାରା ନିର୍ବାଚନ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ, ସୁସଂଗଠିତ ଓ ସୁଦୃଢ଼ କରିବା ଲକ୍ଷ୍ୟ ରଖାଯାଇଛି। ଆଗାମୀ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଭୋଟର ତାଲିକାର ଶୁଦ୍ଧୀକରଣ ଓ ଅଦ୍ୟତନ କାର୍ଯ୍ୟକୁ ଗୁରୁତ୍ୱ ଦେଇ ଏହି ପଦକ୍ଷେପ ନିଆଯାଇଛି।

# ଭଣ୍ଡାରିପୋଖରୀରେ ନିର୍ବାଚନ ଆୟୋଗ




ବାରିକପୁର,୧୩।୧୦(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ କାର୍ଯ୍ୟାଳୟଠାରେ ମଙ୍ଗଳବାର ରାଜ୍ୟ ମୁଖ୍ୟ ନିର୍ବାଚନ ଆୟୋଗ ମଧୁସୂଦନ ପାଢ଼ୀ ପହଞ୍ଚି ଭୋଟର ତାଲିକା ସଂଶୋଧନ ପ୍ରଶିକ୍ଷଣ ଶିବିର ପରିଦର୍ଶନ କରିଥିଲେ। ଭୋଟର ତାଲିକା ପ୍ରସ୍ତୁତିରେ ନିୟୋଜିତ ବିଲଓ ଏବଂ ସୁପରଭାଇଜରମାନଙ୍କ ପାଇଁ ଆୟୋଜିତ ହୋଇଥିବା ୩ ଦିନିଆ ଶିବିରରେ କେଉଁ ଭଳି ପ୍ରଶିକ୍ଷଣ ପ୍ରଦାନ କରାଯାଉଛି ସେନେଇ ମୁଖ୍ୟ ନିର୍ବାଚନ କମିସନର ଅନୁଧ୍ୟାନ କରିଥିଲେ। ଘରକୁ ଘର ବୁଲି ତ୍ରୁଟିମୁକ୍ତ ଭୋଟର ତାଲିକା ପ୍ରସ୍ତୁତି ପାଇଁ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ, ବିଡିଓ ଦେବଦତ ଦାଶ, ସହକାରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିଶିକାନ୍ତ ଖୁଣ୍ଟିଆ, ଜିଲ୍ଲା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀପ୍ରସନ୍ନ ମହାପାତ୍ର, ବ୍ଲକ୍ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରିଣୀ ବିଳାସିନୀ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

## ଏବିଭିପିକୁ ଭୋଟ୍ ନ ଦେଲେ ସରକାରୀ ସୁବିଧା କଟିବାକୁ ଧମକ

# ବିଜେପି ନେତ୍ରୀଙ୍କ ବିରୁଦ୍ଧରେ ବର୍ଷିଲେ ବିସିଜେଡି ନେତା

ଭଦ୍ରକ,୧୩।୧୦(ସମିସ): ଆମକୁ ଭୋଟ୍ ଦିଅ, ନ ହେଲେ ତୁମ ପରିବାରର କଟିବ ରାସନ କାର୍ଡ, ସୁଭଦ୍ରା ଟଙ୍କା, ପ୍ରଧାନମନ୍ତ୍ରୀ ଆବାସ ଆଦି ସରକାରୀ ସୁବିଧା। ଛାତ୍ରଛାତ୍ରୀଙ୍କୁ ଏମିତି ଧମକ ଦେଉଛନ୍ତି ଭଦ୍ରକ ଜିଲ୍ଲା ଚାନ୍ଦବାଲି ଅଞ୍ଚଳର ଜଣେ ବିଜେପିର ନାରୀନେତ୍ରୀ। ଯାହାର ଅଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ସୋମବାର ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ବିଜେପି ଉପରେ ବର୍ଷିଛନ୍ତି ବିଜୁ ଛାତ୍ର ଜନତା ଦଳର ଛାତ୍ରନେତା।

ଅଭିଯୋଗ ମୁତାବକ, ଚାନ୍ଦବାଲି ମହାବିଦ୍ୟାଳୟରେ ନିଜ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ସମସ୍ତ କଳବଳ କୌଶଳ ଲଗାଇଦେଇଛି ବିଜେପି। ଏବିଭିପକୁ ଭୋଟ୍ ନ ଦେଲେ କାହାର ରାସନ କାର୍ଡ କାଟିବାର ଧମକ ତ କାହାର ସୁଭଦ୍ରା ଟଙ୍କା। ପୁଣି କାହାକୁ ପରୀକ୍ଷାରେ ଫେଲ୍ କରାଇବାର ଭୟ ତ କାହାକୁ ମାଡ଼ ମାରିବାର ଧମକ, ପୁଣି କାହାକୁ ପ୍ରଲୋଭନ। ଏମିତି ହୀନ ଓ ହିଂସା ରାଜନୀତି କରୁଛି ବିଜେପି। ବିଜୁ ଛାତ୍ର ଜନତା ଦଳ ଏବିଭିପିର ଏପରି ହୀନ ଓ ହିଂସ୍ର ରାଜନୀତିକୁ ନିନ୍ଦା କରିବା ସହ ଛାତ୍ରଛାତ୍ରୀମାନେ ଏହାର ଜବାବ ୧୫ ତାରିଖ ଦିନ ଭୋଟ୍‌ରେ ଦେବେ ବୋଲି ବିଜୁ ଛାତ୍ର ଜନତା ଦଳ ସଭାପତି ପ୍ରାର୍ଥୀ ରାକେଶ ସ୍ୱାଇଁ ଓ ସମ୍ପାଦିକା ପ୍ରାର୍ଥୀ ସୋନାଲି ସୁଚିସ୍ମିତା ଦାସ ପ୍ରକାଶ କରିଛନ୍ତି।

# ଧର୍ମ ପରାୟଣ ମହିଳାଙ୍କୁ ଶ୍ରଦ୍ଧାଞ୍ଜଳି

ବାରିକପୁର,୧୩।୧୦(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ କୋରିଗାଁ ଉଆସ ସାହିଠାରେ ଧର୍ମ ପରାୟଣା ମନୋରମା ମହାପାତ୍ରଙ୍କ ଏକାଦଶାହରେ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗଦେଇ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଜିଲ୍ଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତି, ସରପଞ୍ଚ ସାଧନାଞ୍ଜଳୀ ମହାପାତ୍ର, ସମିତିସଭ୍ୟା ଅନିତା ବଳ, ବରିଷ୍ଠ ନାଗରିକ ଦିବାକର ଜେନା, ଶିକ୍ଷକ ଦିବାକର ରାଉତ, ଯୁବ ନେତା ରାଜେଶ ବାରିକ, ସଦାଶିବ ବଳ, ସମୀର ସାମଲ, ନିରାକାର ସାମଲ, ଶରତ ରାଉତ, ସୁବାସ ସ୍ୱାଇଁ, ଭାଗେଶ୍ୱର ବେହେରା, ନରେନ୍ଦ୍ର ନାୟକ, ରତିକାନ୍ତ ଆଇଚ ପ୍ରମୁଖ ଯୋଗଦେଇ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହାଛଡ଼ା ପଞ୍ଚାୟତ ତଥା ଆଖପାଖ ଅଞ୍ଚଳର ବହୁ ନିମନ୍ତ୍ରିତ ଅତିଥି ଏଥିରେ ଯୋଗଦେଇଥିଲେ। ସୁପୁତ୍ର ଦେବୀଦତ୍ତ ମହାପାତ୍ର ଓ ଦେବୀପ୍ରସନ୍ନ ମହାପାତ୍ର ସମସ୍ତ ନିମନ୍ତ୍ରିତ ଅତିଥିଙ୍କୁ ଧନ୍ୟବାଦ ଦେଇଥିଲେ।

# ଚାନ୍ଦବାଲି ଏନ୍‌ଏସି ସଫେଇ କର୍ମୀଙ୍କ ଆନ୍ଦୋଳନ



ଚାନ୍ଦବାଲି,୧୩।୧୦(ସମିସ): ଚାନ୍ଦବାଲି ଏନ୍‌ଏସି ଅଞ୍ଚଳରେ ସଫେଇ କର୍ମୀଙ୍କ ଅନିର୍ଦ୍ଦିଷ୍ଟକାଳୀନ ଆନ୍ଦୋଳନ ଯୋଗୁଁ ସହରର ପରିମଳ ବ୍ୟବସ୍ଥା ଗୁରୁତର ଭାବେ ପ୍ରଭାବିତ ହୋଇଛି। ନିୟମିତ ଦରମା ପ୍ରଦାନ ଓ ଦରମାରେ ଅନିୟମିତତା ଅଭିଯୋଗ କରି ସଫେଇ କର୍ମୀମାନେ କାର୍ଯ୍ୟ ବନ୍ଦ କରିଥିବାରୁ ଚାନ୍ଦବାଲି ମାର୍କେଟର ବିଭିନ୍ନ ସ୍ଥାନରେ ଅଳିଆ ଆବର୍ଜନା ଜମା ହେବାରେ ଲାଗିଛି। ଫଳରେ ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ବ୍ୟବସାୟୀଙ୍କ ପର୍ଯ୍ୟନ୍ତ ସମସ୍ତେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

ଆବର୍ଜନାମୟ ମାର୍କେଟ୍; ଦୁର୍ଦ୍ଦଶାରେ ଜନସାଧାରଣ

ସଫେଇ କର୍ମୀଙ୍କ ଅଭିଯୋଗ ଅନୁଯାୟୀ, ସେମାନେ ଦିନରାତି ପରିଶ୍ରମ କରି ସହରକୁ ସଫାସୁତରା ରଖୁଥିବା ସତ୍ତ୍ୱେ ଠିକ୍ ସମୟରେ ଦରମା ପାଉନାହାନ୍ତି। ଦରମା ପ୍ରଦାନରେ ନିୟମିତତା ରହୁ ନ ଥିବାରୁ ସେମାନଙ୍କୁ ଆର୍ଥିକ ସମସ୍ୟାର ସାମ୍ନା କରିବାକୁ ପଡୁଛି। ଏନେଇ ସେମାନେ ନିଜର ଦାବି ଉପସ୍ଥାପନ କରିଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇ ନ ଥିବା ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ, ସଫେଇ କାର୍ଯ୍ୟ ବନ୍ଦ ରହିବା ଯୋଗୁଁ ମାର୍କେଟର ବିଭିନ୍ନ ସ୍ଥାନରେ ଅଳିଆ ଜମା ହୋଇ ରହୁଛି। ଏହାଦ୍ୱାରା ଦୁର୍ଗନ୍ଧ ସୃଷ୍ଟି ହେବା ସହ ପରିବେଶ ପ୍ରଦୂଷଣ ଓ ସ୍ୱାସ୍ଥ୍ୟ ସମସ୍ୟା ଆଶଙ୍କା ଦେଖାଦେଇଛି। ବିଶେଷକରି ମାର୍କେଟକୁ ଆସୁଥିବା ଗ୍ରାହକ ଓ ସ୍ଥାନୀୟ ବ୍ୟବସାୟୀମାନେ ଏହି ଅବ୍ୟବସ୍ଥା ଯୋଗୁଁ ହଇରାଣ ହେଉଛନ୍ତି।

# ଭସାଣିରେ ଡିଜେ ବନ୍ଦ; ଟାୟାର ଜାଳି ରାସ୍ତା ଅବରୋଧ

## ଉତ୍ୟକ୍ତ ଲୋକଙ୍କ ଚାପରେ ବିଧାୟକଙ୍କ ହସ୍ତକ୍ଷେପରେ ହେଲା ଭସାଣି ଉତ୍ସବ



ଭଦ୍ରକ,୧୩।୧୦(ସମିସ): ସୋମବାର ଛୁଆ ଗଣେଶ ପୂଜାର ଭସାଣିକୁ ଅନୁମତି ଦେଲ। ଆମ ଦୁଇ କମିଟିକୁ ଡିଜେ ବ୍ୟବହାରକୁ କାହିଁକି ବାରଣ କରୁଛ ବୋଲି ଅଭିଯୋଗ କରି ମଙ୍ଗଳବାର ଭଦ୍ରକ ସହର କୁଆଁସ ଓ କଦମବେଡ଼ା ରାସ୍ତାରେ ଶହଶହ ପୁରୁଷ, ମହିଳା ଟାୟାର ଜାଳି ପ୍ରାୟ ୩ ଘଣ୍ଟା ରାସ୍ତାରୋକ କରିଥିଲେ। ଶେଷରେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ପହଞ୍ଚି ଘଟଣାରେ ହସ୍ତକ୍ଷେପ କରି ଡିଜେକୁ ଅନୁମତି ଦେବା ରାତି ୮ଟା ପରେ ଭସାଣି ଉତ୍ସବ କରାଇଥିଲା।

ସୂଚନାଯୋଗ୍ୟ, ଭଦ୍ରକର କାଳୀପୂଜା ପରେ ଗଣେଶ ପୂଜା ଗଣପର୍ବରେ ପରିଣତ ହୋଇଛି। ଦୀର୍ଘ ୧ମାସ ଧରି ସହରର ବୁଢ଼ା, ଟୋକା, ପିଲା, କାଞ୍ଚନ, ଛୁଆ ଓ ଗଜାନନକୁ ମିଶାଇ ୬ଟି ଗଣେଶ ପୂଜା ପାଉଥିଲେ। ଭସାଣି ଉତ୍ସବ ନେଇ ଶାନ୍ତି କମିଟି ବୈଠକ ହୋଇଥିଲା। ଜିଲ୍ଲା ପୁଲିସ ପ୍ରଶାସନ ସମ୍ମୁଖରେ ଦିନ ଧାର୍ଯ୍ୟ କରାଗଲା କେଉଁ ଦିନ କେଉଁ ଠାକୁରଙ୍କ ଭସାଣି ହେବ। କେତେକ କମିଟି ପୁଲିସ ପ୍ରଶାସନର ନିର୍ଦ୍ଦେଶକକୁ ଚ୍ୟାଲେଞ୍ଜ କରି ତାଙ୍କର ଦବ୍‌ଦବା ମଧ୍ୟ ଜାହିର୍ କରିଥିଲେ। ପରବର୍ତ୍ତୀ ଶାନ୍ତି କମିଟି ବୈଠକରେ ପୁଲିସ ପ୍ରଶାସନ ନିରବ ସାଜି କିଂ କର୍ତ୍ତବ୍ୟ ବିମୂଢ଼ ହୋଇ ସମର୍ଥନ କରିବାକୁ ବାଧ୍ୟ ହୋଇଥିଲେ। ପରେ ପୁଣି ଟାଉନ ଥାନାରେ ଶାନ୍ତି କମିଟି ବସିଲା। କଲେଜ ନିର୍ବାଚନ ଥିବାରୁ ପୁଣି ଦିନ ବାର ଧାର୍ଯ୍ୟ କରାଗଲା। ସବୁ ଠିକ୍‌ଠାକ୍ ହେଲା। କିନ୍ତୁ ମଙ୍ଗଳବାର ଭସାଣି ବେଳେ ପୁଣି ସବୁ କମିଟିକୁ ଏସ୍‌ପି ଅଫିସ ଡକାଯାଇ ଡିଜେ ବନ୍ଦ ପାଇଁ ନିର୍ଦ୍ଦେଶ ଦିଆଗଲା। କିନ୍ତୁ କାଞ୍ଚନ ଓ ଗଜାନନ କମିଟିର କର୍ମକର୍ତ୍ତା ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ସେମାନଙ୍କ ଅଭିଯୋଗ ସୋମବାର ଯେଉଁ ଭସାଣି ହେଲା କାହିଁକି ଡିଜେ ବନ୍ଦ କରାଗଲାନି। ସେହି ଭସାଣି ଉତ୍ସବରେ ଖୋଦ୍ ଭଦ୍ରକ ବିଧାୟକ ସାମିଲ୍ ଥିଲେ। ସେଥିପାଇଁ ବୋଧେ ବନ୍ଦ କରାଗଲାନି ବୋଲି ଅଭିଯୋଗ କରି ଶହ ଶହ ସଂଖ୍ୟାରେ ପୁରୁଷ, ମହିଳା ମଙ୍ଗଳବାର ଭଦ୍ରକ ସହରର ଦୁଇଟି ପ୍ରମୁଖ ରାସ୍ତାକୁ ଅବରୋଧ କରିଥିଲେ। ଦୁଇ କମିଟି କାଞ୍ଚନ ଓ ଗଜାନନ କମିଟିର କାର୍ଯ୍ୟକର୍ତ୍ତାମାନେ କଦବେଡ଼ା ରାସ୍ତା ଓ କୁଆଁସ ରାସ୍ତାକୁ ଅପରାହ୍ଣ ୪ଟାରୁ ସନ୍ଧ୍ୟା ୬ଟା ଯାଏଁ ଟାୟାର ଜାଳି ଅବରୋଧ କରିଥିଲେ। ରାସ୍ତାରୋକ କରିବା ସହିତ ଭସାଣି ଉତ୍ସବ ବନ୍ଦ କରିଥିଲେ। ଏହି ଧାରଣାରେ କମିଟିର ସଭାପତି ଓ ସମ୍ପାଦକଙ୍କ ନେତୃତ୍ୱରେ ଶତାଧିକ ପୁରୁଷ ଓ ମହିଳା ସାମିଲ୍ ଥିଲେ।

ପ୍ରକାଶ ଯେ, କୁଆଁସ କାଞ୍ଚନ ଗଣେଶ କମିଟି ଉତ୍ତର ପ୍ରଦେଶ ରାଜ୍ୟରୁ ଡିଜେ ଆଣିଥିବାବେଳେ ନାୟକ କଲୋନୀ କଦମବେଡ଼ାର ଗଜାନନ କମିଟି ଛତିଶଗଡ଼ରୁ ଡିଜେ ଆଣିଛନ୍ତି। କମିଟିର କର୍ମକର୍ତ୍ତାମାନେ ଅଭିଯୋଗ କରିଛନ୍ତି, ଅନ୍ୟ ଗଣେଶ ଭସାଣିରେ ଡିଜେ ବାଜିବାକୁ କାହିଁକି ଅନୁମତି ଦିଆଗଲା। ପୁଲିସ ପ୍ରଶାସନର ପାତରଅନ୍ତର ନୀତି ପଛରେ ରହସ୍ୟ କ’ଣ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଟାୟାର ଜାଳି ଦୀର୍ଘ ୩ ଘଣ୍ଟା ରାସ୍ତା ଅବରୋଧ କରିବା ଓ ଖୋଲାଖୋଲି ଭାବେ ପ୍ରଶାସନ ଓ ରାଜନେତାଙ୍କୁ ଆକ୍ଷେପ କରିବା ପରେ ଶେଷରେ ବିଧାୟକ ସୀତାଂଶୁଶେଖର ମହାପାତ୍ର ନିଜେ ଘଟଣାସ୍ଥଳକୁ ଆସି ଏଥିରେ ହସ୍ତକ୍ଷେପ କରିଥିଲେ। ଡିଜେରୁ ଭାଇବ୍ରେଟର ବାହାର କରି ଭସାଣି ଉତ୍ସବ କରାଯିବା ପାଇଁ ନିଷ୍ପତ୍ତି ନିଆଗଲା। ରାତି ୮ଟା ପରେ ଭସାଣି ଆରମ୍ଭ ହୋଇଥିବା ସୂଚନା ମିଳିଛି।

## ୧୨ ବର୍ଷ ପରେ ଧାମନଗର କଲେଜରେ ଗଣତନ୍ତ୍ରର ମହାପର୍ବ

# ରାତି ପାହିଲେ ଭୋଟ୍ ଲଢ଼େଇ: ଏବିଭିପି-ବିସିଜେଡି ମୁହାଁମୁହିଁ

ଦୋବଲ,୧୩।୧୦(ସମିସ): ଦୀର୍ଘ ୧୨ ବର୍ଷର ଅପେକ୍ଷାରେ ପଡ଼ିବ ପୂର୍ଣ୍ଣଚ୍ଛେଦ। ଭୋଟ୍‌ର ଉତ୍ସାହ, ବିଜୟର ଆଶା ଓ ରାଜନୈତିକ ପତିଆରା ଲଢ଼େଇରେ ଆସନ୍ତା ୧୫ ତାରିଖରେ ଧାମନଗର ମହାବିଦ୍ୟାଳୟରେ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା ହେବ। କ୍ୟାମ୍ପସ୍‌ରେ କାହାର ବାଜିମାତ୍ ହେବ, କିଏ ପିନ୍ଧିବ ବିଜୟର ମୁକୁଟ ତାହାକୁ ନେଇ ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ସ୍ଥାନୀୟ ରାଜନୈତିକ ମହଲ ପର୍ଯ୍ୟନ୍ତ ଚର୍ଚ୍ଚା ଜୋର୍ ଧରିଛି। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଓ ବିଜୁ ଛାତ୍ର ଜନତା ଦଳ (ବିସିଜେଡି) ମଧ୍ୟରେ ଚାଲିଛି ଜୋର୍‌ଦାର ଟକ୍କର। ମୋଟ୍ ୬୦୨ ଭୋଟରଙ୍କ ମତଦାନ ଏହି ମହାମୁକାବିଲାର ଭାଗ୍ୟ ନିର୍ଣ୍ଣୟ କରିବ।

▶▶ କ୍ୟାମ୍ପସ୍‌ରେ ରାଜନୈତିକ ଉଷ୍ମତା ସରଗରମ

▶▶ ୯ ପଦବୀ ପାଇଁ ସିଧାସଳଖ ଲଢ଼େଇ

ଏହି ନିର୍ବାଚନର ସବୁଠାରୁ ଚର୍ଚ୍ଚିତ ଲଢ଼େଇ ହେଉଛି ସଭାପତି ଓ ସମ୍ପାଦକ ପଦ ନିମନ୍ତେ। ସଭାପତି ପଦ ପାଇଁ ଏବିଭିପିର ଜଗନ୍ନାଥ ମାଝୀ ଓ ବିସିଜେଡିର ସ୍ମିତିରେଖା ବେହେରା ମଇଦାନରେ ଥିବାବେଳେ ସମ୍ପାଦକ ପଦ ପାଇଁ ଏବିଭିପିର ଚିନ୍ମୟ ପାତ୍ର ଓ ବିସିଜେଡିର କଳ୍ପନା ସାହୁଙ୍କ ମଧ୍ୟରେ ହେବ କଡ଼ା ମୁକାବିଲା। ଉଭୟ ପଦବୀରେ ବିଜୟ ହାସଲ କରିବା ଦୁଇ ସଂଗଠନ ପାଇଁ ସମ୍ମାନର ପ୍ରଶ୍ନ ହୋଇଥିବାବେଳେ ଭୋଟରଙ୍କ ନିଷ୍ପତ୍ତି ହିଁ ଖୋଲିବ ବିଜୟର ରାସ୍ତା। ନାମାଙ୍କନ ପ୍ରତ୍ୟାହାର ଓ କେତେକ ପ୍ରାର୍ଥିପତ୍ର ନାକଚ ପରେ ୧୩ଟି ପଦବୀରେ ଏବିଭିପି ପ୍ରାର୍ଥୀମାନେ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଥିବାବେଳେ ଗୋଟିଏ ପଦବୀ ଖାଲି ରହିଛି। ଅନ୍ୟପକ୍ଷରେ, ଅବଶିଷ୍ଟ ୯ଟି ପଦବୀ ପାଇଁ ଅକ୍ଟୋବର ୧୫ ତାରିଖରେ ହେବ ସିଧାସଳଖ ଭୋଟ୍ ଲଢ଼େଇ। ଏହି ଆସନଗୁଡ଼ିକର ଫଳାଫଳ କଲେଜ ଛାତ୍ର ରାଜନୀତିର ଆଗାମୀ ଚିତ୍ରକୁ ପ୍ରଭାବିତ କରିପାରେ। ମତଦାନ ପୂର୍ବରୁ ଉଭୟ ସଂଗଠନ ନିଜ ନିଜ ପ୍ରଚାରକୁ ଶେଷ ପର୍ଯ୍ୟାୟରେ ଜୋର୍‌ଦାର୍ କରିଛନ୍ତି। କ୍ୟାମ୍ପସ୍‌ରେ ଛାତ୍ରଛାତ୍ରୀଙ୍କ ସହ ସିଧାସଳଖ ଆଲୋଚନା ସହ ଫେସ୍‌ବୁକ୍, ହ୍ୱାଟ୍ସଆପ୍ ଓ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟର, ଫଟୋ ଓ ଭିଡିଓ ମାଧ୍ୟମରେ ଭୋଟରଙ୍କ ମନ ଜିଣିବାକୁ ଚାଲିଛି ପ୍ରୟାସ। ରବିବାର କଲେଜ ବନ୍ଦ ଥିଲେ ମଧ୍ୟ ପ୍ରାର୍ଥୀମାନେ ଘରକୁ ଘର ଯାଇ ସମର୍ଥନ ଲୋଡ଼ିଥିବା ଜଣାପଡ଼ିଛି। ଶେଷ ମୁହୂର୍ତ୍ତରେ କାହାର ପ୍ରଚାର ରଣନୀତି ଭୋଟରଙ୍କୁ ଅଧିକ ପ୍ରଭାବିତ କରୁଛି, ତାହା ଉପରେ ରହିଛି ସମସ୍ତଙ୍କ ନଜର। ଏଥର ନିର୍ବାଚନ କେବଳ ଦୁଇ ସଂଗଠନର ପତିଆରା ଲଢ଼େଇରେ ସୀମିତ ନୁହେଁ। ଶିକ୍ଷାର ମାନ, କ୍ୟାମ୍ପସ୍‌ର ପରିବେଶ, ଛାତ୍ରଛାତ୍ରୀଙ୍କ ସମସ୍ୟା, ଅଧିକାର ଓ ସ୍ୱାର୍ଥ ଭଳି ପ୍ରସଙ୍ଗ ମଧ୍ୟ ଗୁରୁତ୍ୱ ବହନ କରୁଛି। ୧୪ର୍ "ମୁଁ କାହିଁକି ପ୍ରାର୍ଥୀ ହୋଇଛି" ଶୀର୍ଷକ ବୈଠକ ହେବାକୁ ଥିବାବେଳେ ୧୫ ତାରିଖରେ ହେବ ମତଦାନ। ଦୀର୍ଘ ୧୨ ବର୍ଷ ପରେ ଧାମନଗର ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ହେଉଥିବାରୁ ଏହା କେବଳ ଏକ କଲେଜ ନିର୍ବାଚନ ନୁହେଁ, ବରଂ ଛାତ୍ର ରାଜନୀତିର ଭବିଷ୍ୟତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼। ଏବିଭିପି ନିଜର ପ୍ରଭାବ ବଜାୟ ରଖିବ ନା ବିସିଜେଡି ମୁଖ୍ୟ ପଦବୀରେ ବିଜୟୀ ହୋଇ ନୂଆ ସମୀକରଣ ସୃଷ୍ଟି କରିବ ଏହାର ପ୍ରମୁଖ ଭୂମିକା ନିଭାଇବେ ୬୦୨ ଭୋଟର। ଏବେ ସମସ୍ତଙ୍କ ନଜର ମତଦାନ ଉପରେ; ଆଉ ଅପେକ୍ଷା ଗଣତନ୍ତ୍ରର ସେହି ରାୟକୁ।

## ସିଇସି ଜ୍ଞାନେଶ କୁମାରଙ୍କ ଗିରଫ ଓ ଆଇନଜୀବୀଙ୍କ ସମସ୍ୟା ସମାଧାନ ଦାବି

# କୋର୍ଟ ସମ୍ମୁଖରେ ଅଲ୍ ଇଣ୍ଡିଆ ଲୟର୍ସ ୟୁନିୟନ୍‌ର ବିକ୍ଷୋଭ

ଭଦ୍ରକ,୧୩।୧୦(ସମିସ)




ଗଣତନ୍ତ୍ର ହତ୍ୟାକାରୀ ଜ୍ଞାନେଶ କୁମାରଙ୍କୁ ଗିରଫ, ଅମିତ୍ ଶାହା ଓ ନରେନ୍ଦ୍ର ମୋଦିଙ୍କ ଇସ୍ତଫା, ଗଣତନ୍ତ୍ରର ସୁରକ୍ଷା ଦାବିରେ ଅଲ୍ ଇଣ୍ଡିଆ ଲୟର୍ସ ୟୁନିୟନ ଭଦ୍ରକ ଜିଲ୍ଲା କମିଟି ପକ୍ଷରୁ ଭଦ୍ରକ ଜିଲ୍ଲା ନ୍ୟାୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିସହ ନୂତନ ଆଇନଜୀବୀମାନଙ୍କୁ ମାସିକ ୧୦ହଜାର ଟଙ୍କା ଷ୍ଟାଇପେଣ୍ଡ, ବରିଷ୍ଠ ଆଇନଜୀବୀମାନଙ୍କୁ ଅବସରକାଳୀନ ଭତ୍ତା ୨୫ ଲକ୍ଷ ଟଙ୍କା ପ୍ରଦାନ, ମୃତ୍ୟୁକାଳୀନ ବେନିଫିଟି, ମୃତ ଆଇନଜୀବୀଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କା କ୍ଷତିପୂରଣ, ମେଡିକ୍ଲେମ ବାବଦରେ କେନ୍ଦ୍ର ସରକାର ୧୫ ଲକ୍ଷ ଓ ରାଜ୍ୟ ସରକାର ୫ ଲକ୍ଷ ଟଙ୍କା ଯୋଗାଇଦେବା, ଆଇନଜୀବୀମାନଙ୍କୁ ଜୀବନ ବୀମା ୧୫ ଲକ୍ଷ ଟଙ୍କା ପ୍ରଦାନ ଆଦି ଦାବି କରାଯାଇଛି।

ପ୍ରଥମେ ସମ୍ବିଧାନର ସୁରକ୍ଷା ପାଇଁ ସମ୍ବିଧାନର ମୁଖବନ୍ଧକୁ ଆଇନଜୀବୀମାନେ ସମୂହ ପାଠ କରି ସେମାନଙ୍କ ବିଭିନ୍ନ ମୌଳିକ ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ସର୍ବୋଚ୍ଚ ନ୍ୟାୟାଳୟଙ୍କ ତାଗିଦ୍ ସତ୍ତ୍ୱେ ଦିଲ୍ଲୀରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଐତିହାସିକ ଯୁବ ଛାତ୍ର ଆନ୍ଦୋଳନ ଉପରେ ଦିଲ୍ଲୀ ପୁଲିସ ଓ କେନ୍ଦ୍ରୀୟ ଫୋର୍ସ ଯେପରି ନିଷ୍ଠୁର ଆକ୍ରମଣ କରୁଛନ୍ତି, ତାହା ଆମ ଦେଶର ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରିଛି। ଏ ସମ୍ପର୍କରେ ମିଳିତ ଜାତିସଂଘ ଘୋର୍ ଉଦ୍‌ବେଗ ପ୍ରକାଶ କରିଛି ବୋଲି ଆଇନଜୀବୀମାନେ ମତବ୍ୟକ୍ତ କରିଥିଲେ। ଯଦି କେନ୍ଦ୍ର ସରକାରଙ୍କ ପକ୍ଷରୁ ଏଭଳି ଆନ୍ଦୋଳନକୁ ଦମନ ଚାଲୁ ରହେ, ତେବେ ଭଦ୍ରକ ଜିଲ୍ଲାରେ ଆଇନଜୀବୀମାନେ ତୀବ୍ର ଆନ୍ଦୋଳନ କରିବେ ବୋଲି ସେମାନେ ମତବ୍ୟକ୍ତ କରିଥିଲେ।

ଏହି ବିକ୍ଷୋଭ ଓ ପ୍ରତିବାଦ ସଭାରେ ଅଲ୍ ଇଣ୍ଡିଆ ଲୟର୍ସ ୟୁନିୟନ ଭଦ୍ରକ ଜିଲ୍ଲା ସଭାପତି ସନ୍ତୋଷ ନାୟକ ସଭାପତିତ୍ୱ କରିଥିବାବେଳେ ଓଡ଼ିଶା ରାଜ୍ୟ ବାର୍ କାଉନ୍‌ସିଲର ପୂର୍ବତନ ସଭ୍ୟ ବରିଷ୍ଠ ଆଇନଜୀବୀ ପବନ କୁମାର ଶର୍ମା, ସଂଗଠନର ଜିଲ୍ଲା ସମ୍ପାଦକ ବରିଷ୍ଠ ଅଧିବକ୍ତା ରାଧାନାଥ ଦାସ, ଭଦ୍ରକ ଓକିଲ ସଂଘ ପୂର୍ବତନ ସମ୍ପାଦକ ଶଶିଭୂଷଣ ପଣ୍ଡା, ଅନ୍ୟତମ ପୂର୍ବତନ ସମ୍ପାଦକ ଦିବ୍ୟସିଂହ ନାୟକ, ବରିଷ୍ଠ ଆଇନଜୀବୀ ଶରତ ମହାକୁଡ଼, ଯୁବ ଆଇନଜୀବୀ ବିକାଶ ନାଥ, ପାୟଲ ସାହୁ, ପୂଜାରାଣୀ ପଣ୍ଡା, ପ୍ରତାପ ସେଠୀ, ଉଜ୍ଜ୍ୱଳ ଯେନା, ବରିଷ୍ଠ ଆଇନଜୀବୀ ରତ୍ନାକର ବାରିକ୍, ପ୍ରଦୀପ ଜେନା, ଜୟନୂଲ ଆବେଦିନ, ସଞ୍ଜୟ ନାୟକ ପ୍ରମୁଖ ଯୋଗଦେଇ ଭାରତର ନାଗରିକମାନଙ୍କ ଭୋଟ୍ ଦେବାର ଅଧିକାର ସୁରକ୍ଷା ପାଇଁ ଜ୍ଞାନେଶ କୁମାରଙ୍କୁ ଗିରଫ କରିବାକୁ ପଡ଼ିବ ବୋଲି କେନ୍ଦ୍ର ସରକାରଙ୍କୁ ଚେତାବନୀ ଦେଇଥିଲେ।

**'ସକାଳ' ପ୍ରଭାବ** | ଛିଣ୍ଡା ପଲିଥିନ୍ ତଳେ ବିତୁଛି ତୁଳସୀଙ୍କ ଜୀବନ

## ସମସ୍ତ ସରକାରୀ ସହାୟତା ଦିଆଯିବ: ବିଡିଓ

ଭଦ୍ରକ,୧୩।୧୦(ସମିସ): ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ୍ ବରଣ୍ଡୁଆ ପଞ୍ଚାୟତର ବିଷ୍ଣୁବିନ୍ଧା ଗାଁର ବୃଦ୍ଧା ତୁଳସୀ ସିଂଙ୍କ ଖବର ଦୈନିକ "ସକାଳ'ରେ ମଙ୍ଗଳବାର ପ୍ରକାଶ ପାଇଥିଲା। ସେ ଗୁରୁଣ୍ଡି ଗୁରୁଣ୍ଡି ନିଜର ଦୁଃଖ ଜଣାଇବାକୁ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣିକୁ ଆସିଥିଲେ ହେଁ ଅଭିଯୋଗ କରିପାରି ନ ଥିବା ନେଇ ମଙ୍ଗଳବାର ଖବର ପ୍ରକାଶ ପାଇଥିଲା। ଏହାକୁ ନେଇ ପ୍ରଶାନ ପକ୍ଷରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଆବଶ୍ୟକ ସରକାରୀ ସୁବିଧାସୁଯୋଗ ଯୋଗାଇ ଦିଆଯିବ ବୋଲି ବାସୁଦେବପୁର ବିଡିଓ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ଦେଇଛନ୍ତି।




ସମାଜର ଏମିତି ବହୁ ଯୋଗ୍ୟ ହିତାଧିକାରୀ ବେଳେବେଳେ ରାଜନୈତିକ ଚକ୍ରବ୍ୟୂହରେ ବଳିପଡ଼ି ଯାଇଥା'ନ୍ତି। ଆଉ କେତେକ ସରକାରୀ ଅର୍ଥ ପାଇ ମଧ୍ୟ ଘର କରିବାକୁ ପଛଘୁଞ୍ଚା ଦେଇ ଦାୟିତ୍ୱରେ ଥିବା ଅଧିକାରୀଙ୍କ ସହମତିରେ ରାଧେ ରାଧେ ଅଧେ ଅଧେ କରି ଭାଗ ବଣ୍ଟୁରାରେ ଶେଷହୁଏ। ସୋମବାର ବରଣ୍ଡୁଆ ପଞ୍ଚାୟତ ଅଫିସରେ ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଚାଲିଥିଲା। ଏଥିରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଓ ଏସ୍‌ପି ମନୋଜ କୁମାର ରାଉତଙ୍କ ସମେତ ଜିଲ୍ଲାସ୍ତରର ସମସ୍ତ ଅଧିକାରୀ ଯୋଗଦେଇଥିଲେ। ବାସୁଦେବପୁର ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରୁ ଲୋକ ଅଭିଯୋଗ ପତ୍ର ଧରି ଜିଲ୍ଲାପାଳଙ୍କଠାରେ ପହଞ୍ଚି ଅଭିଯୋଗ କରିଥିଲେ। ଅଭିଯୋଗର ଲମ୍ବା ଲାଇନ୍ ଲାଗିଥିଲା। କିନ୍ତୁ ଜିଲ୍ଲାପାଳଙ୍କୁ ଅଭିଯୋଗ କରିବା ସହ ନିଜର ଦୁଃଖ ଜଣାଇବାକୁ ଆସିଥିବା ବିଷ୍ଣୁବିନ୍ଧା ଗାଁର ଅସହାୟ ମହିଳା ତୁଳସୀ ସିଂ(୭୦) ଜିଲ୍ଲାପାଳଙ୍କୁ ଅଭିଯୋଗ କରି ନ ପାରି ନିରାଶ ହୋଇ ଫେରିଛନ୍ତି। ଚାଲିବାକୁ ଦେହରେ ବଳ ନାହିଁ। ପାଦରେ ଚାଲି ଚାଲି ଯିବା କଷ୍ଟକର ହୋଇପଡୁଛି। କିନ୍ତୁ ମନରେ ଆଶା ଥିଲା ଜିଲ୍ଲାପାଳଙ୍କୁ ନିଜର ଦୁଃଖ ଜଣାଇବେ। ବିଷ୍ଣୁବିନ୍ଧାରୁ ଏକ ପ୍ଲାଷ୍ଟିକ୍ ଚେୟାରକୁ ସାହାରା କରି ଗୁରୁଣ୍ଡି ଗୁରୁଣ୍ଡି ରାସ୍ତାରେ ଆସୁଥିଲେ। ବୟସ ସତୁରି ଟପିଲାଣି। ଜିଲ୍ଲାପାଳ ଆସୁଛନ୍ତି ଶୁଣି ଚେୟାରଟିଏ ଧରି ଗୋଟିଏ ଗୋଟିଏ ପାଦ ପକାଇ, ଗାଡ଼ି ମୋଟରକୁ ଖାତିର୍ ନ କରି ରାସ୍ତାର କଡ଼େ କଡ଼େ ଆସି ପହଞ୍ଚିଥିଲେ ବରଣ୍ଡୁଆ ପଞ୍ଚାୟତ ଅଫିସ ଜନଶୁଣାଣି ଶିବିରରେ। ତେବେ ବିଡ଼ମ୍ବନାର ବିଷୟ ସେତେବେଳକୁ ଅଭିଯୋଗ ଶୁଣାଣି ଶେଷ କରି ଜିଲ୍ଲାପାଳ ଫେରିଗଲେଣି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଖଣ୍ଡିଏ ଓ ଟ୍ରାଇ ସାଇକଲଟିଏ ମିଳିବ ବୋଲି ବଡ଼ ଆଶାକରି ଧାଇଁ ଆସିଥିଲେ। ଜିଲ୍ଲାପାଳଙ୍କୁ ଭେଟି ନ ପାରି ନିରାଶ ହୋଇ ଫେରୁଥିବାବେଳେ ବାଟରେ ଗଣମାଧ୍ୟମର ପ୍ରତିନିଧିଙ୍କ ଆଗରେ ଲୋତକଭରା କଣ୍ଠରେ ସମସ୍ତ ଘଟଣା କହିଥିଲେ ତୁଳସୀ। ଖବରଟି କେବଳ 'ସକାଳ'ରେ ପ୍ରକାଶ ପାଇବା ପରେ ପ୍ରଶାସନର ଦୃଷ୍ଟିକୁ ଆସିଥିଲା। ଏ ସମ୍ପର୍କରେ ବାସୁଦେବପୁର ବିଡିଓ ତନ୍ମିତା କରଙ୍କୁ ପଚାରିବାରୁ ସେ କହିଥିଲେ, ତୁଳସୀ ସିଂ ଜନଅଭିଯୋଗ ଶୁଣାଣିରେ ପହଞ୍ଚିପାରି ନ ଥିଲେ। ଆମ ପାଖରେ ଖବର ପହଞ୍ଚିବା ପରେ ପିଇଓଙ୍କୁ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ଆସିଲେ ସମସ୍ତ ପ୍ରକାର ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ବିଡିଓ କହିଛନ୍ତି।

## କଂଗ୍ରେସର ଜୋନ୍‌ସ୍ତରୀୟ ସାଂଗଠନିକ ବୈଠକ

ଦୋଳସାହି,୧୩।୧୦(ସମିସ): ତିହିଡ଼ି ବ୍ଲକ୍ ଅନ୍ତର୍ଗତ କାଁପଡ଼ା ପଞ୍ଚାୟତରେ ଏକ ଜୋନ୍‌ସ୍ତରୀୟ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ୭ ନମ୍ବର ଜୋନ୍‌ରେ କୁବେରା, ବିଲଣା, ତଳଗୋପବିନ୍ଧା, ବାରୋ, ବୋଡ଼କ, କାଁପଡ଼ା ଓ ଶ୍ୟାମସୁନ୍ଦରପୁର ପଞ୍ଚାୟତର ବହୁ କଂଗ୍ରେସ ନେତୃବୃନ୍ଦ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସରକାରଙ୍କ ବିଫଳତା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ବୈଠକରେ ବରିଷ୍ଠ କଂଗ୍ରେସ ନେତା ଦେବେନ୍ଦ୍ର ବେହେରା ସଭାପତିତ୍ୱ କରିଥିଲେ।



ବରିଷ୍ଠ ନେତା ପାର୍ଥସାରଥୀ ଦାସ, ପ୍ରଦୀପ ମଳିକ, ରମାକାନ୍ତ ମଳିକ, ରାଧାକାନ୍ତ ନାୟକ, ଗଙ୍ଗାଧର ପତି, ଭାସ୍କର ନାଥ, ପୂର୍ଣ୍ଣଚନ୍ଦ୍ର ପାଣ୍ଡବ, ଚନ୍ଦ୍ରକାନ୍ତ ବାରିକ, ପ୍ରଶାନ୍ତ ମଳିକ, ସମ୍ବିତ୍ ସାହୁ, ଧନଞ୍ଜୟ ନାୟକ, ବଳରାମ ମଳିକ, ରୋଶନ ଦାସ, ସୁବ୍ରତ ଦାସ, ମାନସ ରଞ୍ଜନ ଦାସଙ୍କ ସହ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## ଅଟଳ ବିହାରୀ କଲେଜ ନିର୍ବାଚନ; ବିସିଜେଡିର ବିଶାଳ ସଭା




ବାସୁଦେବପୁର,୧୩।୧୦(ସମିସ)

ନିର୍ବାଚନ ଯେତିକି ପାଖେଇ ଆସୁଛି ନିର୍ବାଚନୀ ଉଷ୍ମତା ବୃଦ୍ଧି ପାଇବାରେ ଲାଗିଛି। ସମସ୍ତ ଛାତ୍ର ସଂଗଠନ ନିଜର ଦମ୍ ଦେଖାଇ ଭୋଟରଙ୍କ ସମର୍ଥନ ନେବାକୁ ପଛାଉ ନାହାନ୍ତି। ବାସୁଦେବପୁର ଅଟଳ ବିହାରୀ କଲେଜର ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ମଙ୍ଗଳବାର କଲେଜ କ୍ୟାମ୍ପସ୍‌ରେ ଏକ ବିଶାଳ ସଭା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଛାତ୍ର ନେତା ମାନସ ରଞ୍ଜନ ସାହୁ ସଭାପତିତ୍ୱ କରିଥିଲେ। ବିଜେଡିର ବାସୁଦେବପୁର ନିର୍ବାଚନମଣ୍ଡଳୀର ଯୁବ ସଭାପତି ଦେବଦର୍ଶନ ଦାଶ, ସତ୍ୟବାନ ବିଶ୍ୱାଳ, ତପନ ବେଜ, ବବ୍ରୁବାହନ ଦାସ, ବସନ୍ତ ମହାନ୍ତି, ବିଶ୍ୱଜିତ୍ ନାୟକ, ସଭାପତି ପ୍ରାର୍ଥୀ ପ୍ରଶାନ୍ତ ବେହେରା, ସମ୍ପାଦକ ପ୍ରାର୍ଥୀ ରାଜା ଜେନା, ଡ୍ରାମାଟିକ୍ ସମ୍ପାଦକ ତପସ୍ୱିନୀ ପଲାଇ ଉଦ୍‌ବୋଧନ ଦେଇ ସମସ୍ତ ପ୍ରାର୍ଥୀଙ୍କୁ ଜିତାଇବାକୁ ନିବେଦନ କରିଥିଲେ। ଅନ୍ୟ ଛାତ୍ର ସଂଗଠନ ଭାଷଣର ବାହାସ୍ଫୋଟ ମାରୁଛନ୍ତି କିନ୍ତୁ କାମରେ ଶୂନ୍। ଅଟଳବିହାରୀ କଲେଜ ବିକାଶର ମାଇଲ୍ ଖୁଣ୍ଟ ବିସିଜେଡି। ସବୁଠି ବିକାଶର ଛାପ ବେଶ୍ ବାରି ହୋଇ ପଡୁଛି। ବିଜ୍ଞାନ ଭବନଠାରୁ ଆରମ୍ଭ କରି କଳା ଓ ବାଣିଜ୍ୟ ଭବନ ବିସିଜେଡିର ଅବଦାନ। ଦୂରଦୂରାନ୍ତରୁ ଆସୁଥିବା ଛାତ୍ରଛାତ୍ରୀଙ୍କ ରହଣି ପାଇଁ ୨ ମହଲା କୋଠାଠାରୁ ମହିଳା ଓ ପୁରୁଷ ହଷ୍ଟେଲ, ପ୍ରଶାସନିକ ଭବନ, ସ୍ମାର୍ଟ କ୍ଲାସ୍ ସବୁଠି ବିସିଜେଡିର ବିକାଶର ଚିହ୍ନ ରହିଛି ବୋଲି ପ୍ରାର୍ଥୀମାନେ କହିଥିଲେ।

## ମଙ୍ଗଳା ମନ୍ଦିରରୁ ରୁପା ମୁକୁଟ ଚୋରି, ୨ ଗିରଫ

ବନ୍ତ/ଆଗରପଡ଼ା,୧୩।୧୦(ସମିସ): ସ୍ଥାନୀୟ ବରହମପୁର ମଙ୍ଗଳା ମନ୍ଦିରରୁ ରୁପା ମୁକୁଟ ଚୋରି ଅଭିଯୋଗରେ ୨ ଜଣଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବାର ଜଣାପଡ଼ିଛି। ଏ ସମ୍ପର୍କରେ ଥାନା କେସ୍ ନଂ ୨୨୩/୨୬ରେ ମାମଲା ରୁଜୁ କରି ଥାନାଧିକାରୀ ରାଜେଶ ସେଠୀ ଅଧିକ ତଦନ୍ତ ଜାରି ରଖିଛନ୍ତି। ସବୁଦିନ ପରି ସନ୍ଧ୍ୟା ଆଳତି କାର୍ଯ୍ୟ ସରିବା ପରେ ମନ୍ଦିରରେ ତାଲା ପକାଇ ବନ୍ଦ କରାଯାଇଥିଲା। ସକାଳ ଧୂପ ଦେବା ପରେ ମଧ୍ୟ ସବୁ ଠିକ୍‌ଠାକ୍ ରହିଥିଲା। ପ୍ରାୟ ସକାଳ ୮ ଟା ପରେ ମନ୍ଦିର ଗ୍ରୀଲ୍ ତାଲା ଭଙ୍ଗାଯାଇ ଠାକୁରାଣୀଙ୍କ ୨ଟି ରୁପା ମୁକୁଟ ନ ଥିବାର ଦେଖିବାକୁ ମିଳିଥିଲା। ଅଭିଯୋଗ ପାଇ ଥାନାଧିକାରୀ ତୁରନ୍ତ ତଦନ୍ତ ଆରମ୍ଭ କରି ୨ଜଣ ସନ୍ଦିଗ୍ଧ ଯୁବକଙ୍କୁ ଉଠାଇ ଆଣି ଥାନାରେ ଜେରା କରିଥିଲେ ଓ ପରେ ପ୍ରକୃତ ଘଟଣା ଜଣାପଡ଼ିଥିଲା। ଚୋରି ହେବାର ଅଳ୍ପ କିଛି ଘଣ୍ଟା ବ୍ୟବଧାନରେ ଥାନାଧିକାରୀ ଅଭିଯୁକ୍ତଙ୍କୁ ଠାବ କରି ଗିରଫ କରିବା ସହ ଚୋରି ଦୁଇଟି ରୁପା ମୁକୁଟ ଉଦ୍ଧାର କରିବାରେ ସଫଳ ହୋଇଥିବାରୁ ତାଙ୍କର ଦକ୍ଷତା ଓ ପାରଙ୍ଗମତା କାର୍ଯ୍ୟକୁ ସବୁ ମହଲରେ ପ୍ରଶଂସା କରାଯାଇଛି। ପୁରୁଷଣ୍ଡ ଗ୍ରାମର ସେକ୍ ରୋଶନ କାଦ୍ରି(୨୫) ଓ ମହାନ୍ତିପଡ଼ା ଡଗରପଡ଼ା ଗ୍ରାମର ଭୀଷ୍ମଦେବ ଦାସ(୨୩)ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଅଳ୍ପ କିଛିଦିନ ତଳେ ସ୍ଥାନୀୟ ମାର୍କେଟ୍‌ରେ ଥିବା ମୋମୋ ଷ୍ଟଲ୍‌ରୁ ତାଲା ଭାଙ୍ଗି ୨ଟି ଗ୍ୟାସ୍ ସିଲିଣ୍ଡର ମଧ୍ୟ ଚୋରି ହୋଇଥିଲା।

■ ପୁରୁଣାବଜାର ଥାନା ପକ୍ଷରୁ ଜୁଭେଣ୍ଟିକା ଆଉଟ୍‌ରିଚ୍ କାର୍ଯ୍ୟକ୍ରମ

## 'ବାଲ୍ୟ ବିବାହ ବନ୍ଦ କରନ୍ତୁ, ବାଳିକାଙ୍କ ଅଧିକାର ପାଇଁ ନିବେଶ କରନ୍ତୁ'

ଭଦ୍ରକ,୧୩।୧୦(ସମିସ): ଅନ୍ତର୍ଜାତୀୟ ବାଳିକା ଦିବସ ଅବସରରେ ଭଦ୍ରକ ପୁରୁଣାବଜାର ଥାନା ଓ ଆସିଆନା ସଂଗଠନର ମିଳିତ ଆନୁକୂଲ୍ୟରେ ଜୁଭେଣ୍ଟିକା ଆଉଟ୍‌ରିଚ୍ ସଚେତନତା କାର୍ଯ୍ୟକ୍ରମ ପୁରୁଣା ବଜାର ଥାନା ଭାରପ୍ରାପ୍ତ ଅଧିକାରୀ ସୁଶାନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ବାଇପାସ୍‌ସ୍ଥିତ ସୋସାଇଟି ଫର୍ ଉଇକର କମ୍ୟୁନିଟି (ଆସିଆନା) ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ଶିଶୁ ମଙ୍ଗଳ କମିଟିର ସଦସ୍ୟ ପ୍ରଦୀପ୍ତ କୁମାର କର, ଆସିଆନାର ସମ୍ପାଦିକା ସୋଫିଆ ସେକ୍ ଯୋଗଦେଇ ବାଲ୍ୟ ବିବାହର ନିରାକରଣ, ବାଳିକାମାନଙ୍କର ଅଧିକାର, ସୁରକ୍ଷା ଏବଂ ଲିଙ୍ଗଗତ ସମାନତା ପ୍ରତିଷ୍ଠା ପାଇଁ ସମାଜର ସମସ୍ତ ସ୍ତରରେ ସଚେତନତା ଓ ସାମୂହିକ ପ୍ରୟାସ ଜାରି ରଖିବା ପାଇଁ ଆବଶ୍ୟକୀୟ ବୋଲି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଚଳିତ ବର୍ଷର ଜୁଭେଣ୍ଟିକା ଆଉଟ୍‌ରିଚ୍ କାର୍ଯ୍ୟକ୍ରମର ମୁଖ୍ୟ ବାର୍ତ୍ତା ହେଉଛି 'ବାଲ୍ୟ ବିବାହ ବନ୍ଦ କରନ୍ତୁ ଏବଂ ବାଳିକାଙ୍କ ଅଧିକାର ପାଇଁ ନିବେଶ କରନ୍ତୁ'। ଏହି କାର୍ଯ୍ୟକ୍ରମରେ ଆସିଆନା ଶକ୍ତି ସଦନ ଓ ଓପନ୍ ସେଲଟର ହୋମ୍‌ର ଅନ୍ତେବାସୀ ଓ କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ଆସିଆନାର ସଂଯୋଜକ ରିଆଜ ଅହମ୍ମଦ ସ୍ୱାଗତ ଭାଷଣ ଦେବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ଆଗରେ ଏବିଭିପିର ଧାରଣା



ଦୋବଲ,୧୩।୧୦(ସମିସ): ଧାମନଗର ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନକୁ ନେଇ ଉତ୍ତେଜନା ଦେଖାଦେଇଛି। ପ୍ରଚାରର ଅନ୍ତିମ ପର୍ଯ୍ୟାୟରେ କଲେଜର ଜଣେ କର୍ମଚାରୀ ଜଣେ ଛାତ୍ରୀଙ୍କୁ ଫୋନ୍ କରି ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ସମର୍ଥିତ ପ୍ରାର୍ଥୀଙ୍କୁ ଭୋଟ୍ ଦେବା ପାଇଁ ପ୍ରତ୍ୟକ୍ଷ ଚାପ ଓ ଧମକ ଦେଇଥିବା ଅଭିଯୋଗ ହୋଇଛି। ଏହି ସମ୍ବେଦନଶୀଳ ଅଡିଓ ରେକର୍ଡ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ କଲେଜ ପରିସରରେ ପ୍ରବଳ ଅଶାନ୍ତି ଦେଖାଦେଇଛି। ଘଟଣାର ନିରପେକ୍ଷ ତଦନ୍ତ ଏବଂ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରି ଏବିଭିପିର କାର୍ଯ୍ୟକର୍ତ୍ତା ଓ ବହୁ ଛାତ୍ରଛାତ୍ରୀ କଲେଜ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।

## ଦିବାଲୋକରେ ଅବାଧ ବାଲି ପରିବହନ

ବାରିକପୁର,୧୩।୧୦(ସମିସ): ବେଆଇନ ବାଲି ପରିବହନ ରୋକିବାକୁ ଭଣ୍ଡାରିପୋଖରୀ ଥାନା ପକ୍ଷରୁ ଦୈନିକ କିଛି ନା କିଛି ସ୍ଥାନରେ ଚଢ଼ଉ ହେଉଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ମର୍ଣୀନାଥପୁରଠାରୁ ଏକ ବାଲି ବୋଝେଇ ଟ୍ରାକ୍ଟର ଜବତ ହୋଇଛି। ଗତ ସପ୍ତାହ ମଧ୍ୟରେ ୧୦ରୁ ଅଧିକ ବେଆଇନ ବାଲି ଟ୍ରକ୍‌କୁ ମଧ୍ୟ ପୁଲିସ ଜବତ କରି ମାମଲା ରୁଜୁ କରିଛି। ଏହାସତ୍ତ୍ୱେ ବିଭିନ୍ନ ରାସ୍ତା ଦେଇ ସବୁଦିନ ଦିବାଲୋକରେ ଟ୍ରିପ୍ ଟ୍ରିପ୍ ବାଲି ଚାଲାଣ ହେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ବିଶେଷକରି ଛତାବର-ବଳିଘାଇ ଓ ମଞ୍ଜୁରୀ ରୋଡ୍-ଛତାବର ରାସ୍ତାରେ ଏହି ବେଆଇନ ବାଲି ପରିବହନ ହେଉଛି। ଚୋରା ଚାଲାଣ ଯୋଗୁଁ ଗ୍ରାମ୍ୟ ବଜାରଗୁଡ଼ିକରେ ସୁରକ୍ଷା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଯାହାକୁ ନେଇ ଭାରୀଯାନ ଚଳାଚଳ ବନ୍ଦ କରିବାକୁ ଅଞ୍ଚଳର ଜନସାଧାରଣ ପୁଲିସକୁ ଦାବିପତ୍ର ପ୍ରଦାନ କରିଛନ୍ତି। ବିଶେଷକରି



ବୈତରଣୀ ନଦୀର ନମକଣା, ରାଘବପୁର ପ୍ରମୁଖ ଅଞ୍ଚଳରୁ ପ୍ରତ୍ୟେକ ଦିନ ବାଲି ଚାଲାଣ ହେଉଥିବା ଅଭିଯୋଗ ହେଉଛି। ଏହାଛଡ଼ା ବୁଢ଼ା ନଦୀର କମଳପୁର ଘାଟରୁ ମଧ୍ୟ ବାଲି ଆସୁଥିବା ଜଣାପଡ଼ିଛି। ଗାଡ଼ିଗୁଡ଼ିକ ସିଧା ଏହି ରାସ୍ତା ଦେଇ ଜାତୀୟ ରାଜପଥ ଅତିକ୍ରମ କରି ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସ୍ଥାନକୁ ଯାଉଥିବା ସୂଚନା ମିଳିଛି। ସବୁଠାରୁ ବଡ଼କଥା ହେଲା ଜିଲ୍ଲା ଖଣି ନିଗମର ଅଧିକାରୀମାନେ ଏହା ଉପରେ ଦୃଷ୍ଟି ନ ଦେବା ପରିତାପର ବିଷୟ ପାଲଟିଛି। ଏହାଛଡ଼ା ବିଭାଗୀୟ ଅଧିକାରୀମାନଙ୍କ ସ୍ୱଚ୍ଛତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଅସୁରାଳିଠାରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଅସୁରାଳି,୧୩।୧୦(ସମିସ): ଧାମନଗର ବ୍ଲକ୍ ଅସୁରାଳି ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଏକ ବ୍ଲକ୍‌ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି। ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ଅଧିକାରର ସୁରକ୍ଷା, ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ୍ କରିବା ଏବଂ ସରକାରୀ ସୁବିଧାସୁଯୋଗ ସେମାନଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବିଭାଗର ଅଭିଜ୍ଞ ଡାକ୍ତରୀ ଦଳ ଯୋଗଦେଇ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଆବଶ୍ୟକୀୟ ପ୍ରମାଣପତ୍ର ଓ ସହାୟତା ପାଇଁ ପରାମର୍ଶ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଓ ବ୍ଲକ୍‌ସ୍ତରୀୟ ବହୁ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ବନବିହାରୀ ଦିନ୍ଦା ଏବଂ ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପୁହାଣ ପ୍ରମୁଖ ଯୋଗଦେଇ ଶିବିରର କାର୍ଯ୍ୟକାରିତା ଓ ସରକାରୀ ଯୋଜନାଗୁଡ଼ିକ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହିତ ଅସୁରାଳି ସରପଞ୍ଚ ମିନତୀ ସାହୁ ଜିଲ୍ଲା ଉପସଭାପତି ଚତୁର୍ଭୁଜ ନାୟକ, ଅନ୍ତର୍ଯ୍ୟାମୀ ପତି ଶିବିର ଆୟୋଜନରେ ପ୍ରମୁଖ ସହଯୋଗ କରି ସ୍ଥାନୀୟ ଅଞ୍ଚଳର ହିତାଧିକାରୀମାନଙ୍କୁ ସହାୟତା ଯୋଗାଇଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଏଭଳି ଜନକଲ୍ୟାଣକାରୀ ଶିବିର ଦ୍ୱାରା ଗ୍ରାମାଞ୍ଚଳର ଅବହେଳିତ ଓ ଦୂରଦୂରାନ୍ତରୁ ଆସିଥିବା ଭିନ୍ନକ୍ଷମ ଭାଇଭଉଣୀମାନେ ବିଭିନ୍ନ ସରକାରୀ ସୁବିଧା ପାଇବାରେ ସହାୟକ ହେବ ବୋଲି ଆଶାପ୍ରକାଶ କରାଯାଇଛି।

# ବିଭିନ୍ନ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'




### ■ ଟିଲୋ କ୍ଲଷ୍ଟର

ବନ୍ତ/ଆଗରପଡ଼ା,୧୩।୧୦(ସମିସ): ବନ୍ତ ଶିକ୍ଷାଧିକାରୀଙ୍କ ଅଧୀନସ୍ଥ ଟିଲୋ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ବନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ଭାସ୍ୱତୀ ଜେନାଙ୍କ ସଭାପତିତ୍ୱ ଓ ସିଆରସିସି ଅଶୋକ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ 'ସୁରଭି' କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବନ୍ତ ପଞ୍ଚାୟତ ସରପଞ୍ଚ ମାନସୀ ରାଣୀ ରାଉତ, ମୁଖ୍ୟବକ୍ତା ଭାବେ ବନ୍ତ ପଞ୍ଚାୟତ ସମିତିସଭ୍ୟ ପରମେଶ୍ୱର ବାରିକ ଯୋଗଦେଇ ସୁରଭି ପ୍ରସଙ୍ଗ 'ସମୃଦ୍ଧ ଭାଷା, ସମୃଦ୍ଧ ଓଡ଼ିଶା' ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ନରେନ୍ଦ୍ର ବାରିକ, ବନ୍ତ ହାଇସ୍କୁଲ ପଞ୍ଚସଖା ଶିକ୍ଷା ସେତୁ ଅଧ୍ୟକ୍ଷ ତ୍ରିଲୋଚନ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀ ପୁରସ୍କାରପ୍ରାପ୍ତ ଶିକ୍ଷକ ସୁକାନ୍ତ ବେହେରା ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଏହି କାର୍ଯ୍ୟକ୍ରମରେ ୧୧ଟି ବିଭିନ୍ନ ବିଦ୍ୟାଳୟର ୧୨୦ ଜଣ ଛାତ୍ରଛାତ୍ରୀଙ୍କ ସମେତ ୨୬ଜଣ ମାର୍ଗଦର୍ଶକ ଶିକ୍ଷକଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ପ୍ରଧାନଶିକ୍ଷୟିତ୍ରୀଙ୍କ ଅଧ୍ୟକ୍ଷତାରେ ଭାରତୀ ସୂତାର, ବିଆର୍‌ପି ଟୁନାବାଳା ଦାଶ, ସିଆରସିସି ଅଶୋକ ଦାସ, ଗିରିଜା ଶଙ୍କର ଲେଙ୍କା, ପ୍ରଧାନଶିକ୍ଷକ ପ୍ରତାପ ଚନ୍ଦ୍ର ବିଶ୍ୱାଳ ଓ କୁମୁଦିନୀ ପ୍ରଧାନ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ।

### ■ ଗଣିଜାଙ୍ଗ କ୍ଲଷ୍ଟର

ବନ୍ତ ଶିକ୍ଷାଧିକାରୀଙ୍କ ଅଧୀନସ୍ଥ ଗଣିଜାଙ୍ଗ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' କନ୍ତିଆ ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସିଆରସିସି ପ୍ରଫୁଲ୍ଲ ଦାସଙ୍କ ତତ୍ତ୍ୱାବଧାନରେ ଏବଂ କନ୍ତିଆ ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିବ ପ୍ରସାଦ ଦେହୁରୀଙ୍କ ସଭାପତିତ୍ୱରେ ଏହି ଉତ୍ସବ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ବନ୍ତ ବ୍ଲକ୍ ବିଆର୍‌ସିସି ତଥା ଅତିରିକ୍ତ ଶିକ୍ଷାଧିକାରୀ ହରେକୃଷ୍ଣ ଆପଟ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ନେହେରୁ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅନ୍ତର୍ଯ୍ୟାମୀ ପାତ୍ର, ତୁଣ୍ଡା ବିଦ୍ୟାଳୟର ପ୍ରଧାନଶିକ୍ଷକ ପର୍ଶୁରାମ ନାୟକ, ହାସିନପୁର ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ନମିତା ଜେନା, ଟିକିରା ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିବାନନ୍ଦ ନାୟକ, ବେଲଦା ମୁଣ୍ଡାସାହି ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଅହଲ୍ୟା ସିଂ, ଓଡ଼ଙ୍ଗ ସିଆର୍‌ସିସି ପରମେଶ୍ୱର ପୃଷ୍ଟି, ଆଡ଼ିଆ ସିଆର୍‌ସିସି ଗୌତମ ଭୂୟାଁ, ଗଣିଜାଙ୍ଗ ପଞ୍ଚାୟତ ବାଳିକା ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପ୍ରତିମା ଭୂୟାଁ ଏବଂ କନ୍ତିଆ ସଂସ୍କୃତ ବିଦ୍ୟାଳୟର ଦେବେନ୍ଦ୍ର ପତି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷକ କରୁଣାକର ନାୟକ ମଞ୍ଚ ପରିଚାଳନା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷକ ଆଶିଷ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ମହୋତ୍ସବରେ ୧୨ଟି ବିଦ୍ୟାଳୟର ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ୧୩ଟି ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। କାର୍ଯ୍ୟକ୍ରମର ଅନ୍ୟତମ ଆକର୍ଷଣ ଥିଲା ପଦୋନ୍ନତି ପାଇଥିବା ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ।

### ■ ନିଳୋକ କ୍ଲଷ୍ଟର

ବନ୍ତ ଶିକ୍ଷାଧିକାରୀଙ୍କ ଅଧୀନସ୍ଥ ନିଳୋକ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ନିଳୋକ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସିଆରସିସି ରାଜେନ୍ଦ୍ର ପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଶାନ୍ତ ସାହୁ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ବନ୍ତ ବ୍ଲକ୍ ବିଆର୍‌ସିସି ତଥା ଅତିରିକ୍ତ ଶିକ୍ଷାଧିକାରୀ ହରେକୃଷ୍ଣ ଆପଟ, ନରେନ୍ଦ୍ର ବାରିକ, ଅକ୍ଷୟ ଜେନା, ବ୍ରହ୍ମାନନ୍ଦ ଜେନା, ସରପଞ୍ଚ ରଜନୀ ସେଠୀ, ସମିତିସଭ୍ୟ ଉଦ୍ଧବ ଚରଣ ସେଠୀ, ସାରଙ୍ଗଧର ଲେଙ୍କା ଓ ସୁମତୀ ଲତା ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ରବିନାରାୟଣ ପାଣି ଅତିଥି ପରିଚୟ ଏବଂ ଅମରେଶ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ମହୋତ୍ସବରେ ୯ଟି ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ୧୫ଟି ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ସେଥିମଧ୍ୟରୁ ୪୫ ଜଣ ପ୍ରତିଯୋଗୀ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ମନୋନୀତ ପ୍ରତିଯୋଗୀମାନେ ଆଗାମୀ ଦିନରେ ବ୍ଲକ୍, ଜିଲ୍ଲା ଓ ରାଜ୍ୟସ୍ତରରେ ଅଂଶଗ୍ରହଣ କରିବେ। କାର୍ଯ୍ୟକ୍ରମର ସଫଳ ଆୟୋଜନରେ ଗୁରୁଚରଣ ମାଝୀ, ଅଜୟ କୁମାର ପଣ୍ଡା, ଗଣେଶ ପ୍ରସାଦ ସେଠୀ, ବଟକୃଷ୍ଣ ସେଠୀ, ମହେଶ୍ୱର ବାରିକ, କାନନ ଦାସ, ଶେଷଦେବ ଜେନା, ଅସିତ କୁମାର ପୁହାଣ, ସ୍ୱାଧୀନ କୁମାର ସାହୁ, ଦିନେଶ କୁମାର ନାୟକ, ସ୍ୱୟମ୍ପ୍ରଭା ନାୟକ, ବିଜୟ କୁମାର ରାଉତ, ରବୀନ୍ଦ୍ର ମୋହନ ମାଝୀ, ଦୀପ୍ତିରଞ୍ଜନ ସାହୁ, ସୁଧାକର ପଣ୍ଡାଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

### ■ ଭଦ୍ରକ

ବିଷ୍ଣୁପୁର ସାଧନ କେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ପ୍ରତିଯୋଗିତା ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମଙ୍ଗଳବାର ପୂର୍ବାହ୍ଣ ୧୧ଟାରେ ପ୍ରଧାନଶିକ୍ଷକ ବିଜୟକୁମାର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବିଷ୍ଣୁପୁର ସରପଞ୍ଚ ଅମୂଲ୍ୟ ନାୟକ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ସାଧନ କେନ୍ଦ୍ର ସଂଯୋଜକ ଅଜୟ କୁମାର ରାୟ ସ୍ୱାଗତ ଭାଷଣ ଦେଇଥିବାବେଳେ ଶିକ୍ଷକ ଜିତେନ୍ଦ୍ର କୁମାର ସାହୁ ସୁରଭି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ କ'ଣ ବକ୍ତବ୍ୟ ମାଧ୍ୟମରେ ରଖିଥିଲେ। ୧୬ଟି ବିଭାଗରେ ବିଭିନ୍ନ ପ୍ରତିଯୋଗିତାରୁ ବକ୍ତୃତାରେ



ଲକ୍ଷ୍ମୀପ୍ରିୟା ପଣ୍ଡା, ସଙ୍ଗୀତରେ ନାରାୟଣ ରାଉତ, ସୃଜନଶୀଳ ଲେଖାରେ ଜୟଶ୍ରୀ ବାରିକ, ପ୍ରବନ୍ଧରେ ଆୟୁଷ୍ମାନ ମୁଦୁଲି, ଚିତ୍ରକଳାରେ ଶୁଭଲକ୍ଷ୍ମୀ ମିଶ୍ର, କୁଇଜ୍‌ରେ ରୁଦ୍ରନାରାୟଣ ବେହେରା, ନୃତ୍ୟରେ ସସ୍ମିତା ସାମଲ ଓ ସାଥି ପ୍ରଥମ ହୋଇ ବ୍ଲକ୍‌ସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଛନ୍ତି। ସମ୍ମାନିତ ଅତିଥିଭାବେ ଦେବେନ୍ଦ୍ର ନାଥ ପାଣି, ନିତ୍ୟାନନ୍ଦ ରାଉତ, ପରିଚଳନା କମିଟି ସଭାପତି ମୃତ୍ୟୁଞ୍ଜୟ ନାୟକ, ବାସୁଦେବ ଗୋଛାୟତ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ପ୍ରୀତିପଦ୍ମା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ଆୟୋଜନରେ ଶିକ୍ଷକ ପ୍ରଶାନ୍ତ ଖିଲାର, ମୋହନ ସୋରେନ, ଜୟଦେବ ସେନାପତି, ଶିକ୍ଷୟିତ୍ରୀ ଅମିତା ସାମଲ, ସନ୍ଧ୍ୟାରାଣୀ ପରିଡ଼ା, ସୁଜାତା ରାଉତ, ବାସନ୍ତିଲତା ରାଉତ, ସସ୍ମିତା ସାମନ୍ତ, ଦମୟନ୍ତୀ ନାଥ, ମଧୁସ୍ମିତା ନାୟକ, ପ୍ରିୟଦର୍ଶିନୀ ପଣ୍ଡା, ମଧୁସ୍ମିତା ବିଶ୍ୱାଳ, ଗୀତରୋଜାଲିନ୍, ରୋଜାଲିନ୍ ମଲ୍ଲିକ, ସୁଶ୍ରୀ ସଙ୍ଗୀତା କବାଟ, ସୁନିମା ବେହେରା, ମଞ୍ଜୁଳରାଣୀ ଦାଶ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ।

# ଗ୍ରାମାଞ୍ଚଳରେ ଡିଜିଟାଲ ଇଣ୍ଡିଆ ବାଟବଣା; ବିନା ନେଟୱର୍କରେ ହନ୍ତସନ୍ତ ଲୋକେ

କେନ୍ଦୁଝର, ୧୩।୧୦(ସମିସ)

ଅଚଳ ହୋଇଥିବା ବିଏସ୍‌ଏନ୍‌ଏଲ୍ ନେଟୱାର୍କ ଚାଲୁ କରିବାକୁ ବାଂଶପାଳ ବ୍ଲକ ଅନ୍ତର୍ଗତ ସୁଡଙ୍ଗ ଗ୍ରାମର ଲୋକମାନେ ବିଏସ୍‌ଏନ୍‌ଏଲ୍ କେନ୍ଦୁଝର ଡିଜିଏମ୍‌ଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସୁଡଙ୍ଗ ଗ୍ରାମରେ ପ୍ରାୟ ୨୦୦ରୁ ଅଧିକ ପରିବାର ବସବାସ କରନ୍ତି। ଏହି ଗ୍ରାମରେ ପ୍ରାୟ ୩ ବର୍ଷ ହେବ ଏକ ବିଏସ୍‌ଏନ୍‌ଏଲ୍ ନେଟୱର୍କ ସ୍ଥାପନା କରାଯାଇଛି; କିନ୍ତୁ ଏହା ଆଜି ପର୍ଯ୍ୟନ୍ତ ଚାଲୁ ହୋଇପାରିନାହିଁ। ଉକ୍ତ ଅଞ୍ଚଳରେ ନେଟୱର୍କ ସମସ୍ୟା ରହିଥିବାରୁ ସମସ୍ତ ଗ୍ରାମବାସୀ ତଥା ଅନ୍ୟ କର୍ମଚାରୀ ଓ ଉପ ଡାକଘର, ଆଶା,ଅଙ୍ଗନବାଡ଼ି କର୍ମୀ,


ବିଏସ୍‌ଏନ୍‌ଏଲ୍ ଡିଜିଏମ୍‌ଙ୍କୁ ଦାବିପତ୍ର

ଶିକ୍ଷକ, ଗ୍ରାମର ଗଭବତୀ ମହିଳା ମଧ୍ୟ ଗଛରେ ଚଢି ମୋବାଇଲ ଯୋଗେ ଯୋଗାଯୋଗ ପାଇଁ ନେଟୱର୍କ ଜାଗାକୁ ଯାଉଥିବା ଅଭିଯୋଗ ହେଉଛି। ବିଏସ୍‌ଏନ୍‌ଏଲ୍ ନେଟୱର୍କ ଚାଲୁ ହେଲେ ଉକ୍ତ ଗ୍ରାମରେ ଥିବା ଉପଡାକଘରୁ ଲୋକମାନେ ବିଭିନ୍ନ ସୁବିଧା ପାଇପାରିବେ ଓ ଡାକଘରଟି ସ୍ଥାୟୀ ଭାବେ ସେଠାରେ ରହିପାରିବ। ନଚେତ୍ ଡାକଘରଟି ସବୁଦିନ ପାଇଁ ଅନ୍ୟ ସ୍ଥାନକୁ ଚାଲିଯିବାର ସମ୍ଭାବନା ରହିଥିବା ଗ୍ରାମବାସୀ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ମୋବାଇଲ ନେଟୱର୍କ ସମସ୍ୟା ରହିଥିବାରୁ ଗ୍ରାମବାସୀ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବା ସହ ଉପଡାକଘର ମଧ୍ୟ ଗ୍ରାମରୁ ଉଠିଯିବା ପରିସ୍ଥିତି ସୃଷ୍ଟି ହେଲାଣି। ଏଥିସହ ନେଟୱାର୍କ ସମସ୍ୟା ପାଇଁ ଲୋକମାନେ ଡାକ୍ତରଖାନାକୁ ଯିବା ପାଇଁ ଜରୁରିକାଳୀନ ଯୋଗାଯୋଗରୁ ମଧ୍ୟ ବଞ୍ଚିତ ରହୁଥିବା ଅଭିଯୋଗ କରିଛନ୍ତି।

## ଛାତ୍ର ସଂସଦ ନିର୍ବାଚନ

# ପ୍ରଚାର ଶେଷ, ଆଜି 'ହ୍ୱାଇ ଆଇ ଷ୍ଟାଣ୍ଡ ଫର୍' ଡିବେଟ୍

ବାରିପଦା, ୧୩।୧୦(ସମିସ): କଲେଜ ଛାତ୍ରସଂସଦ ନିର୍ବାଚନକୁ ନେଇ ମୟୂରଭଞ୍ଜ ଜିଲ୍ଲାରେ ଛାତ୍ର ରାଜନୀତି ସରଗରମ ହୋଇଉଠିଛି। ମଙ୍ଗଳବାର ପ୍ରଚାରର ଶେଷ ଦିନ ଥିବାରୁ ଭୋଟରଙ୍କୁ ନିଜ ସପକ୍ଷରେ ଆଣିବା ପାଇଁ ପ୍ରାର୍ଥୀ ଶେଷ ପର୍ଯ୍ୟାୟ କସରତ ସାରିଛନ୍ତି। କ୍ୟାମ୍ପସ୍‌ରେ ହାତଲେଖା ପ୍ରଚାରପତ୍ର ବଣ୍ଟନଠାରୁ ଆରମ୍ଭ କରି ସୋସିଆଲ ମିଡିଆରେ ଭିଡିଓ ଓ ପୋଷ୍ଟର ଜରିଆରେ ଭୋଟରଙ୍କୁ ଆକୃଷ୍ଟ କରିବାକୁ ଜୋରଦାର ଉଦ୍ୟମ ଜାରି ରହିଛି। ଜିଲ୍ଲାର ୨୩ଟି କଲେଜରେ ନିର୍ବାଚନୀ ମାହୋଲ ଜମିଥିବାବେଳେ ବାରିପଦା ସହରର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟ, ବାରିପଦା ଡିଗ୍ରୀ କଲେଜ ଓ ସରକାରୀ ମହିଳା ମହାବିଦ୍ୟାଳୟରେ ମୁଖ୍ୟତଃ ବିଜୁ ଛାତ୍ର ଜନତା ଦଳ (ବିସିଜେଡି) ଓ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି), ସମର୍ଥିତ ପ୍ରାର୍ଥୀଙ୍କ ମଧ୍ୟରେ ସିଧାସଳଖ କଡ଼ା ଟକ୍କର ହେବାର ସମ୍ଭାବନା ଦେଖାଦେଇଛି। ପ୍ରାର୍ଥୀମାନେ ବିଭିନ୍ନ ବିଭାଗ ବୁଲି କ୍ୟାମ୍ପସ୍ ସମସ୍ୟା ସମାଧାନ, ଛାତ୍ର ସ୍ୱାର୍ଥରକ୍ଷା ଓ ଶିକ୍ଷାନୁଷ୍ଠାନର ଉନ୍ନତି ପାଇଁ ପ୍ରତିଶ୍ରୁତିର ବର୍ଷା କରିଛନ୍ତି। ପ୍ରଚାର ପର୍ବ ଶେଷ ହେବା ପରେ ଏବେ ସମସ୍ତଙ୍କ ନଜର ଆସନ୍ତାକାଲି ଅନୁଷ୍ଠିତ ହେବାକୁ ଥିବା ପାରମ୍ପରିକ "ହ୍ୱାଇ ଆଇ ଷ୍ଟାଣ୍ଡ ଫର୍' ଡିବେଟ୍ କାର୍ଯ୍ୟକ୍ରମ ଉପରେ ରହିଛି।



## ବିସିଜେଡି-ଏବିଭିପି ମଧ୍ୟରେ କଡ଼ା ଟକ୍କର ସମ୍ଭାବନା

ଏହି ମଞ୍ଚରେ ପ୍ରାର୍ଥୀ ଭୋଟରଙ୍କ ସମ୍ମୁଖରେ ନିଜ ନିର୍ବାଚନୀ ଆଭିମୁଖ୍ୟ ଓ ଯୋଜନା ଉପସ୍ଥାପନ କରିବେ। ଉଭୟ ଶିବିର ବିଜୟ ନେଇ ଦୃଢ଼ୋକ୍ତି ପ୍ରକାଶ କରୁଥିବା ବେଳେ ସାଧାରଣ ଛାତ୍ରଛାତ୍ରୀ କାହା ଉପରେ ଆସ୍ଥା ପ୍ରକଟ କରୁଛନ୍ତି, ତାହା ଭୋଟ୍ ଗ୍ରହଣ ଓ ଫଳାଫଳ ପରେ ହିଁ ସ୍ପଷ୍ଟ ହେବ।

# ଝଡ଼ାପଶିରେ ମେଟ୍ ଚୟନ ବିବାଦ; ପଲ୍ଲୀସଭା ବାତିଲ

କେନ୍ଦୁଝର, ୧୩।୧୦(ସମିସ): କେନ୍ଦୁଝର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ କଣ୍ଡରାପଶି ଗ୍ରାମପଞ୍ଚାୟତର ଝଡ଼ାପଶି ଗ୍ରାମରେ ନୂତନ ମେଟ୍ ଚୟନ ପାଇଁ ବିଜ୍ଞପ୍ତି ପ୍ରକାଶକୁ ନେଇ ବିବାଦ ଦେଖାଦେଇଥିଲା। ଗାଁସାଥୀ ମେଟ୍ ସଂଘର ହସ୍ତକ୍ଷେପରେ ବ୍ଲକ ପ୍ରଶାସନ ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯାଇ ନୂତନ ମେଟ୍ ଚୟନ ପାଇଁ ୧୩/୧୦ରେ ହେବାକୁ ଥିବା ପଲ୍ଲୀସଭାକୁ ବାତିଲ କରାଯାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ବିକଶିତ ଭାରତ ଜି-ରାମ-ଜି ଯୋଜନାର ନୂତନ ଗାଇଡ୍‌ଲାଇନ୍‌ରେ ପୂର୍ବରୁ କାର୍ଯ୍ୟରତ ମେଟ୍‌ମାନଙ୍କୁ ବହିଷ୍କାର କିମ୍ବା ନୂତନ ମେଟ୍ ଚୟନ ନ କରିବା ସମ୍ପର୍କରେ ନିର୍ଦ୍ଦେଶ ଥିବା ସତ୍ତ୍ୱେ ପଞ୍ଚାୟତ କର୍ତ୍ତୃପକ୍ଷ ନୂତନ ମେଟ୍ ଚୟନ ପାଇଁ ବିଜ୍ଞପ୍ତି ପ୍ରକାଶ କରିଥିବା ଅଭିଯୋଗ ହୋଇଥିଲା। ଏହାକୁ ବିରୋଧ କରି ପୂର୍ବରୁ କାର୍ଯ୍ୟରତ ମେଟ୍ ସୁଷମା ମହାନ୍ତ ଓ ମୁସଲି ମୁଣ୍ଡା ଗାଁ ସାଥୀ ମେଟ୍ ସଂଘ, କେନ୍ଦୁଝର ଜିଲ୍ଲାର ଆବାହକ ମନୋଜ ପଟେଲଙ୍କ ସହାୟତା ଲୋଡ଼ିଥିଲେ। ଶ୍ରୀ ପଟେଲ ଏଡିଇଓଙ୍କ ସହ ଆଲୋଚନା କରିଥିଲେ। ପରବର୍ତ୍ତୀ ସମୟରେ ସେ ମେଟ୍‌ମାନଙ୍କ ସହ ସଦର ବିଡିଓଙ୍କୁ ସାକ୍ଷାତ କରି ନୂତନ ମେଟ୍ ଚୟନ ପାଇଁ ହେବାକୁ ଥିବା ପଲ୍ଲୀସଭାକୁ ବାତିଲ କରିବାକୁ ଅନୁରୋଧ କରିଥିଲେ। ଅଭିଯୋଗକୁ ଗୁରୁତ୍ୱ ଦେଇ ସଦର ବିଡିଓ ବିନୋଦ ପଣ୍ଡା ତୁରନ୍ତ ଏଡିଇଓ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ସରପଞ୍ଚଙ୍କୁ ଡକାଇ ଆଲୋଚନା କରିଥିଲେ। ବିନା ଅନୁମତିରେ ମେଟ୍ ନିଯୁକ୍ତି ସମ୍ପର୍କିତ ପଦକ୍ଷେପ ନ ନେବାକୁ ତାଗିଦ କରିବା ସହ ନୂତନ ମେଟ୍ ଚୟନ ପାଇଁ ହେବାକୁ ଥିବା ପଲ୍ଲୀସଭାକୁ ବାତିଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ପୂର୍ବରୁ କାର୍ଯ୍ୟରତ ମେଟ୍‌ମାନଙ୍କୁ ନେଇ ବିକଶିତ ଭାରତ ଜି-ରାମ-ଜି ଯୋଜନାର କାର୍ଯ୍ୟ ଆରମ୍ଭ କରିବାକୁ କହିଥିବା ଜଣାପଡ଼ିଛି।

# ଦିବ୍ୟାଙ୍ଗ ନାବାଳିକାକୁ ଦୁଷ୍କର୍ମ, ୨ ଗିରଫ

ଉଦଳା,୧୩।୧୦(ସମିସ): ଦିବ୍ୟାଙ୍ଗ ନାବାଳିକା ଘରେ ଏକୁଟିଆ ଥିବାବେଳେ ତାଙ୍କୁ ଉଠାଇ ନେଇ ଦୁଷ୍କର୍ମ କରିଥିଲେ ଦୁଇଜଣ। ଏଭଳି ଏକ ଲଜ୍ଜାକର ଘଟଣା ଉଦଳା ଅଞ୍ଚଳରେ ଘଟିଛି। ଉକ୍ତ ଘଟଣାରେ ଦୁଇଜଣଙ୍କୁ ଉଦଳା ପୁଲିସ ଗିରଫ କରିଛି। ସେମାନଙ୍କ ମଧ୍ୟରେ ଜଣେ ନାବାଳକ ଥିବା ଜଣାଯାଇଛି।ଉଦଳା ଥାନା ଅଞ୍ଚଳର ଜଣେ ଦିବ୍ୟାଙ୍ଗ ନାବାଳିକା ଗତ ୧୧ ତାରିଖ ସନ୍ଧ୍ୟାରେ ଘରେ ଏକୁଟିଆ ଥିବାବେଳେ ଏହି ସମୟରେ ଶାସଙ୍ଗବେଡା ଗ୍ରାମର ଫାଟୁ ଟୁଡୁ ଓ ଜଣେ ନାବାଳକ ତାଙ୍କୁ ଘରୁ ଉଠାଇ ଆଣି ନିକଟସ୍ଥ ହାଟ ପଛକୁ ନେଇଯାଇଥିଲେ। ସେଠାରେ ଉଭୟ ଦୁଷ୍କର୍ମ କରିଥିଲେ। ପରେ ନାବାଳିକା ଜଣକ ପରିବାର ଲୋକଙ୍କୁ ଜଣାଇବା ପରେ ପରିବାର ଲୋକେ ଉଦଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ଦୁଇଜଣଙ୍କୁ ଗିରଫ କରିଛି। ନାବାଳକକୁ ଥାନାରେ ଅଟକ ରଖିଥିବାବେଳେ ଅଭିଯୁକ୍ତ ଯୁବକ ଫାଟୁ ଟୁଡକୁ କୋର୍ଟ ଚାଲାଣ କରିଛି।

# ଘରୁ ସୁନା ଅଳଙ୍କାର ଚୋରି ଅଭିଯୋଗ

ବଡ଼ସାହି,୧୩।୧୦(ସମିସ): ବଡ଼ସାହି ଥାନା ଅନ୍ତର୍ଗତ ପାଉଁଶିଆ ଗ୍ରାମର ଜଣେ ମହିଳାଙ୍କ ଘରୁ ସୁନା ଅଳଙ୍କାର ଚୋରି ହୋଇଥିବା ନେଇ ବଡ଼ସାହି ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକାରିଣୀ ରାଜବାଳା ରଣା (୬୨) ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଗତ ୪ ତାରିଖରେ ରାଜବାଳା ନିଜ ଝିଅ ଘରକୁ ଯାଇଥିବା ସମୟରେ ଘରେ ରଖିଥିବା ସୁନା ବାହୁଟି, ସୁନା କାନଫୁଲ ଓ ସୁନା ମୁଦିକୁ ଏକ ବଡ଼ ବାକ୍ସରେ ରଖିଥିଲେ। ମାତ୍ର ଅଳଙ୍କାର ସେହି ବାକ୍ସରେ ନପାଇ ଥାନାରେ ଅଭିଯୋଗ କରିଛନ୍ତି।

# ଟ୍ରକ୍‌କୁ ପଛରୁ ଧକ୍କାଦେଇ ବାଇକ୍ ଚାଳକ ମୃତ

ରାଇରଙ୍ଗପୁର, ୧୩।୧୦(ସମିସ): ରାଞ୍ଚି-ବିଜୟୱାଡ଼ା ୨୨୦ନଂ ଜାତୀୟ ରାଜପଥ ଏବେ ସାଧାରଣ ଲୋକଙ୍କ ପାଇଁ ମରଣଯନ୍ତା ପାଲଟିଛି। ଏହି ରାଜପଥରେ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟି ଅନେକ ମୂଲ୍ୟବାନ ଜୀବନ ଚାଲିଯାଉଛି। ଏହି କ୍ରମରେ ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଟାଉନ୍ ଥାନା ଅନ୍ତର୍ଗତ ପୁରୁଣାପାଣି ନିକଟରେ ଆଜି ପୁଣି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ଜଣେ ବାଇକ୍ ଆରୋହୀଙ୍କ ଜୀବନ ଯାଇଛି। ମୃତ ଯୁବକ ତିରିଂ ଥାନା ଅନ୍ତର୍ଗତ ସୁନାପୋଷି ଗ୍ରାମର ଲଖନ ବାସ୍କେ। 'ନୋ ଏଣ୍ଟ୍ରି' ସମୟ ଯୋଗୁଁ ରାସ୍ତା ପାଶ୍ୱର୍ରେ ଏକାଧିକ ଭାରୀଯାନ ଛିଡ଼ା ହୋଇଥିଲା। ଲଖନ ବାଇକ୍ ଯୋଗେ ଯାଉଥିବାବେଳେ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଛିଡ଼ା ହୋଇଥିବା ଏକ ଟ୍ରକ୍ ପଛପଟେ ଜୋରଦାର ଧକ୍କା ଦେଇଥିଲେ। ଧକ୍କା ଏତେ ଭୟଙ୍କର ଥିଲା ଯେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ, ରାଜପଥରେ ନୋ ଏଣ୍ଟ୍ରି ଜୋନ୍ ସତ୍ତ୍ୱେ ବେପରୁଆ ଭାବେ ଟ୍ରକ୍ ଓ ଅନ୍ୟାନ୍ୟ ଭାରୀଯାନ ଟ୍ରାଫିକ୍ ନିୟମ ଉଲ୍ଲଂଘନ କରି ରାସ୍ତା ଅବରୋଧ କରି ଛିଡ଼ା ହେଉଥିବାରୁ ବାରମ୍ବାର ଏଭଳି ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ କଠୋର ପଦେକ୍ଷପ ଗ୍ରହଣ କରିବାକୁ ଦାବି ହୋଇଛି।

# ଦୁଇଟି ଟ୍ରାନ୍ସଫର୍ମରରୁ ଚୋରି

କୁଆମରା,୧୩।୧୦(ସମିସ): ସୋମବାର ରାତିରେ ଦୁଇଟି ଟ୍ରାନ୍ସଫର୍ମରରୁ ଚୋରି ହୋଇଥିବା ନେଇ ଖୁଣ୍ଟା ଥାନାରେ ଅଭିଯୋଗ ହୋଇଛି। ଗୋପବନ୍ଧୁନଗର ବ୍ଲକ ସାଇଁକୁଳା ପଞ୍ଚାୟତର ସିରାଥଳି ଓ ପୁରୁଣା ବାରିପଦା ବିଦ୍ୟାଳୟ ନିକଟରେ ଥିବା ଟ୍ରାନ୍ସଫର୍ମରରୁ ଚୋରି ହୋଇଥିବା ନେଇ ମାଣତ୍ରୀ ସେକସନ୍ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ନିକୁଞ୍ଜ ବିହାରୀ ଜେନାଙ୍କ ଅଭିଯୋଗ କ୍ରମେ ଥାନାରେ ମାମଲା ରୁଜୁ ହୋଇଥିବାବେଳେ କୁଆମରା ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତି ତଦନ୍ତ ଚଳାଇଛନ୍ତି।

# ଜିଲ୍ଲା ଠିକାଦାର ସଂଘରୁ ଜୟନ୍ତ ଲେଙ୍କା ବହିଷ୍କୃତ

ବାରିପଦା, ୧୩।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା ଠିକାଦାର ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯିବା ସହ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସଂଘର ବିନା ଅନୁମତିରେ ସଂଘର ନାଁ ନେଇ ଠିକାଦାର ଜୟନ୍ତ କୁମାର ଲେଙ୍କା ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ନେଇ କର୍ମକର୍ତ୍ତାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ପରେ ସର୍ବସମ୍ମତିକ୍ରମେ ତାଙ୍କୁ କନିଷ୍ଠ ସଂଘର ଉପସଭାପତି ପଦରୁ ବହିଷ୍କାର କରାଯାଇଛି। ଏହି ବୈଠକରେ ଜିଲ୍ଲା ଠିକାଦାର ସଂଘ ସଭାପତି ପରେଶ ମହାନ୍ତ, ସାଧାରଣ ସମ୍ପାଦକ ତରୁଣ ମହାନ୍ତି, କନିଷ୍ଠ ସଂଘ ସଭାପତି କାଶୀନାଥ ରଣା, କାର୍ଯ୍ୟକାରୀ ସଭାପତି ରାଜା ଖାନ, ସାଧାରଣ ସମ୍ପାଦକ ସୌମ୍ୟରଞ୍ଜନ ମିଶ୍ର, ଉପସଭାପତି ସୁରଜ ଲୋହାରଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

## ■ ଆଦିବାସୀଙ୍କ ସ୍ୱତନ୍ତ୍ର ପରିଚୟ ସୁରକ୍ଷା ଓ ପ୍ରାଥମିକରୁ ସ୍ନାତକୋତ୍ତର ସାନ୍ତାଳୀ ଶିକ୍ଷା ଦାବି

# ବିଜାତଳାରେ ବିଶାଳ ପଦଯାତ୍ରା, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

ରାଇରଙ୍ଗପୁର, ୧୩।୧୦(ସମିସ): ଆଦିବାସୀଙ୍କ ପାରମ୍ପରିକ ଅଧିକାର ଓ ସ୍ୱତନ୍ତ୍ର ପରିଚୟର ସୁରକ୍ଷା, ସାରନା ଧର୍ମ କୋଡ୍‌କୁ ମାନ୍ୟତା, ପ୍ରାଥମିକରୁ ସ୍ନାତକୋତ୍ତର ପର୍ଯ୍ୟନ୍ତ ସାନ୍ତାଳୀ ଶିକ୍ଷା ପ୍ରଚଳନ, ସମାନ ନାଗରିକ ସଂହିତାକୁ ବିରୋଧ କରି ଆଜି ବିଜାତଳାରେ ଆଦିବାସୀ ସାନ୍ତାଳ ସମ୍ପ୍ରଦାୟ ପକ୍ଷରୁ ଏକ ବିରାଟ ପଦଯାତ୍ରା ଓ ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜାତଳା ଆଦିବାସୀ ସାମାଜିକ, ଶିକ୍ଷା ଓ ସାଂସ୍କୃତିକ ସଂଘ (ଆସେକା) କାର୍ଯ୍ୟାଳୟ ପରିସରରୁ ଶତାଧିକ ମହିଳା ଓ ପୁରୁଷ ଏକତ୍ରିତ ହୋଇ ପଦଯାତ୍ରାରେ ବାହାରି ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଓ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ରାଜସ୍ୱ ରେକର୍ଡରେ ଆଦିବାସୀଙ୍କ ଉପରେ ହିନ୍ଦୁ ବ୍ୟକ୍ତିଗତ ଆଇନ ଲାଗୁ ନ କରିବା, ଦ୍ୱିତୀୟ ସ୍ତମ୍ଭ ସଂଶୋଧନ ବନ୍ଦ, ସମ୍ବିଧାନର ପଞ୍ଚମ ଅନୁସୂଚୀ ଓ ପଞ୍ଚାୟତ (ଅନୁସୂଚିତ କ୍ଷେତ୍ର ସମ୍ପ୍ରସାରଣ) ଆଇନ କଡ଼ାକଡ଼ି ପାଳନ ସହ ଖଣି ଓ ଖଣିଜ ଦ୍ରବ୍ୟ ନୀତି, ସମାନ ନାଗରିକ ସଂହିତା ଦ୍ୱାରା ଆଦିବାସୀଙ୍କ ପାରମ୍ପରିକ ସ୍ୱାର୍ଥ ଯେପରି କ୍ଷୁଣ୍ଣ ନ ହୁଏ, ସେଥିପାଇଁ ଦୃଢ଼ ଦାବି ଉପସ୍ଥାପନ କରାଯାଇଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଛି। ବାଗରାଇ ଟୁଡୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଇରଙ୍ଗପୁର ଆସେକା ସାଧାରଣ ସମ୍ପାଦକ ଜିତେନ୍ ହାଁସଦା, ସୁଞ୍ଜୁ ହେମ୍ବ୍ରମ, ବିଜାତଳା ଆସେକା ସଭାପତି ଦୁଃଖୀଶ୍ୟାମ ମୁର୍ମୁ, ସମ୍ପାଦକ ବ୍ରଜମୋହନ ମୁର୍ମୁ, ରାମରାଜେଶ ସୋରେନ, ଚନ୍ଦ୍ରମୋହନ ହେମ୍ବ୍ରମ, ମେଘରାଇ ମୁର୍ମୁ, କାହ୍ନନ ଟୁଡୁ, ଗୌଣ୍ଡା ଆସେକା ସମ୍ପାଦକ ମେଘରାଇ ଟୁଡୁଙ୍କ ସମେତ ବହୁ ପାରମ୍ପରିକ ପିଢ଼ ମାଝିବାବା ଓ ପାରଗାନା ବାବା ଉପସ୍ଥିତ ଥିଲେ।




# 'ଚିନ୍ତନ ଦୈନନ୍ଦିନୀ' ପୁସ୍ତକ ଉନ୍ମୋଚିତ

ବାରିପଦା, ୧୨।୧୦(ସମିସ): ଅବସରପ୍ରାପ୍ତ ବିଚାରପତି ନରେନ୍ଦ୍ର କୁମାର ପ୍ରଧାନଙ୍କ ରଚିତ ଓ ମନମୋହନ ମହାପାତ୍ରଙ୍କ ଦ୍ୱାରା ପ୍ରକାଶିତ "ଚିନ୍ତନ ଦୈନନ୍ଦିନୀ' ପୁସ୍ତକ ରବିବାର ରଘୁନାଥପୁରସ୍ଥ ଶ୍ରୀହରିହର ମନ୍ଦିର ପରିସରରେ ଉନ୍ମୋଚିତ ହୋଇଛି। ଏ ଅବସରରେ ଆୟୋଜିତ ସଭାରେ ରଚୟିତା ଶ୍ରୀ ପ୍ରଧାନ ପୁସ୍ତକ ରଚନାର ପୃଷ୍ଠଭୂମି ଓ ଉଦ୍ଦେଶ୍ୟ ସମ୍ପର୍କରେ ମତ ରଖିଥିଲେ। ମୁଖ୍ୟ ଅତିଥି ତଥା ମୟୂରଭଞ୍ଜ ପୁସ୍ତକ ମେଳାର ସଭାପତି ପଦ୍ମନାଭ ସାହୁ, ସମ୍ମାନିତ ଅତିଥି ତଥା ବିଶିଷ୍ଟ ଚିକିତ୍ସକ ପୂର୍ଣ୍ଣଚନ୍ଦ୍ର ଜେନା, ବରିଷ୍ଠ ନାଗରିକ ସଂଘର ସଭାପତି ସିଦ୍ଧାର୍ଥ କରମହାପାତ୍ର ଓ ବରିଷ୍ଠ ଚିକିତ୍ସକ ଜଗଦୀଶ ଚନ୍ଦ୍ର ବେହେରାଙ୍କ ସମେତ ଆଶୁତୋଷ ପଣ୍ଡା, ଆଲୋମୟ ସେଠୀ ପୁସ୍ତକର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଅତିଥିମାନେ ପୁସ୍ତକର ବିଷୟବସ୍ତୁ ଓ ଦୈନନ୍ଦିନ ଜୀବନ ସହ ଏହାର ସମ୍ପର୍କ ଉପରେ ଆଲୋକପାତ କରିଥିଲେ। ବର୍ତ୍ତମାନର ଜଟିଳ ବିଶ୍ୱ ପରିସ୍ଥିତି ଓ ସମସ୍ୟାବହୁଳ ସମାଜରେ ଚିନ୍ତନଶୀଳ ସାହିତ୍ୟର ଗୁରୁତ୍ୱ ଅଧିକ ବୋଲି ସେମାନେ କହିଥିଲେ। ଏପରି ପୁସ୍ତକ ମଣିଷକୁ ନିଜ କାର୍ଯ୍ୟ, ଆଚରଣ ଓ ଜୀବନ ମୂଲ୍ୟ ସମ୍ପର୍କରେ ଆତ୍ମସମୀକ୍ଷା କରିବାକୁ ପ୍ରେରଣା ଦେଇଥାଏ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। 'ଚିନ୍ତନ ଦୈନନ୍ଦିନୀ' ପାଠକଙ୍କ ମଧ୍ୟରେ ନୈତିକ ଚେତନା, ଆତ୍ମପର୍ଯ୍ୟାଲୋଚନା ଓ ସଚେତନ ଜୀବନଯାପନର ଭାବନା ଜାଗ୍ରତ କରିବ ବୋଲି ସେମାନେ ଆଶା ପ୍ରକାଶ କରିଥିଲେ। ଏହି ସାହିତ୍ୟକୃତି ପାଇଁ ଅତିଥିମାନେ ଲେଖକଙ୍କୁ ଅଭିନନ୍ଦନ ଜଣାଇବା ସହ ଭବିଷ୍ୟତରେ ଅଧିକ ସାରଗର୍ଭକ ରଚନା ପାଇଁ ଉତ୍ସାହିତ କରିଥିଲେ।



# ସାଇ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଗୀତା ଦାନ ଯଜ୍ଞ

ବାରିପଦା, ୧୩।୧୦(ସମିସ): ବାରିପଦା ବ୍ଲକ ଅନ୍ତର୍ଗତ ବଡ଼ବ୍ରାହ୍ମଣମରାସ୍ଥ ସାଇ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ପଶ୍ଚିମବଙ୍ଗ ମାୟାପୁର ଇସ୍କନ ପକ୍ଷରୁ ପବିତ୍ର ଭଗବଦ୍ ଗୀତା ଦାନ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି।

ବିଦ୍ୟାଳୟର ନିର୍ଦ୍ଦେଶକ ଅମୀୟ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଇସ୍କନର ଗୌର ଧାମ ଦାସ, ମନୋରମ ଗୌର ଦାସ, ପ୍ରସନ୍ୟ ଶଚୀପୁତ୍ର ଦାସ, ରାଧାରମଣ ଶୁଭିଳାଷ ଦାସ ଓ ବିଶିଷ୍ଟ ସମାଜସେବୀ ସୋମନାଥ ସିଂହ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏ ଅବସରରେ ଅତିଥିମାନେ ପବିତ୍ର ଶ୍ରୀମଦ୍‌ଭଗବଦ୍ ଗୀତାର ମହତ୍ତ୍ୱ ଉପରେ ଆଲୋକପାତ କରି କହିଥିଲେ ଯେ, ନିୟମିତ ଗୀତା ପାଠ ଦ୍ୱାରା ଛାତ୍ରଛାତ୍ରୀଙ୍କ ବୌଦ୍ଧିକ, ମାନସିକ, ଆଧ୍ୟାତ୍ମିକ ତଥା ଶାରୀରିକ ବିକାଶ ସମ୍ଭବ ହେବା ସହ ସେମାନେ ଜଣେ ଜଣେ ଆଦର୍ଶ ସୁନାଗରିକ ରୂପେ ଗଢ଼ିଉଠିପାରିବେ। ଏହି କାର୍ଯ୍ୟକ୍ରମରେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ପ୍ରାୟ ୨୫୦ ଜଣ ଛାତ୍ରଛାତ୍ରୀଙ୍କୁ ମାଗଣାରେ ଭଗବଦ୍ ଗୀତା ପୁସ୍ତକ ପ୍ରଦାନ କରାଯାଇଥିଲା। ଏହି ପୁସ୍ତକ ବଣ୍ଟନରେ ବାରିପଦାର ଗୋପାଳ ଜୁଏଲର୍ସର ଉଦ୍ୟୋକ୍ତା ମନୋଜ କୁମାର ସାଓ, ସୁରୁ ଟୁଡୁ, ପଦ୍ମଲାଭ ଦାସ ଓ ଅମୂଲ୍ୟ ଜେନା ପ୍ରମୁଖ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ଉପାଧ୍ୟକ୍ଷ, ପ୍ରଶାସନିକ ଅଧିକାରୀ ଜ୍ଞାନେନ୍ଦ୍ର ମହାକୁଡ଼, ବରିଷ୍ଠ ଅଧ୍ୟାପକ ଉପେନ୍ଦ୍ର କୁମାର ରାଉଳ, ଅଧ୍ୟାପକ ସତ୍ୟଜିତ ପଣ୍ଡା, ବିଶ୍ୱଜିତ ମହାନ୍ତଙ୍କ ସମେତ ସମସ୍ତ ଶିକ୍ଷକ-କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

## ■ ବଡ଼ଧରଣର ଅପରାଧ ଯୋଜନା ପଣ୍ଡ

# ବନ୍ଧୁକ ଓ ଗୁଳି ସହ ୨ ବାଇକ୍ ଜବତ, ୨ ଗିରଫ

ରାଇରଙ୍ଗପୁର, ୧୩।୧୦(ସମିସ): ପାର୍ବଣ ଋତୁ ପୂର୍ବରୁ ଅଞ୍ଚଳରେ ଏକ ବଡ଼ଧରଣର ସୁପାରି କିଲିଂ ଓ ଅପରାଧିକ ଷଡ଼ଯନ୍ତ୍ରକୁ ପଣ୍ଡ କରିବାରେ ବହଳଦା ପୁଲିସ ସଫଳ ହୋଇଛି। ବେଆଇନ ବନ୍ଧୁକ କାରବାର ଅଭିଯୋଗରେ ପୁଲିସ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ବହଳଦା ଥାନା ଅଧୀନ ଲୋକନାଥପୁର ଗ୍ରାମର ରାଜୁ ଜାମୁଦା (୨୩) ଓ ତିରିଂ ଥାନା ଡୋଲାଯୋଡ଼ି ଗ୍ରାମର ଗୁମ୍‌ଦା ସାମାଦ ଓରଫ ତେରବାନ (୨୨)। ସୂଚନା ଅନୁଯାୟୀ, ଆଗାମୀ ଦୁର୍ଗାପୂଜା ଉପଲକ୍ଷେ ଅସାମାଜିକ କାର୍ଯ୍ୟକଳାପ ଉପରେ ରୋକ୍ ଲଗାଇବା ପାଇଁ ବାଲେଶ୍ୱର ଡିଆଇଜି (ଇଆର) ଓ ରାଇରଙ୍ଗପୁର ଏସପିଙ୍କ ନିର୍ଦ୍ଦେଶକ୍ରମେ ପୁଲିସ ପକ୍ଷରୁ କଡ଼ା ନଜର ରଖାଯାଇଥିଲା। ୧୨ ତାରିଖ ରାତି ପ୍ରାୟ ୧୧ଟାରେ ବହଳଦା ଥାନା ଆଇଆଇସି ଭାସ୍କର ପ୍ରଧାନ ଓ ଏସଆଇ ଅନନ୍ତ ଦାସଙ୍କ ନେତୃତ୍ୱରେ ଏକ ଟିମ୍ ପାଟ୍ରୋଲିଂ କରୁଥିବାବେଳେ ଦୁଧୁ ନଦୀବନ୍ଧ ନିକଟରେ ସୁପାରି କିଲିଂ ଉଦ୍ଦେଶ୍ୟରେ ବେଆଇନ ମାରଣାସ୍ତ୍ର କାରବାର ଚାଲିଥିବା ସୂଚନା ପାଇଥିଲେ। ଖବର ପାଇ ପୁଲିସ ତୁରନ୍ତ ଘଟଣାସ୍ଥଳରେ ଅତର୍କିତ ଚଢ଼ଉ କରି ଫେରାର ହେବାକୁ ଉଦ୍ୟମ କରୁଥିବା ଉକ୍ତ ଦୁଇ ଯୁବକଙ୍କୁ କାବୁ କରିଥିଲା। ସେମାନଙ୍କ ନିକଟରୁ ଗୋଟିଏ ଦେଶୀ ଡବଲ ବ୍ୟାରେଲ ବନ୍ଧୁକ, ଗୋଟିଏ ୮ ଏମ୍‌ଏମ୍ ଜୀବନ୍ତ ଗୁଳି, ଦୁଇଟି ବାଇକ୍, ଦୁଇଟି ମୋବାଇଲ ଫୋନ ଓ ନଗଦ ୪,୦୦୦ ଟଙ୍କା ଜବତ କରାଯାଇଥିଲା। ପ୍ରାଥମିକ ପଚରାଉଚରାରୁ ଜଣାପଡ଼ିଛି ଯେ, ପୂଜା ସମୟରେ ରାଉରକେଲାର କିଛି ଯୁବକଙ୍କୁ ଏହି ବନ୍ଧୁକ ବିକ୍ରି କରି ସେଠାରେ ବେଆଇନ କାର୍ଯ୍ୟ ତଥା ସୁପାରି କିଲିଂ କରିବା ପାଇଁ ଯୋଜନା ରହିଥିଲା। ଏ ନେଇ ବହଳଦା ଥାନାରେ ୧୮୨/୨୬, ଦଫା ୨୫/୨୭ ଆର୍ମ୍ସ ଆକ୍ଟ ଅନୁଯାୟୀ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି।

# ନାହିଁ ରାସ୍ତା; ଖଟରେ ବୁହାହେଲେ ଗର୍ଭବତୀ

ବାଙ୍ଗିରିପୋଷି,୧୩।୧୦(ସମିସ): ଦେଶ ସ୍ୱାଧୀନତାର ଦୀର୍ଘବର୍ଷ ପରେ ମଧ୍ୟ ଉପାନ୍ତ ଆଦିବାସୀ ଅଞ୍ଚଳରେ ଯୋଗାଯୋଗ ବ୍ୟବସ୍ଥା ସୁଧୁରିପାରିନାହିଁ। ବାଙ୍ଗିରିପୋଷି ବ୍ଲକ ବୁଢ଼ାଖମାରୀ ପଞ୍ଚାୟତ ଅନ୍ତର୍ଗତ ଖୋଡିକାଶଳ ବାଦ୍ରସାହୀ ଗାଁକୁ ପକ୍କା ରାସ୍ତା ଖଣ୍ଡିଏ ନଥିବାରୁ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି ଗ୍ରାମବାସୀ। ଗାଁକୁ ଆମ୍ବୁଲାନ୍ସ ପହଞ୍ଚି ନ ପାରିବାରୁ ଆଜି ପୁଣି ଜଣେ ଗର୍ଭବତୀ ମହିଳାଙ୍କୁ ଗ୍ରାମବାସୀ ଖଟରେ ବୋହି ମୁଖ୍ୟ ରାସ୍ତାକୁ ଆଣିଥିବା ଦେଖିବାକୁ ମିଳିଛି।



ଉକ୍ତ ଗ୍ରାମର ଗର୍ଭବତୀ ମହିଳା ରୀନା ହାଁସଦା ପ୍ରସବ ଯନ୍ତ୍ରଣାରେ ଛଟପଟ ହେଉଥିବାବେଳେ ରାସ୍ତା ଅଭାବରୁ ଗାଁକୁ ଆମ୍ବୁଲାନ୍ସ ଆସିପାରି ନ ଥିଲା। ଫଳରେ ପରିବାର ଓ ପଡ଼ୋଶୀ ଲୋକେ ବାଧହୋଇ ତାଙ୍କୁ ଏକ ଖଟରେ ଶୁଆଇ ପ୍ରାୟ ଦୁଇ କିଲୋମିଟର ପାଦରେ ଚାଲି ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ବୋହି ନେଇଥିଲେ। ସେଠାରୁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ପଠାଯାଇଥିଲା। ୧୫ ଦିନ ତଳେ ଏହି ଗାଁର ଅନ୍ୟଜଣେ ଗର୍ଭବତୀ ଶାନଖି ମାଣ୍ଡିଙ୍କୁ ମଧ୍ୟ ଅଧରାତିରେ ଛାତିଏ ବନ୍ୟା ପାଣି ଭିତରେ ଖଟରେ ବୋହି ନେଇଥିଲେ ଗ୍ରାମବାସୀ। ରାସ୍ତା ସମସ୍ୟା ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ଝରଣା ମାରାଣ୍ଡିଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଏହା ବ୍ଲକର ସବୁଠାରୁ ବଡ଼ ପଞ୍ଚାୟତ ହୋଇଥିବାବେଳେ କେବଳ ବାଦ୍ରସାହୀ ନୁହେଁ, ଅନେକ ଗାଁରେ ଏଭଳି ରାସ୍ତା ସମସ୍ୟା ରହିଛି। ଭୌଗୋଳିକ ପରିସୀମା ତୁଳନାରେ ପଞ୍ଚାୟତକୁ ଆବଶ୍ୟକ ସରକାରୀ ପାଣ୍ଠି ମିଳୁ ନ ଥିବାରୁ ବିକାଶ କାର୍ଯ୍ୟ ହୋଇପାରୁନାହିଁ ଓ ଲୋକଙ୍କୁ ଉଚିତ ସେବା ଯୋଗାଇବାରେ ସେମାନେ ଅସମର୍ଥ ବୋଲି ଦୁଃଖ ପ୍ରକାଶ କରିଛନ୍ତି।

# ମାଓବାଦୀ ଆକ୍ରମଣରେ ୩ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି

ବାରିପଦା, ୧୩।୧୦(ସମିସ)

ଚାନ୍ଦୁଆ ଥାନା ଅନ୍ତର୍ଗତ ବଣ୍ଡାବ ଗ୍ରାମରେ ମାଓବାଦୀଙ୍କ ଗୁଳିକାଣ୍ଡରେ ସହିଦ ହୋଇଥିବା ୩ ଜଣ ପୁଲିସ କର୍ମଚାରୀଙ୍କ ସହିଦ ଦିବସରେ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି।ମଙ୍ଗଳବାର ସନ୍ଧ୍ୟାରେ ଏନେଇ ସ୍ଥାନୀୟ ରିଜର୍ଭ ପୁଲିସ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାରିପଦା ବିଧାୟକ ପ୍ରକାଶ ସୋରେନ, ଜିଲ୍ଲାପରିଷଦ ଅଧକ୍ଷା ଭାରତୀ ହାଁସଦା, ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦୀପକ ଗୋଛାୟତ ଓ ଗୌତମ କିଷାନ, ଆରକ୍ଷୀ ନିରୀକ୍ଷକ ଆଲୋକ କୁମାର କାନୁନଗୋ ସହିତ ପୁଲିସ ବିଭାଗର ଅଧିକାରୀ, କନେଷ୍ଟବଳ ଓ ହାବିଲଦାର ସଂଘର ସଭାପତି ବିକାଶ ଚନ୍ଦ୍ର ବାରିକଙ୍କ ସମେତ କର୍ମକର୍ତ୍ତା, ଆମନ୍ତ୍ରିତ ଅତିଥି ଓ ସହିଦଙ୍କ ପରିବାରବର୍ଗ ଉପସ୍ଥିତ ରହିଥିଲେ। ସ୍ୱର୍ଗତ ଏଏସ୍‌ଆଇ ନାରାୟଣ ପ୍ରଧାନ, ହାବିଲଦାର ରାଜେନ୍ଦ୍ର ମହାନ୍ତ ଓ କନେଷ୍ଟବଳ ଗହ୍ଲା ହେମ୍ବ୍ରମଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ




ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ସହିଦଙ୍କ ସ୍ମୃତିଫଳକ ଓ ଫଟୋଚିତ୍ରରେ ପୁଷ୍ପମାଲ୍ୟ, ଦୀପଦାନ ଓ କ୍ୟାଣ୍ଡେଲ ଶୋଭାଯାତ୍ରା ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ୨୦୦୯ ଅକ୍ଟୋବର ୧୩ ତାରିଖ ସନ୍ଧ୍ୟା ୬ଟା ୩୦ ମିନିଟ ସମୟରେ ଚାନ୍ଦୁଆ ଥାନା ଅନ୍ତର୍ଗତ ବଣ୍ଡାବ ଗ୍ରାମରେ ଚାଲିଥିବା ଫୁଟବଲ ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ଦିବସରେ ଜେଏମ୍‌ଏମ୍‌ର ତତ୍କାଳୀନ ରାଜ୍ୟ ସୁପ୍ରିମୋ ତଥା ମୟୂରଭଞ୍ଜ ଜିଲ୍ଲାର ପୂର୍ବତନ ସାଂସଦ ସୁଦାମ ମାରାଣ୍ଡି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଫାଇନାଲ ମ୍ୟାଚ ଥିବାବେଳେ ସନ୍ଧ୍ୟା ସମୟରେ ଏହାର ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ସମୟରେ ମାଓବାଦୀଙ୍କ ପକ୍ଷରୁ ଅତର୍କିତ ଆକ୍ରମଣ କରି ଗୁଳି ବର୍ଷଣ କରାଯାଇଥିଲା। ଜନଗହଳି ଭିତରେ କେହି କିଛି ବୁଝିବା ପୂର୍ବରୁ ଆରମ୍ଭ ହୋଇଥିଲା ମାଓବାଦୀଙ୍କର ତାଣ୍ଡବଲୀଳା। ଶତାଧିକ ଫୁଟବଲପ୍ରେମୀଙ୍କ ସହ ଖେଳାଳି ଛତ୍ରଭଙ୍ଗ ଦେଇଥିଲେ। ତେବେ ନିଜ ଜୀବନକୁ ବାଜି ଲଗାଇ ସେଦିନ ଶ୍ରୀ ମାରାଣ୍ଡି ସୁରକ୍ଷା ଦେବା ନିମନ୍ତେ ମାଓବାଦୀଙ୍କ ସହ ମୁକାବିଲା କରିଥିଲେ ମୟୂରଭଞ୍ଜ ପୁଲିସ ଅଧିକାରୀ ଓ କର୍ମଚାରୀ। ଗୁଳିକାଣ୍ଡରେ ଶ୍ରୀ ମାରାଣ୍ଡି ବର୍ତ୍ତିଯାଇଥିଲେ ହେଁ କୁଳିଅଣା ଥାନାର ଏଏସଆଇ ନାରାୟଣ ପ୍ରଧାନ, ସୁରକ୍ଷାରେ ନିୟୋଜିତ ହାବିଲଦାର ରାଜେନ୍ଦ୍ର ପ୍ରଧାନ ଓ କନେଷ୍ଟବଳ ଗହ୍ଲା ହେମ୍ବ୍ରମ ସହିଦ ହୋଇଥିଲେ। ମାଓବାଦୀ ଅନ୍ଧାରର ସୁଯୋଗରେ ସହିଦଙ୍କ ପାଖରେ ଥିବା ୨ଟି ଏକେ ୪୭ ବନ୍ଧୁକକୁ ନେଇଯାଇଥିଲେ। ୩ଜଣ ସହିଦଙ୍କ ସ୍ମୃତିରେ ବାରିପଦା ରିଜର୍ଭ ପୁଲିସ କାର୍ଯ୍ୟାଳୟ ପରିସରରେ ସ୍ମୃତିଫଳକ ରହିଛି। ଜିଲ୍ଲା ପୁଲିସ ପକ୍ଷରୁ ପ୍ରତି ବର୍ଷ ଅକ୍ଟୋବର ୧୩ ତାରିଖରେ ସ୍ୱତନ୍ତ୍ର ଶ୍ରଦ୍ଧାଞ୍ଜଳି ଉତ୍ସବ ଆୟୋଜିତ ହୋଇଆସୁଛି।



ଉତ୍କଳୀୟ ସଂସ୍କୃତି ଓ ଆଧ୍ୟାତ୍ମିକ ଚେତନାର ପ୍ରାଣକେନ୍ଦ୍ର ହେଉଛି ଦେବୀ ଆରାଧନା ବା ଶକ୍ତି ସାଧନା । ଯୁଗ ଯୁଗ ଧରି ଏହି ପବିତ୍ର ମାଟିରେ ଆଦିଶକ୍ତିଙ୍କର ବିଭିନ୍ନ ସ୍ୱରୂପକୁ ପୂଜା କରାଯାଇ ଆସୁଛି, ଯାହାର ଜ୍ୱଳନ୍ତ ପ୍ରତୀକ ହେଉଛନ୍ତି ବାଙ୍କୀର ମା' ଚର୍ଚ୍ଚିକା, ବଡ଼ମ୍ବାର ମା' ଭଟ୍ଟାରିକା ଏବଂ ମୟୂରଭଞ୍ଜ ଖିଚିଂର ମା' କୀଚକେଶ୍ୱରୀ । ଏହି ତିନୋଟି ପୀଠ ଉତ୍କଳର ଅତି ପ୍ରାଚୀନ ଜାଗ୍ରତ ଶକ୍ତିପୀଠ ଭାବେ ପରିଗଣିତ । ପ୍ରକୃତିର ମନୋରମ ପରିବେଶ ଏବଂ ଇତିହାସର ରହସ୍ୟମୟ ପୃଷ୍ଠା ଭିତରେ ସମୃଦ୍ଧ ଏହି ପୀଠଗୁଡ଼ିକ ଆଧ୍ୟାତ୍ମିକତା ସହିତ ଓଡ଼ିଶାର କଳା, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟର ଅନନ୍ୟ ନିଦର୍ଶନ ବହନ କରନ୍ତି । ଏହି ତିନୋଟି ପୀଠରେ ଜଗତଜନନୀ ମା' ଦୁର୍ଗାଙ୍କର ଭିନ୍ନ ଭିନ୍ନ ସ୍ୱରୂପକୁ ପୂଜା କରାଯାଏ । ଓଡ଼ିଶାର ସେହି ଗୌରବମୟ ଇତିହାସ, ସାଂସ୍କୃତିକ ଅନନ୍ୟତା ଏବଂ ଆଧ୍ୟାତ୍ମିକ ରହସ୍ୟକୁ ଗଭୀର ଭାବେ ବୁଝିବା ପାଇଁ ଏହି ତିନୋଟି ଦେବୀ ପୀଠର ସ୍ୱତନ୍ତ୍ରତାକୁ ନେଇ ବିଶେଷ ଆଲେଖ୍ୟ ।

# ମା' ଚର୍ଚ୍ଚିକା

■ ଭକ୍ତି ଭୂଷଣ ମହାନ୍ତି



### ରାତ୍ରି ମାଜଣା ଓ ବଡ଼ସିଂହାର ବେଶ

ଅନ୍ୟଦିନରେ ଦ୍ୱିପ୍ରହରରେ ମାଜଣା ହେଉଥିବାବେଳେ ଷୋଳପୂଜାରେ ସନ୍ଧ୍ୟା ଧୂପ ପରେ ରାତ୍ରି ମାଜଣା କରାଯାଏ । ସମସ୍ତ ସ୍ୱର୍ଣ୍ଣ ଓ ରୌପ୍ୟ ଅଳଙ୍କାର କାଢ଼ି ମା'ଙ୍କୁ ଫୁଲରେ ସଜ୍ଜିତ କରି 'ବଡ଼ସିଂହାର ବେଶ' କରାଯାଏ ଏବଂ ଶେଷରେ ଅଧରପଣା ଓ ଖଜାଭୋଗ ଲାଗେ ।

### ମହାଷ୍ଟମୀ, ନବମୀ ଓ ଦଶହରା ଘଟ ଉଦ୍‌ଯାପନ

ମହାଷ୍ଟମୀ ରାତ୍ରିରେ ବିହିତ ସନ୍ଧିପୂଜା ଏବଂ ମହାନବମୀ ରାତ୍ରିରେ ହୋମଯଜ୍ଞ ହୁଏ । ଦଶହରା ଦିନ ମା'ଙ୍କର ଅପରାଜିତା ପୂଜା ଓ ବେଶ ଅନୁଷ୍ଠିତ ହୁଏ । ଏହାପରେ ଘଟ ଉଦ୍‌ଯାପନ କରାଯାଏ । ପୂଜାର ନିର୍ବିଘ୍ନ ସମାପ୍ତିର ପ୍ରତୀକ ସ୍ୱରୂପ ରାଜଗୁରୁଙ୍କ ଜରିଆରେ ସେହି ଘଟକୁ ସସମ୍ମାନେ ବାଙ୍କୀ ରାଜାଙ୍କ ଖମାରକୁ ପଠାଯାଏ । ଧୂପ ଓ ନୀତି ସମୟରେ ପରଦା ପଡ଼ି ରହୁଥିଲେ ମଧ୍ୟ ଭକ୍ତମାନେ ବାହାରେ ବସି ନିୟମିତ ଭାବେ ଆଳତି ଓ ଦର୍ଶନର ସୌଭାଗ୍ୟ ଲାଭ କରିଥାନ୍ତି ।



ମହାନଦୀର ନୀଳରାଶି ଏବଂ ରୁଚିକା ପାହାଡ଼ ଶାନ୍ତ ପରିବେଶରେ ବିରାଜମାନ ମା' ଚର୍ଚ୍ଚିକା । ଏହି ମନ୍ଦିର କଟକ ଜିଲ୍ଲା ବାଙ୍କୀର ଆଧ୍ୟାତ୍ମିକ ପ୍ରାଣକେନ୍ଦ୍ର । ପର୍ଶୁରାମଙ୍କ ଦ୍ୱାରା ସ୍ଥାପିତ ଏହି ଶାକ୍ତ ପୀଠ ଉତ୍କଳୀୟ ସ୍ଥାପତ୍ୟ ଓ ତନ୍ତ୍ର ସାଧନାର ଜୀବନ୍ତ ସ୍ମାରକୀ ।

### ଆବିର୍ଭାବ, ପୌରାଣିକ କିମ୍ବଦନ୍ତୀ

ପୌରାଣିକ କିମ୍ବଦନ୍ତୀ ଅନୁଯାୟୀ, ଭଗବାନ୍ ପର୍ଶୁରାମ ରୁଚିକା ପର୍ବତରେ ମା'ଙ୍କ ସିଦ୍ଧିପ୍ରାପ୍ତ ପାଇଁ ତପସ୍ୟା କରିଥିଲେ । ପ୍ରତିମୂର୍ତ୍ତି ଆଙ୍କି ପାରିଲେ ମୁଁ ବରଦାନ ଦେବି ବୋଲି ମା'ତାଙ୍କୁ କହିଥିଲେ । ପର୍ଶୁରାମ ସର ମୁନରେ ପଥରରେ ମା'ଙ୍କୁ ଆଙ୍କି ସ୍ଥାପନ କରିଥିଲେ । ପରବର୍ତ୍ତୀ ସମୟରେ ସ୍ୱପ୍ନାଦେଶ କ୍ରମେ ରାଜା ମନ୍ଦିର ନିର୍ମାଣ କଲେ । ଯାହାକି ଚର୍ଚ୍ଚିକା ପୀଠ ନାମରେ ସର୍ବତ୍ର ବିଦିତ । ମା' ଚର୍ଚ୍ଚିକାଙ୍କ ପୀଠରେ ଶାରଦୀୟ ଦୁର୍ଗାପୂଜା ଆଡ଼ମ୍ବର ଓ ପାରମ୍ପରିକ ରୀତିନୀତି ଅନୁଯାୟୀ ପାଳିତ ହୋଇଥାଏ ।

### ଘଟସ୍ଥାପନ ଓ ରାଜଗୁରୁଙ୍କ ବରଣ

ଆଶ୍ୱିନ କୃଷ୍ଣପକ୍ଷ ଅଷ୍ଟମୀ (ମୂଳାଷ୍ଟମୀ) ଦିନଠାରୁ ଏହି ପୂଜା ଆରମ୍ଭ ହୋଇଥାଏ । ପରମ୍ପରା ମୁତାବକ, ପ୍ରଥମେ ରାଜଗୁରୁ ମନ୍ଦିରକୁ ଆସି ପ୍ରଦୀପ ପ୍ରଜ୍ୱଳନ କରନ୍ତି । ଏହାପରେ ବାଙ୍କୀ ରାଜାଙ୍କ ପ୍ରତିନିଧି ଭାବେ ତାଙ୍କଠାରୁ ଗୁଆ-ଚାଉଳ ବରଣ ଆଣିବା ପରେ ମନ୍ଦିରରେ ବିଧିବଦ୍ଧ ଭାବେ ଘଟସ୍ଥାପନ କରାଯାଏ ଏବଂ 'ସହସ୍ରାକୁମ୍ଭାଭିଷେକ' ସମ୍ପନ୍ନ ହୋଇ ଷୋଳ ଉପଚାର ପୂଜା ଆରମ୍ଭ ହୁଏ ।

### ନୀତିକାନ୍ତି ଓ ସ୍ୱତନ୍ତ୍ର ମାର୍ଜନା

ପ୍ରତ୍ୟୁଷରୁ ପାଳିଆ ଓ ମାଜଣା-ମେକାପ ସେବାୟତମାନେ ଦ୍ୱାର ଫିଟାଇ ଚନ୍ଦନ ଓ କର୍ପୂର ଜଳରେ ମୁଖ ପ୍ରକ୍ଷାଳନ, ଦନ୍ତଧାବନ ଓ ମଙ୍ଗଳ ଆଳତି କରନ୍ତି । ଏହାପରେ ମହାନଦୀରୁ ଅଣାଯାଇଥିବା ୧୦୮ କଳସ ଜଳରେ ମା'ଙ୍କର ମାର୍ଜନା ସମ୍ପନ୍ନ ହୁଏ । ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ପରେ ମା'ଙ୍କୁ ବଲ୍ଲଭ ଭୋଗ ଲାଗି କରାଯାଏ । ଦିନରେ ଚଣ୍ଡୀପାଠ ଓ ରାମାୟଣ ପଠନ ସହ କିଛି ସମୟ ସାହାଣମେଳା ହୋଇଥାଏ ।

> "ଷୋଳଦିନାତ୍ମକ ପୂଜା ଓ ରୀତିନୀତି ଉତ୍ତର-ଭାରତ ନବରାତ୍ର ପୂଜାଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଉତ୍କଳୀୟ ଶାକ୍ତ ପରମ୍ପରା ଅନୁସାରେ ଏହି ପୀଠରେ ମୂଳାଷ୍ଟମୀଠାରୁ ମହାଷ୍ଟମୀ ପର୍ଯ୍ୟନ୍ତ ନିଷ୍ଠାର ସହ 'ଷୋଳଦିନାତ୍ମକ ପୂଜା' ପାଳିତ ହୋଇଥାଏ ।"
>
> - ସୁଧୀର କୁମାର ରଣା, ସେବାୟତ

### ଭୋଗ ଏବଂ ଭିନ୍ନତା

ପ୍ରଥମ ଭୋଗରେ ସାଧାରଣ ଦିନଗୁଡ଼ିକରେ ଖେଚୁଡ଼ି-ଡାଲ୍‌ମା ଭୋଗ ଲାଗୁଥିଲେ ହେଁ, ଷୋଳପୂଜାରେ ପ୍ରାୟ ୧୦:୩୦ ରୁ ୧୧:୦୦ ଟା ମଧ୍ୟରେ ଅଟା, ଗୁଡ଼, ନଡ଼ିଆ ପୁର ପ୍ରସ୍ତୁତ 'ମାଣ୍ଡୁଅ' ପିଠା, ଗଜାମୁଗ ଓ ଆଖୁ ଭୋଗ ଲାଗେ । ଦ୍ୱିପ୍ରହର ଧୂପରେ ଖେଚୁଡ଼ି, ଡାଲ୍‌ମା, ଖଟା, ଶାଗ, ଖିରି, ଘିଅଅନ୍ନ, ଟେଳାଅନ୍ନ ଏବଂ ତମ୍ବା ପାତ୍ରରେ ସ୍ୱତନ୍ତ୍ରଭାବେ ପ୍ରସ୍ତୁତ 'ମାଛ ଭୋଗ' ଲାଗି କରାଯାଏ, ଯାହା ଶାକ୍ତ ପରମ୍ପରାର ଏକ ପ୍ରମୁଖ ଅଙ୍ଗ ।

# ଆସ୍ଥା, ଐତିହ୍ୟ ଓ ପରମ୍ପରାର ଅପୂର୍ବ ସଙ୍ଗମ

# ମା' କୀଚକେଶ୍ୱରୀ ପୀଠ

■ ମନୋଜ ପଣ୍ଡା





### ମାନସିକ ପୂରଣ ପାଇଁ 'ମଣ୍ଡା ଚଢ଼ା'

ମା' କୀଚକେଶ୍ୱରୀଙ୍କ ପୀଠରେ ଫୁଲ ଓ ବେଲପତ୍ରର ମଣ୍ଡା ଏକ ଅତ୍ୟନ୍ତ ରହସ୍ୟମୟ, ଦୁର୍ଲଭ ଏବଂ ପବିତ୍ର ତାନ୍ତ୍ରିକ ଉପଚାର । ଏହାକୁ ମା'ଙ୍କର ମୁଖ୍ୟ ପୂଜକ ସ୍ୱତନ୍ତ୍ର ଭାବେ ତାଜା ଫୁଲ ଏବଂ ଶୁଦ୍ଧ ବେଲପତ୍ରକୁ ଏକାଠି କରି ମଣ୍ଡା ଆକାରରେ ପ୍ରସ୍ତୁତ କରନ୍ତି । କେତେକ ବିଶେଷ ଗୁପ୍ତ ନୀତିରେ ଏହା ମଧ୍ୟରେ ଅନ୍ୟାନ୍ୟ ସୁଗନ୍ଧିତ ଦ୍ରବ୍ୟ ଓ ଚନ୍ଦନ ମଧ୍ୟ ଦିଆଯାଏ । ମାନସିକ ପୂରଣ ପାଇଁ ଶ୍ରଦ୍ଧାଳୁମାନେ ଉପବାସ ରହି ଫୁଲ ଓ ବେଲପତ୍ରରେ ନିର୍ମିତ ଗୋଲାକାର ମଣ୍ଡା ମା'ଙ୍କୁ ଚଢ଼ାଇ ଦଣ୍ଡବତ ପ୍ରଣାମ କରନ୍ତି । ମଣ୍ଡା ଆପେ ଆପେ ନ ଖସିବା ପର୍ଯ୍ୟନ୍ତ ଭକ୍ତ ସେହିପରି ପ୍ରଣତ ରହିବା ଏଠାକାର ଏକ ନିଆରା ବିଶ୍ୱାସ ।

### କଳାମୁଗୁନି ପଥରରେ ଭଞ୍ଜବଂଶର କଳାଭାସ୍କର୍ଯ୍ୟ

କୀଚକେଶ୍ୱରୀ ମନ୍ଦିର ଓଡ଼ିଶାର ଏକ ପ୍ରସିଦ୍ଧ ଶକ୍ତିପୀଠ । ଏହା ମୟୂରଭଞ୍ଜ ଜିଲ୍ଲାର ଖିଚିଂ ଠାରେ ଅବସ୍ଥିତ । ଏହି ମନ୍ଦିରର ମୁଖ୍ୟ ଆରାଧ୍ୟ ଦେବୀ ହେଉଛନ୍ତି ମା' କୀଚକେଶ୍ୱରୀ । ପୂର୍ବତନ ଭଞ୍ଜବଂଶୀୟ ରାଜାମାନଙ୍କର କୁଳଦେବୀ ଥିଲେ କୀଚକେଶ୍ୱରୀ । କଳାମୁଗୁନି ପଥରର ଅପୂର୍ବ କାରୁକାର୍ଯ୍ୟ, ହଜାରେ ବର୍ଷର ଇତିହାସ ଏବଂ ଭଞ୍ଜ ରାଜପରମ୍ପରାର ଅନନ୍ୟ ସମନ୍ୱୟ ଏହି ପୀଠକୁ ଦେଇଛି ଏକ ସ୍ୱତନ୍ତ୍ର ପରିଚୟ । ଏହାର କଳାକୃତି ଓ ଭାସ୍କର୍ଯ୍ୟ କଳିଙ୍ଗ ସ୍ଥାପତ୍ୟ କଳାର ଏକ ଶ୍ରେଷ୍ଠ ନିଦର୍ଶନ ।

### ଶାରଦୀୟ ଦୁର୍ଗାପୂଜାରେ ସ୍ୱତନ୍ତ୍ର ନୀତି

ମହାଷ୍ଟମୀ ଓ ମହାନବମୀ ତିଥିରେ ଏଠାରେ ସମ୍ପୂର୍ଣ୍ଣ ରାଜକୀୟ ଠାଣିରେ ପୂଜା ଅନୁଷ୍ଠିତ ହୁଏ । ପରମ୍ପରା ଅନୁଯାୟୀ, ମୟୂରଭଞ୍ଜର ରାଜପରିବାର ତରଫରୁ ଆଜି ବି ଦେବୀଙ୍କ ନିକଟକୁ ସ୍ୱତନ୍ତ୍ର ପୂଜା ସାମଗ୍ରୀ ପଠାଯାଇଥାଏ ।

### ନବମ ଶତାବ୍ଦୀର କୀର୍ତ୍ତିରାଜି ଓ ପୁନରୁଦ୍ଧାରର ଇତିହାସ

ଐତିହାସିକ ତଥ୍ୟ ଅନୁସାରେ, ନବମ-ଦଶମ ଶତାବ୍ଦୀରେ ଭଞ୍ଜ ରାଜବଂଶର ରାଜା ରାୟ ଭଞ୍ଜଙ୍କ ଆଦେଶକ୍ରମେ ମୁଖ୍ୟ ଶିଳ୍ପୀ ଧରିଣୀ ବରାହ ଏହି ଅନନ୍ୟ ମନ୍ଦିର ନିର୍ମାଣ କରିଥିଲେ । ଖିଚିଂ ପୂର୍ବେ 'ଖିଜିଙ୍ଗ କୋଟ' ନାମରେ ପରିଚିତ ଥିଲା ଏବଂ ପ୍ରାୟ ୧୬ ବର୍ଗ ମାଇଲ ପରିମିତ ଅଞ୍ଚଳରେ ଏହା ଭଞ୍ଜ ରାଜାମାନଙ୍କ ରାଜଧାନୀ ଭାବେ ଶୋଭା ପାଉଥିଲା । କାଳକ୍ରମେ ମୂଳ ମନ୍ଦିର ଭଗ୍ନସ୍ତୂପରେ ପରିଣତ ହେବା ପରେ, ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓଙ୍କ ସମୟରେ (୧୯୨୦) ଏହାର ପୁନରୁଦ୍ଧାର ପ୍ରକ୍ରିୟା ଆରମ୍ଭ ହୋଇଥିଲା । ପରବର୍ତ୍ତୀ ସମୟରେ ମହାରାଜା ପ୍ରତାପଚନ୍ଦ୍ର ଭଞ୍ଜଦେଓ ପୁରାତନ ଭଗ୍ନାବଶେଷ ଓ ପ୍ରାଚୀନ କାରୁକାର୍ଯ୍ୟକୁ ଏକତ୍ର କରି ୧୯୩୪ରୁ ୧୯୪୨ ମଧ୍ୟରେ ମନ୍ଦିରର ପୁନର୍ନିର୍ମାଣ କରାଇ ଏହାର ମୂଳ ଗାରିମାକୁ ଫେରାଇ ଆଣିଥିଲେ ।

### ତନ୍ତ୍ର ସାଧନା ଓ ନିଆରା ପୂଜାନୀତି

ମା' କୀଚକେଶ୍ୱରୀ ଦେବୀ ଚାମୁଣ୍ଡା ସ୍ୱରୂପରେ ପୂଜିତା । ଦୁର୍ଗାପୂଜା ସମୟରେ ରାଜକୀୟ ଅସ୍ତ୍ର ଭଣ୍ଡାରରୁ ପାରମ୍ପରିକ ଖଣ୍ଡା ଓ ଅସ୍ତ୍ରଶସ୍ତ୍ରକୁ ବାଜା ବଜାଇ ମା'ଙ୍କ ସମ୍ମୁଖକୁ ଅଣାଯାଇ ସ୍ଥାପନ କରାଯାଏ । ମନ୍ଦିରର ସେବାୟତମାନେ ଏହି ନୀତିକାନ୍ତି ସମ୍ପାଦନ କରନ୍ତି । ସନ୍ଧ୍ୟା ଆଳତୀ ପରେ ମହାସ୍ନାନ, ରାତ୍ରିରେ ଷୋଡ଼ଶ ଉପଚାର ପୂଜା, ବେଲବରଣୀ, ନିଶାପୂଜା, ନବପତ୍ରିକା ଓ ନବମାତୃକା ପୂଜା ଅନୁଷ୍ଠିତ ହୁଏ । ମା'ଙ୍କ ନିକଟରେ ଖେଚୁଡ଼ି, କ୍ଷୀରି, ଡାଲି ଓ ବିଭିନ୍ନ ବ୍ୟଞ୍ଜନ ସହିତ ପାରମ୍ପରିକ ରୀତିରେ ମାଛ ଓ ସୋମରସ (ସୁରା) ଭୋଗ ଲାଗିଥାଏ । ପୂର୍ବରୁ ପ୍ରଚଳିତ ପଶୁବଳି ପ୍ରଥା ପ୍ରଶାସନ ଦ୍ୱାରା ବନ୍ଦ ହୋଇସାରିଛି । ବିଜୟାଦଶମୀରେ କରଞ୍ଜିଆ ଉପଜିଲ୍ଲାପାଳ ଶ୍ରୀରାମଙ୍କ ଭୂମିକା ନିର୍ବାହ କରି ରାବଣ ପୋଡ଼ି ସମ୍ପନ୍ନ କରିବାର ସ୍ୱତନ୍ତ୍ର ପରମ୍ପରା ରହିଛି ।

# ମା' ଭଟ୍ଟାରିକା

■ ରାଜକିଶୋର ବେହେରା, ନବ କିଶୋର ପଣ୍ଡା





କଟକର ପ୍ରାଚୀନ ଶକ୍ତିପୀଠ ମଧ୍ୟରୁ ମା' ଭଟ୍ଟାରିକା ପୀଠ ଅନ୍ୟତମ । ମା' ଭଟ୍ଟାରିକା ହେଉଛନ୍ତି ମହାନଦୀ କୂଳର ଅଧିଷ୍ଠାତ୍ରୀ ଓ ସ୍ଥାନୀୟ ନାବିକ ଓ ମତ୍ସ୍ୟଜୀବୀ ସମ୍ପ୍ରଦାୟଙ୍କର ଆରାଧ୍ୟା ଦେବୀ । ପୁରାଣକାଳରୁ ଏକ ବିଶ୍ୱାସ ରହିଛି ଯେ, ମହାନଦୀରେ ଯାତ୍ରା କରିବା ପୂର୍ବରୁ ନାବିକମାନେ ମାଆଙ୍କ ଆୟୁଧ ଏବଂ ମୂର୍ତ୍ତି ଦର୍ଶନ କରି ନିଜର ନୌ-ଯାତ୍ରା ନିର୍ଘଣ୍ଟ କରନ୍ତି । ମା' ଙ୍କ ପୀଠରେ ଉଭା ଯାତ୍ରା ଏବଂ ଆୟୁଧ ଯାତ୍ରା ସମୟରେ ମହାନଦୀ ଗର୍ଭ ଓ ମନ୍ଦିର ପରିସର 'ଜୟ ମାଆ ଭଟ୍ଟାରିକା' ଧ୍ୱନିରେ ପ୍ରକମ୍ପିତ ହୋଇ ଉଠେ । ପୀଠ କେବଳ ଏକ ଧର୍ମପୀଠ ନୁହେଁ, ବରଂ ଓଡ଼ିଶାର ସନାତନ ସଂସ୍କୃତି ଓ ଲୋକକଳାର ଏକ ପ୍ରମୁଖ ସଂଗମ ସ୍ଥଳ ।

### 'ଭଟ୍ଟାରିକା' ନାମକରଣର ରହସ୍ୟ

'ଭଟ୍ଟାରିକା' ଶବ୍ଦର ଅର୍ଥ ହେଉଛି 'ଉଦ୍ଧାରକାରିଣୀ' ବା 'ଯିଏ ବିପଦରୁ ରକ୍ଷା କରନ୍ତି' । ବିଶ୍ୱାସ ରହିଛି ଯେ, ଯେଉଁ ଭକ୍ତ କଠିନ ପରିସ୍ଥିତିରେ ବା ଶତ୍ରୁର ଭୟରେ ମାଆଙ୍କ ଶରଣ ପଶେ, ମାଆ ଦିବ୍ୟ ଆୟୁଧ ଧାରଣ କରି ତାକୁ ସମସ୍ତ ବିପଦରୁ ରକ୍ଷା କରିଥାଆନ୍ତି ।

### ପୌରାଣିକ ପୃଷ୍ଠଭୂମି ଓ ପର୍ଶୁରାମଙ୍କ କାହାଣୀ

ପୌରାଣିକ କିମ୍ବଦନ୍ତୀ ଅନୁଯାୟୀ, ମାଆ ଭଟ୍ଟାରିକାଙ୍କ ଏହି ପବିତ୍ର ପୀଠ ସହିତ ଭଗବାନ ବିଷ୍ଣୁଙ୍କ ଷଷ୍ଠ ଅବତାର ମହର୍ଷି ପର୍ଶୁରାମଙ୍କର ଗଭୀର ସମ୍ପୃକ୍ତି ରହିଛି । କୁହାଯାଏ ଯେ, ପିତାଙ୍କ ମୃତ୍ୟୁର ପ୍ରତିଶୋଧ ନେବା ପାଇଁ ପର୍ଶୁରାମ ସହସ୍ରାର୍ଜୁନଙ୍କ ସହ ଯୁଦ୍ଧରେ ପରାସ୍ତ ହେବାର ଆଶା କରି ଆଦ୍ୟାଶକ୍ତି ମା' ଦୁର୍ଗାଙ୍କୁ ଆରାଧନା କରିଥିଲେ । ମା'ଙ୍କ କୃପାରୁ ପର୍ଶୁରାମ ଦିବ୍ୟ ଅସ୍ତ୍ରଶସ୍ତ୍ର ବା ଆୟୁଧ ପ୍ରାପ୍ତ କରିଥିଲେ । ଯେଉଁ ଅସ୍ତ୍ର ବଳରେ ସେ ଅଧର୍ମକୁ ବିନାଶ କରିଥିଲେ । ତେବେ ସେହି ଦିବ୍ୟ ଆୟୁଧ ପୂଜାକୁ ସ୍ମରଣ କରି ଏଠାରେ ଆୟୁଧ ଯାତ୍ରା ପାଳନ କରାଯାଏ ।

### ଷୋଳଦିନିଆ ଯାତ୍ରା ଏବଂ ପୂଜାବିଧି

ଷୋଳଦିନିଆ ଯାତ୍ରାର ପ୍ରଥମ ଦିନରେ ବିଧିବଦ୍ଧ ଭାବରେ ଘଟ ସ୍ଥାପନ କରାଯାଇ ମା'ଙ୍କୁ ଆବାହନ କରାଯାଏ । ଏହି ସମୟରେ ବୈଦିକ ମନ୍ତ୍ରୋଚ୍ଚାରଣ ସହିତ ପୂଜାର୍ଚ୍ଚନା ଆରମ୍ଭ ହୁଏ । ସମ୍ପୂର୍ଣ୍ଣ ଷୋଳ ଦିନ ଧରି ଦୈନନ୍ଦିନ ନୀତିରେ ମା'ଙ୍କୁ ଷୋଡ଼ଷ ଉପଚାରରେ ପୂଜା କରାଯାଏ । ମନ୍ଦିର ପରିସରରେ ନିୟମିତ ଭାବରେ ଚଣ୍ଡୀପାଠ ଏବଂ ମାର୍କଣ୍ଡେୟ ପୁରାଣ ପାଠ କରାଯାଏ । ସେହିପରି ପ୍ରତିଦିନ ପ୍ରାତଃକାଳରେ ମା'ଙ୍କ ବିଗ୍ରହରେ ସ୍ନାନ ଓ ମାର୍ଜନା ନୀତି ସମ୍ପାଦିତ ହେବା ପରେ ନୂତନ ବସ୍ତ୍ର ଓ ଅଳଙ୍କାରରେ ମା'ଙ୍କୁ ସଜ୍ଜିତ କରାଯାଏ । ମା'ଙ୍କୁ ଦିନକୁ ବିଭିନ୍ନ ପର୍ଯ୍ୟାୟରେ ଯଥା- ବାଳଭୋଗ, ମଧ୍ୟାହ୍ନ ଧୂପ ଏବଂ ସନ୍ଧ୍ୟା ଆଳତି ସମୟରେ ପାରମ୍ପରିକ ପଦ୍ଧତିରେ ପ୍ରସ୍ତୁତ ଭୋଗ ଏବଂ ମିଷ୍ଟାନ୍ନ ଲାଗି କରାଯାଏ । ସନ୍ଧ୍ୟା ସମୟରେ ବିଶେଷ ଆଳତି ଅନୁଷ୍ଠିତ ହୁଏ । ଏହି ସମୟରେ ଘଣ୍ଟ, ଘଣ୍ଟା, କାହାଳୀ ଏବଂ ଶଙ୍ଖ ନାଦରେ ମନ୍ଦିର ପ୍ରକମ୍ପିତ ହୋଇ ଉଠେ । ଷୋଳ ଦିନର ଶେଷ ପର୍ଯ୍ୟାୟରେ ଯଜ୍ଞର ପୂର୍ଣ୍ଣାହୁତି ଏବଂ ବିଧି ଅନୁଯାୟୀ ଯାତ୍ରା ଉଦ୍‌ଯାପିତ ହୋଇଥାଏ ।

ମା'ଙ୍କ ପୀଠରେ ଆଶ୍ୱିନ ମାସରେ ଶାରଦୀୟ ଷୋଡ଼ଶ ଦିବସୀୟ ଦଶହରା ପର୍ବ ପାଳନ କରାଯାଏ । ଶାସ୍ତ୍ରୀୟ ମତରେ ଏହାକୁ ଶାରଦୀୟ ନବରାତ୍ରୀ ପୂଜା କୁହାଯାଇଥାଏ । ଆଶ୍ୱିନ ମାସର ଦ୍ୱିତୀୟ ଦିନରୁ ସଶାଙ୍ଗା ଗ୍ରାମରେ ଥିବା ମା'ଙ୍କ ଗନ୍ତାଘରରୁ ମା'ଙ୍କ ଆୟୁଧ ଶୋଭାଯାତ୍ରାରେ ନିଆଯାଏ । ରାଜା ଦାନ କରିଥିବା ସୁନାରୂପା ଅଳଙ୍କାରରେ ମା' ଙ୍କୁ ଶୃଙ୍ଗାର କରାଯାଇ ଦିନକୁ ୮ ଥର ପୂଜା କରାଯାଏ । ପ୍ରଥମେ ଏହି ଯାତ୍ରା ୩ ଦିନ ଧରି ଆୟୋଜିତ ହୋଇଥାଏ । ଏହି ଯାତ୍ରାକୁ ସୁନ୍ଦର କରିବା ପାଇଁ ଭଟ୍ଟାରିକା ମହୋତ୍ସବ ବର୍ତ୍ତମାନ ୨୫ବର୍ଷ ପାଳନ କରିବାକୁ ଯାଇଛି ।

### ଦଶହରା ଓ ଆୟୁଧ ଯାତ୍ରା

ଦଶହରା ଓ ଆୟୁଧ ଯାତ୍ରା ସମୟରେ ମା'ଙ୍କ ସ୍ୱତନ୍ତ୍ର ପାରମ୍ପରିକ ତୀର, ଧନୁ, ପାଶ, ଅଙ୍କୁଶ ଇତ୍ୟାଦିକୁ ଗର୍ଭଗୃହରୁ ବାହାର କରାଯାଇ ବିଧିବିଧାନ ଅନୁଯାୟୀ ପୂଜାର୍ଚ୍ଚନା କରାଯାଏ । ଅନ୍ୟପକ୍ଷରେ ପୀଠର ବଡ଼ ବିଶେଷତ୍ୱ ହେଉଛି ଏଠାରେ ଦୁର୍ଗା ଓ ମାଧବଙ୍କର ମିଳିତ ପୂଜା କରାଯାଏ । ଆୟୁଧ ଯାତ୍ରା ସମୟରେ ଏକ ଅପୂର୍ବ ଶାନ୍ତି ଓ ଭକ୍ତିର ବାତାବରଣ ସୃଷ୍ଟି ହୁଏ ।

# ଶୁବମନ, ଶେଫାଳି ସେପ୍ଟେମ୍ବରର ଶ୍ରେଷ୍ଠ କ୍ରିକେଟର୍

ଦୁବାଇ, ୧୩।୧୦ (ଏଜେନ୍ସି): ଦୁଇ ଭାରତୀୟ ଖେଳାଳି ଶୁବମନ ଗିଲ୍ ଓ ଶେଫାଳି ବର୍ମା ସେପ୍ଟେମ୍ବର ମାସ ଲାଗି ଯଥାକ୍ରମେ ଆଇସିସିର ଶ୍ରେଷ୍ଠ ପୁରୁଷ ଓ ମହିଳା କ୍ରିକେଟର୍ ବିବେଚିତ ହୋଇଛନ୍ତି। ଗିଲ୍ ତାଙ୍କ କ୍ୟାରିୟରରେ ୫ମଥର ଲାଗି ଆଇସିସି'ର ଏହି ସମ୍ମାନଜନକ ପୁରସ୍କାର ହାସଲ କରିଛନ୍ତି। ୱେଷ୍ଟଇଣ୍ଡିଜ ବିପକ୍ଷରେ ଶେଷ ହୋଇଥିବା ଦିନିକିଆ ସିରିଜରେ ଦମ୍‌ଦାର ପ୍ରଦର୍ଶନ ଲାଗି ଗିଲ୍‌କୁ ଏହି ପୁରସ୍କାର ମିଳିଛି। ପ୍ରଥମ ଦିନିକିଆରେ ଗିଲ୍ ଅପରାଜିତ ୧୧୦ ରନ କରିଥିଲେ। ଏହାପରେ ଦ୍ୱିତୀୟ ମ୍ୟାଚରେ ଅବିଶ୍ୱସନୀୟ ପ୍ରଦର୍ଶନ କରି ୨୨୩ ରନର ଅପରାଜିତ ଦ୍ୱି-ଶତକୀୟ ପାଳି ଖେଳିଥିଲେ। ସିରିଜରେ ସେ ମୋଟ୍ ୩୩୪ ରନ କରି ଶ୍ରେଷ୍ଠ ଖେଳାଳି ପୁରସ୍କାର ମଧ୍ୟ ପାଇଥିଲେ। ଏହି ପ୍ରଦର୍ଶନ ଆଧାରରେ ଗିଲ୍‌ଙ୍କୁ ସେପ୍ଟେମ୍ବରର ଶ୍ରେଷ୍ଠ ପୁରୁଷ କ୍ରିକେଟର୍ ବିବେଚିତ କରାଯାଇଛି। ସେହିଭଳି ଭାରତୀୟ ମହିଳା ଦଳକୁ ଏସିଆନ ଗେମ୍ସରେ ଚାମ୍ପିଅନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଶେଫାଳି। ଏସିଆନ ଗେମ୍ସର ୫ଟି ଇନିଂସରେ ସେ ୨୩୬ ରନ କରିଥିଲେ। ଯେଉଁଥିରେ ୟୁଏଇ ବିପକ୍ଷରେ ୧୮୮ ରନର ମାରାଥନ ଇନିଂସ ସାମିଲ ରହିଛି।

# ଯୁବରାଜ କ୍ୟାପିଟାଲ୍ସର ବ୍ୟାଟିଂ କୋଚ୍



ଡର୍ବାନ, ୧୩।୧୦ (ଏଜେନ୍ସି): ଆଇପିଏଲ୍‌ର ଆଗାମୀ ୨୦୨୭ ସଂସ୍କରଣ ପୂର୍ବରୁ ଦିଲ୍ଲୀ କ୍ୟାପିଟାଲ୍ସ ଫ୍ରାଞ୍ଚାଇଜ ଏକ ବଡ଼ ନିଷ୍ପତ୍ତି ନେଇଛି। ପୂର୍ବତନ ମହାନ ଅଲ୍‌ରାଉଣ୍ଡର ଯୁବରାଜ ସିଂହଙ୍କୁ କ୍ୟାପିଟାଲ୍ସ ସହାୟକ ତଥା ବ୍ୟାଟିଂ କୋଚ୍ ଭାବରେ ନିଯୁକ୍ତ କରିଛି। ପ୍ରଶିକ୍ଷକ ଭାବରେ ଏହା ଯୁବରାଜଙ୍କ ଏହା ପ୍ରଥମ କାର୍ଯ୍ୟ ହେବ। ମୁଖ୍ୟ କୋଚ୍ ସୌରଭ ଗାଙ୍ଗୁଲିଙ୍କ ସହ ମିଶିକି ଯୁବରାଜ ଏବେ କ୍ୟାପିଟାଲ୍ସ ଦଳକୁ ପ୍ରଶିକ୍ଷଣ ଦେବେ। ଉଲ୍ଲେଖଯୋଗ୍ୟ ୪୪ ବର୍ଷୀୟ ଯୁବରାଜଙ୍କ ଏହା ଦିଲ୍ଲୀ ଫ୍ରାଞ୍ଚାଇଜକୁ ପ୍ରତ୍ୟାବର୍ତ୍ତନ ହୋଇଥିବା କୁହାଯାଉଛି। ଏଥିପୂର୍ବରୁ ୨୦୧୫ ଆଇପିଏଲ୍‌ରେ ଜଣେ ଖେଳାଳି ଭାବେ ସେ ଦିଲ୍ଲୀ ପାଇଁ ଖେଳିଥିଲେ। ସେତେବେଳେ ଦିଲ୍ଲୀ ଡେୟାରଡେଭିଲ୍ସ ନାମରେ ନାମିତ ଏହି ଫ୍ରାଞ୍ଚାଇଜ ଯୁବରାଜଙ୍କୁ ୧୬ କୋଟି ଟଙ୍କାରେ କ୍ରୟ କରିଥିଲା।

# ଡର୍ବାନରେ ଅଷ୍ଟ୍ରେଲିଆର ବାଜିମାତ୍

ଡର୍ବାନ, ୧୩।୧୦ (ଏଜେନ୍ସି): ଏଠାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ଭ୍ରମଣକାରୀ ଅଷ୍ଟ୍ରେଲିଆ ୨୧୪ ରନର ବୃହତ୍ ବ୍ୟବଧାନରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ୪୨୧ ରନର ଚ୍ୟାଲେଞ୍ଜିଂପୂର୍ଣ୍ଣ ଲକ୍ଷ୍ୟକୁ ପିଛା କରିଥିବା ଘରୋଇ ଦକ୍ଷିଣ ଆଫ୍ରିକା ମଙ୍ଗଳବାର ଅନ୍ତିମ ତଥା ୫ମ ଦିବସରେ ୨୦୬ ରନ କରି ଦ୍ୱିତୀୟ ପାଳିରେ ଅଲଆଉଟ୍ ହୋଇଯାଇଥିଲା। ଆଇଡେନ ମାର୍କରମ ୭୫ ରନ କରି କିଛି ସମୟ ପାଇଁ ଲଢ଼େଇ କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଦ୍ରୁତ ବୋଲର ଜୋଶ ହାଜଲେଉଡ୍ ୪୯ ରନ ବ୍ୟୟରେ ସର୍ବାଧିକ ୬ଟି ୱିକେଟ ମିଳିଥିଲା। ଟେଷ୍ଟରେ ମଧ୍ୟ ଏହା ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ହୋଇଛି। ପୂର୍ବରୁ ମ୍ୟାଚର ପ୍ରଥମ ପାଳିରେ ଅଷ୍ଟ୍ରେଲିଆର ୩୯୦ ରନ ଜବାବରେ ଦକ୍ଷିଣ ଆଫ୍ରିକା ୨୮୪ ରନ କରିଥିଲା। ୧୦୬ରେ ଆଗୁଆ ଥିବା ଅଷ୍ଟ୍ରେଲିଆ ଦ୍ୱିତୀୟ ପାଳିରେ ୬ ୱିକେଟରେ ୩୧୪ ରନ କରି ପାଳି ଘୋଷଣା କରିଥିଲା। ତିନି ମ୍ୟାଚବିଶିଷ୍ଟ ସିରିଜର ଦ୍ୱିତୀୟ ମୁକାବିଲା ଅକ୍ଟୋବର ୧୮ରୁ ଆରମ୍ଭ ହେବ।

## ହାଇଦରାବାଦ୍‌ରେ ଆଜି ଚତୁର୍ଥ ଟି-୨୦

# ସିରିଜ୍ କବ୍‌ଜା ଲକ୍ଷ୍ୟରେ ଭାରତ

ହାଇଦରାବାଦ୍,୧୩।୧୦(ଏଜେନ୍ସି)



ଭାରତ ଓ ୱେଷ୍ଟଇଣ୍ଡିଜ୍ ଚାଲିଥିବା ସୀମିତ ଓଭର (ଦିନିକିଆ ଓ ଟି-୨୦) କ୍ରିକେଟ ସିରିଜ୍‌ରେ ବ୍ୟାଟର ବେଶ ପ୍ରାଧାନ୍ୟ ବିସ୍ତାର କରିଛନ୍ତି। ଏହି ସିରିଜ୍‌ରେ ଏଯାଏ ଖେଳାଯାଇଥିବା ୬ଟି ମୁକାବିଲାରୁ କେବଳ ଗୋଟିଏ ମ୍ୟାଚ୍‌ରେ ଟିମ୍ ସ୍କୋର ଡିଫେଣ୍ଡ କରିପାରିଛି। ତାହା ହେଉଛି ଇନ୍ଦୋରରେ ଖେଳାଯାଇଥିବା ତୃତୀୟ ଟି-୨୦ ମୁକାବିଲାରେ। ଏଠାରେ ମ୍ୟାଚ୍ ଜିତି ଭାରତ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରେ ୨-୧ରେ ଆଗୁଆ ରହିଛି। ଆସନ୍ତାକାଲି ହାଇଦରାବାଦର ଉପ୍ପଲ ଷ୍ଟାଡିୟମ୍‌ରେ ଚତୁର୍ଥ ଟି-୨୦ ମୁକାବିଲା ହେବାକୁ ଯାଉଛି। ଏହି ମୁକାବିଲା ଜିତି ଭାରତ ଆଗୁଆ ସିରିଜ୍ ଜିତିବା ଲକ୍ଷ୍ୟରେ ରହିଛି। ଭାରତରେ ଖେଳାଯାଉଥିବା ପିଚ୍ ମଧ୍ୟରୁ ବ୍ୟାଟରଙ୍କୁ ସହାୟତା ଦେଉଥିବା ପିଚ୍ ମଧ୍ୟରେ ହାଇଦରାବାଦ ଅନ୍ୟତମ। ଭାରତରେ ୮ଟି ସର୍ବାଧିକ ଟି-୨୦ ସ୍କୋର ମଧ୍ୟରୁ ଏଠାରେ ଅଧା ବା ୪ଟି ସ୍କୋର ଏହି ତାଲିକାରେ ରହିଛି। କିନ୍ତୁ ଏହି ପିଚ୍ ଯେ ବ୍ୟାଟରଙ୍କୁ ସୁହାଇବ ତାହା ମଧ୍ୟ କହିହେଉନାହିଁ। ଏହାର କାରଣ ହେଲା ନିକଟରେ ନୂଆ ପିଚ୍ ତିଆରି ହୋଇଛି। ଏହି ପିଚ୍ କିପରି ବ୍ୟବହାର କରିବା ତାହା କେହି ଜାଣିନାହାନ୍ତି। ଏଠାରେ ବିସ୍ଫୋରକ ବ୍ୟାଟିଂ ଲାଗି ଖ୍ୟାତି ଲାଭ କରିଥିବା ସନ୍‌ରାଇଜର୍ସ ହାଇଦରାବାଦର ଅଭିଷେକ ଶର୍ମା, ଇଶାନ କିଶାନ ଓ ନୀତୀଶ କୁମାର ରେଡ୍ଡୀଙ୍କ ସହ ସ୍ଥାନୀୟ ଖେଳାଳି ତଥା ଉପଅଧିନାୟକ ତିଲକ ବର୍ମାଙ୍କର ପିଚ୍ ଓ ଭେନ୍ୟୁ ଉପରେ ବେଶ ଅଭିଜ୍ଞତା ରହିଛି। ଏଣୁ ଏମାନଙ୍କ ଉପରେ ଭାରତର ଭାଗ୍ୟ ନିର୍ଭର କରୁଛି।

ଚଳିତ ସିରିଜ୍‌ରେ ୬ଟି ସୀମିତ ଓଭର ମ୍ୟାଚ୍ ଖେଳାଯାଇଥିଲାବେଳେ ରନ୍ ଚେଜ୍ କରିଥିବା ଦଳ ୫ଥର ବିଜୟୀ ହୋଇଛନ୍ତି। କିନ୍ତୁ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ରେକର୍ଡ ଅଲଗା। ଏଠାରେ ଗତ ସିଜନରେ ଖେଳାଯାଇଥିବା ୮ଟି ମ୍ୟାଚ୍ ମଧ୍ୟରୁ ପ୍ରଥମେ ବ୍ୟାଟିଂ କରିଥିବା ଦଳ ୭ଟିରେ ବିଜୟ ହାସଲ କରିଛନ୍ତି। ଏହି ସିରିଜ୍‌ରେ ବୋଲରଙ୍କୁ ନିର୍ମମ ପ୍ରହାରର ଶିକାର ହେବାକୁ ପଡୁଥିବାରୁ ଏଠାରେ ଯେଉଁ ଦଳ ଟସ୍ ଜିତିବ ସେହି ଦଳ ନିଶ୍ଚିତଭାବେ ରନ୍ ଚେଜ୍ କରିବାକୁ ପସନ୍ଦ କରିବ।

ଇନ୍ଦୋରର ହୋଲକାର ଷ୍ଟାଡିୟମ୍ ପିଚ୍‌ରେ କୌଣସି ବିଶ୍ୱରେକର୍ଡ ନ ହେବା ନିଶ୍ଚିତ ପକ୍ଷେ ଏକ ଉଲ୍ଲେଖନୀୟ କଥା। ଏହି ମ୍ୟାଚ୍‌ରେ ବଲ ଲୋ ରହିବା ଓ ସ୍ଲୋ ହେବା ଫଳରେ ୱେଷ୍ଟଇଣ୍ଡିଜ୍ ଟାର୍ଗେଟ ହାସଲ କରିପାରି ନଥିଲା। ଟାର୍ଗେଟ ହାସଲ କରି ନ ପାରିବାର ଆଉ ଏକ କାରଣ ହେଲା ଅଧିନାୟକ ଶେ ହୋପ୍‌ଙ୍କ ଶୀଘ୍ର ଆଉଟ ହେବା। ଏଠାରେ ମଧ୍ୟ ଭାରତ ମ୍ୟାଚ୍ ଜିତିବାକୁ ହେଲେ ହୋପ୍‌ଙ୍କୁ ଅଟକାଇବାକୁ ହେବ। ଇନ୍ଦୋରରେ ଖେଳିଥିବା ମ୍ୟାଚ୍‌ରେ ଉଭୟ ଦଳ କୌଣସି ଖେଳାଳି ପରିବର୍ତ୍ତନ କରି ନ ପାରନ୍ତି। ସେଠାରେ ପ୍ରଭାବୀ ସ୍ପିନର କୁଲଦୀପ ଯାଦବଙ୍କୁ ବସାଇ ଜଣେ ପେସର ପ୍ରିନ୍ସ ଯାଦବଙ୍କୁ ଚୂଡାନ୍ତ ଏକାଦଶରେ ସାମିଲ କରିଥିଲା। ଏଥିରେ ଦଳକୁ ସଫଳତା ମିଳିଥିଲା। ଏଣୁ ଦଳରେ ପରିବର୍ତ୍ତନ ହେବାର ଆଶା କମ୍। ୱେଷ୍ଟଇଣ୍ଡିଜ୍ ଦଳର ଅଲରାଉଣ୍ଡର ରୋମାରିଓ ସେଫର୍ଡ ଦ୍ୱିତୀୟ ମ୍ୟାଚ୍‌ରେ ଆହତ ହୋଇ ବୋଲିଂ କରି ନ ଥିଲେ ମଧ୍ୟ ବ୍ୟାଟିଂ କରିଥିଲେ। କିନ୍ତୁ ଇନ୍ଦୋରରେ ତାଙ୍କୁ ଖେଳିବାକୁ ସୁଯୋଗ ମିଳି ନ ଥିଲା। ଫିଟ୍ ଥିଲେ ତାଙ୍କୁ ଏହି ମ୍ୟାଚ୍ ଖେଳାଇବା ନିଶ୍ଚିତ ବୋଲି ଦଳ ପକ୍ଷରୁ କୁହାଯାଇଛି।

**ଖେଳ ସମୟ- ରାତି ୭ଟା**
**ପ୍ରସାରଣ- ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ**
**ଲାଇଭ୍ ଷ୍ଟ୍ରିମିଂ- ଜିଓ ହଟ୍‌ଷ୍ଟାର।**

## ଏସିଆନ ଚାମ୍ପିଅନ୍ସ ଟ୍ରଫି ହକି

# ଓଡ଼ିଶାରୁ ଅମିତ୍, ଶିଳାନନ୍ଦ ଓ ଅମନଦୀପଙ୍କୁ ସୁଯୋଗ

ନୂଆଦିଲ୍ଲୀ, ୧୩।୧୦ (ଏଜେନ୍ସି): ଆଗାମୀ ଏସିଆନ ଚାମ୍ପିଅନ୍ସ ଟ୍ରଫି ଲାଗି ମଙ୍ଗଳବାର ଭାରତୀୟ ହକି ଦଳ ଘୋଷଣା କରାଯାଇଛି। ଅଭିଜ୍ଞ ଡିଫେଣ୍ଡର ହରମନପ୍ରୀତ୍ ସିଂହ ଘୋଷିତ ୧୮ ଜଣିଆ ଦଳର ଅଧିନାୟକ ପଦ ବଜାୟ ରଖିଛନ୍ତି। ଘୋଷିତ ଦଳରେ ଓଡ଼ିଶାର ୩ଜଣ ଖେଳାଳିଙ୍କୁ ସୁଯୋଗ ମିଳିଛି। ସେମାନେ ହେଲେ ଅଭିଜ୍ଞ ଡିଫେଣ୍ଡର ଅମିତ୍ ରୋହିଦାସ, ଅମନଦୀପ୍ ଲାକ୍ରା ଓ ଫରୱାର୍ଡ ଶିଳାନନ୍ଦ ଲାକ୍ରା। ଅମିତ୍ ଓ ଶିଳାନନ୍ଦ ନିକଟରେ ଜାପାନରେ ଶେଷ ହୋଇଥିବା ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ବିଜୟୀ ଦଳର ସଦସ୍ୟ ରହିଥିଲେ। ଅପରପକ୍ଷରେ ଏହି ଚାମ୍ପିଅନ ଦଳରୁ ସୁମିତ, ବିବେକ ସାଗର ଓ ଯଶଦୀପ୍ ସିୱାଚଙ୍କୁ ବାଦ୍ ଦିଆଯାଇଛି। ସେହିଭଳି ପାଖାପାଖି ୧୦ ମାସ ହେବ ଦଳରୁ ଦୂରେଇ ରହିଥିବା ଅଭିଜ୍ଞ ଗୋଲକିପର କ୍ରିଷନ ବାହାଦୁର ପାଠକ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ତାଙ୍କ ସହ ଦ୍ୱିତୀୟ ଗୋଲକିପର ଭାବରେ ସୁରଜ କେରକେରା ଦଳରେ ସ୍ଥାନ ପାଇଛନ୍ତି। ଉଲ୍ଲେଖଯୋଗ୍ୟ, ଅକ୍ଟୋବର ୨୭ରୁ ନଭେମ୍ବର ୫ ତାରିଖ ପର୍ଯ୍ୟନ୍ତ ପଞ୍ଜାବର ଜଳନ୍ଧର ଓ ମୋହାଲିରେ ଏସିଆନ ଚାମ୍ପିଅନ୍ସ ଟ୍ରଫି ହକି ଖେଳାଯିବ। ଡିଫେଣ୍ଡିଂ ଚାମ୍ପିଅନ ଭାରତୀୟ ଦଳ ପ୍ରଥମ ଦିବସରେ ବାଂଲାଦେଶ ସହ ଖେଳି ଅଭିଯାନ ଆରମ୍ଭ କରିବ।



ଅମିତ୍ ରୋହିଦାସ



ଶିଳାନନ୍ଦ ଲାକ୍ରା



ଅମନଦୀପ୍ ଲାକ୍ରା

## ଜାତୀୟ ସିନିଅର ପୁରୁଷ ହକି

# ଓଡ଼ିଶାର ହ୍ୟାଟ୍ରିକ ବିଜୟ

ଭୁବନେଶ୍ୱର, ୧୩।୧୦ (ସମିସ): ଉତ୍ତର ପ୍ରଦେଶର ଝାନ୍‌ସୀରେ ଚାଲିଥିବା ଜାତୀୟ ସିନିଅର ପୁରୁଷ ହକିରେ ଓଡ଼ିଶା ଦଳ ହ୍ୟାଟ୍ରିକ ବିଜୟ ଲାଭ କରିଛି। ମଙ୍ଗଳବାର ଅନୁଷ୍ଠିତ ପୁଲ୍-ଏ'ର ଏକ ମ୍ୟାଚରେ ଓଡ଼ିଶା ୧୦-୧ ଗୋଲ୍‌ରେ ଏକପାଖିଆ ଭାବରେ ଆସାମକୁ ହରାଇଦେଇଛି। ବିଜୟୀ ଓଡ଼ିଶା ପକ୍ଷରୁ ଅନମୋଲ୍ ଏକ୍କା ହ୍ୟାଟ୍ରିକ ଗୋଲ୍‌ସ୍କୋର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରିତିକ ଲାକ୍ରା, ଦୀପକ ମିଞ୍ଜ ୨ଟି ଲେଖାଏ ଏବଂ ପ୍ରସାଦ କୁଜୁର, ଅଜୟ କୁମାର ଏକ୍କା ଓ ସୁଦୀପ ଚିରମାକୋଙ୍କ ଷ୍ଟିକ୍ସରୁ ଗୋଟିଏ ଲେଖାଏ ଗୋଲ୍ ବାହାରିଥିଲା। ଦୀପସାନ ତୀର୍କୀଙ୍କ ନେତୃତ୍ୱାଧୀନ ଓଡ଼ିଶା ଦଳ ଏଥିପୂର୍ବରୁ ପ୍ରଥମ ଦୁଇଟଇ ମ୍ୟାଚରେ ଯଥାକ୍ରମେ ୧୮-୧ ଗୋଲରେ ଉତ୍ତରାଖଣ୍ଡକୁ ଏବଂ ୯-୦ ଗୋଲରେ କେରଳକୁ ପରାସ୍ତ କରିଥିଲା। ଫଳରେ ହ୍ୟାଟ୍ରିକ ବିଜୟ ସହ ଓଡ଼ିଶା ଏବେ ୯ ପଏଣ୍ଟ ପାଇ ଟେବୁଲ ଶୀର୍ଷରେ ରହିଛି।

## ରାଜ୍ୟସ୍ତରୀୟ ଆନ୍ତଃସ୍କୁଲ ଫୁଟବଲ ଉଦ୍‌ଯାପିତ

# ଓଡିଏମ୍ ଗ୍ଲୋବାଲ୍ ସ୍କୁଲ ଚାମ୍ପିଅନ




ଭୁବନେଶ୍ୱର,୧୩।୧୦(ସମିସ): ଓଡିଏମ୍ ଗ୍ଲୋବାଲ ସ୍କୁଲ ଚତୁର୍ଥ ରାଜ୍ୟସ୍ତରୀୟ ଆନ୍ତଃସ୍କୁଲ ବା ୟୁନିଲାଇଟ୍ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ୟୁନିଟ୍-୧ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ସୋମବାର ଅନୁଷ୍ଠିତ ଫାଇନାଲ ମୁକାବିଲାରେ ଓଡିଏମ୍ ଗ୍ଲୋବାଲ ସ୍କୁଲ୍ ୪-୧ ଗୋଲରେ କିସ (କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସ)କୁ ପରାସ୍ତ କରି ଟାଇଟଲ ବିଜୟୀ ହୋଇଛି। ଭୁବନେଶ୍ୱର ଭେଟେରାନ ଫୁଟବଲ ଆସୋସିଏସନ ଆନୁକୂଲ୍ୟରେ ଏବଂ ରାଜ୍ୟ କ୍ରୀଡ଼ା ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ଏକାମ୍ର ବିଧାୟକ ବାବୁ ସିଂ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ସମାଜସେବୀ ଜଗନ୍ନାଥ ପ୍ରଧାନ, ପୂରାତନ ଖେଳାଳି ମକ୍‌ବୁଲ ଅଲି, ଅନ୍ତର୍ଜାତୀୟ ଖେଳାଳି ଶ୍ରାବଣୀ ନନ୍ଦ ଓ ୟୁନିଲାଇଟ୍‌ର ଭାଇସ୍ ପ୍ରେସିଡେଣ୍ଟ ଦେବବ୍ରତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଆସୋସିଏସନର ସଭାପତି ନବରଞ୍ଜନ ପଟ୍ଟନାୟକଙ୍କ ପୌରୋହିତ୍ୟରେ ପୁରସ୍କାର ବିତରଣ ଉତ୍ସବ ଆୟୋଜିତ ହୋଇଥିଲା।

# ଆଇଏସ୍‌ଏଲ୍‌ରେ ଆଜି ଅଭିଯାନ ଆରମ୍ଭ କରିବ ଓଏଫ୍‌ସି

ଭୁବନେଶ୍ୱର, ୧୩।୧୦ (ସମିସ): ଇଣ୍ଡିଆନ ସୁପର୍ ଲିଗ୍‌ର ୧୩ତମ ସିଜନରେ ଓଡ଼ିଶା ଫୁଟବଲ୍ କ୍ଲବ (ଓଏଫ୍‌ସି) ବୁଧବାର ପଞ୍ଜାବ ଏଫ୍‌ସି ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ନୂଆଦିଲ୍ଲୀର ଜବାହରଲାଲ ନେହରୁ ଷ୍ଟାଡିୟମରେ ରାତି ୭ଟା ୩୦ରେ ଏହି ମ୍ୟାଚ୍ ଖେଳାଯିବ। ପଞ୍ଜାବ ଏଫ୍‌ସିର ମଧ୍ୟ ଏହା ପ୍ରଥମ ମ୍ୟାଚ୍ ହେବ। ଗତ ସିଜନରେ ପଞ୍ଜାବ ପ୍ରଭାବୀ ପ୍ରଦର୍ଶନ କରି ୧୩ଟି ମ୍ୟାଚରୁ ୨୨ ପଏଣ୍ଟ ପାଇ ଟେବୁଲ ତାଲିକାର ୬ଷ୍ଠ ସ୍ଥାନରେ ରହିଥିଲା। ତେଣୁ ଏହି ପ୍ରଦର୍ଶନଠୁ ଆହୁରି ଉନ୍ନତ କରିବା ଲକ୍ଷ୍ୟରେ ରହିଛି ପଞ୍ଜାବ। ଅପରପକ୍ଷରେ ଭୁବନେଶ୍ୱରଭିତ୍ତିକ ଦଳ ଓଡ଼ିଶା ଏଫ୍‌ସି ଗତ ସିଜନରେ ୧୩ଟି ମ୍ୟାଚରୁ ମାତ୍ର ୧୧ ପଏଣ୍ଟ ପାଇଥିଲା। ଟେବୁଲ ତାଲିକାରେ ଦଳ ୧୧ତମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ତେବେ ଚଳିତ ଆଇଏସଏଲ ପୂର୍ବରୁ ଓଡ଼ିଶା ଏଫ୍‌ସି ଦଳ କୌଣସି ପ୍ରି-ସିଜନ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିନାହିଁ। 'ଅଭ୍ୟାସ ମ୍ୟାଚ୍ ଖେଳି ନ ଥିବାରୁ ଏହା ନିଶ୍ଚିତ ଭାବରେ ଆମକୁ ପ୍ରଭାବିତ କରିବ। ତେବେ ପ୍ରଫେଶନାଲ ଖେଳାଳି ଭାବରେ ଆମେ ଏହି ପରିସ୍ଥିତିକୁ ଖାପଖୁଆଇ ନେବୁ' ବୋଲି ଓଏଫ୍‌ସିର ମୁଖ୍ୟ କୋଚ୍ ଟିଜି ପୁରୁଷୋତ୍ତମ କହିଛନ୍ତି।

**ଓଡ଼ିଶା ଏଫ୍‌ସି-ପଞ୍ଜାବ ଏଫ୍‌ସି**
**ଆରମ୍ଭ:** ରାତି ୭ଟା ୩୦, **ସ୍ଥାନ:** ନୂଆଦିଲ୍ଲୀ, **ପ୍ରସାରଣ:** ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ

## ଭୁବନେଶ୍ୱର କପ୍ ରାଜ୍ୟସ୍ତରୀୟ କ୍ୟାରମ୍

# ଆକାଶ, ଗୌତମ-କାଳୀନାରାୟଣ ଚାମ୍ପିଅନ



ଭୁବନେଶ୍ୱର,୧୩।୧୦(ସମିସ): ଖୋର୍ଦ୍ଧାର ଭି ଆକାଶ ଓ କେଭିମାୟାର ଓଡ଼ିଶା ସଚିବାଳୟ ରିକ୍ରିଏସନ କ୍ଲବ୍ ପକ୍ଷରୁ ଆୟୋଜିତ ଭୁବନେଶ୍ୱର କପ୍ ରାଜ୍ୟସ୍ତରୀୟ କ୍ୟାରମ ପ୍ରତିଯୋଗିତାର ପୁରୁଷ ଏକକରେ ଯଥାକ୍ରମେ ଚାମ୍ପିଅନ ଓ ରନର୍ସ ଅପ୍ ହୋଇଛନ୍ତି। ସେହିପରି ପୁରୁଷ ଯୁଗଳରେ ପୁରୀର ଗୌତମ ପ୍ରସାଦ ଭୋଳ ଓ କଳୀନାରାୟଣ ପଟ୍ଟନାୟକ ଚାମ୍ପିଅନ ଓ ଖୋର୍ଦ୍ଧାର ତ୍ରିନାଥ ବେହେରା ଓ ତପନ କୁମାର ସେନାପତି ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଛନ୍ତି। ପ୍ରତିଯୋଗିତା ଶେଷରେ ରାଜ୍ୟ ସରକାରଙ୍କ ପୂର୍ବତନ ଅତିରିକ୍ତ ଶାସନ ସଚିବ ଚିତ୍ତରଞ୍ଜନ ହୋତା ମୁଖ୍ୟ ଅତିଥି, ନୃସିଂହଚରଣ ପୃଷ୍ଟି ଓ ରଣଜିତ ମୁଦୁଲି ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ମୁଖ୍ୟ ରେଫରୀ ବିଭୂତିଭୂଷଣ ସେନାପତି ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ। ରିକ୍ରିଏସନ କ୍ଲବ୍‌ର କାର୍ଯ୍ୟକାରୀ ସଦସ୍ୟ ଡଃ ପ୍ରିୟରଞ୍ଜନ ଷଡଙ୍ଗୀ, ରୋହିତରଞ୍ଜନ ନାୟକ, ବାମନଚରଣ ପ୍ରତିହାରୀ ଓ ରାକେଶ କୁମାର ପଣ୍ଡାଙ୍କ ସହଯୋଗରେ ଏହି ପ୍ରତିଯୋଗିତା ସଫଳତାର ସହ ଅନୁଷ୍ଠିତ ହୋଇଥିଲା।

# ହାଇଦରାବାଦ୍, ୟୁପି ଓ ମୁମ୍ବଇର ଇନିଂସ ବିଜୟ

ନୂଆଦିଲ୍ଲୀ, ୧୩।୧୦ (ଏଜେନ୍ସି): ଚଳିତ ରଣଜୀ ଟ୍ରଫି ୯୨ତମ ସଂସ୍କରଣରେ ପ୍ରଥମ ତିନୋଟି ଦଳ ଭାବରେ ଉତ୍ତର ପ୍ରଦେଶ (ୟୁପି), ମୁମ୍ବଇ ଓ ହାଇଦରାବାଦ୍ ବିଜୟ ସ୍ୱାଦ ଚାଖିଛନ୍ତି। ରାଜଗିରିରେ ଅନୁଷ୍ଠିତ ଏଲିଟ୍ ଗ୍ରୁପ୍-ଏ'ର ଏକ ମ୍ୟାଚରେ ୟୁପି ପାଳି ଓ ୨୬୭ ରନରେ ଘରୋଇ ବିହାରକୁ ପରାସ୍ତ କରିଛି। ରିଙ୍କୁ ସିଂ (୧୧୨) ଓ ଓପନର୍ ମାଧବ କୌଶିକ (୧୫୦ ରନ) ଶତକୀୟ ପାଳି ଖେଳି ୟୁପିକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେହିଭଳି ୱାଙ୍ଖେଡେ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ତୁଷାର ଦେଶପାଣ୍ଡେଙ୍କ ୭ ୱିକେଟ ସଫଳତା ବଳରେ ଘରୋଇ ମୁମ୍ବଇ ପାଳି ଓ ୧୫୫ ରନରେ ଛତିଶଗଡ଼କୁ ହରାଇ ବୋନସ ପଏଣ୍ଟ ପାଇଛି। ମହମ୍ମଦ ସିରାଜଙ୍କ ନେତୃତ୍ୱାଧୀନ ହାଇଦରାବାଦ୍ ମଧ୍ୟ ବୋନସ ପଏଣ୍ଟରୁ ଅଭିଯାନ ଆରମ୍ଭ କରିଛି। ଜିମ୍ଖାନା ଗ୍ରାଉଣ୍ଡରେ ଖେଳାଯାଇଥିବା ଗ୍ରୁପ୍-ବି'ର ମ୍ୟାଚରେ ଘରୋଇ ହାଇଦରାବାଦ୍ ଏକ ପାଳି ଓ ୪୦ ରନରେ ତ୍ରିପୁରାକୁ ମାତ୍ ଦେଇଛି।

## ବାଦଲଙ୍କୁ ୫ ୱିକେଟ; ନିନାଦଙ୍କ ଅର୍ଦ୍ଧଶତକ

# ଗୁଜରାଟର ଦମ୍‌ଦାର ପ୍ରଦର୍ଶନ: ବିପଦରେ ଓଡ଼ିଶା

ଭୁବନେଶ୍ୱର,୧୩।୧୦ (ସମିସ)

ଗୁଜରାଟ ଦଳର ଅଲରାଉଣ୍ଡ ସଫଳତା ବଳରେ ଅହମ୍ମଦାବାଦ୍‌ରେ ଚାଲିଥିବା ଏଲିଟ-ସି' ରଣଜୀ ମୁକାବିଲାରେ ଓଡ଼ିଶା ବିପଦରେ ପଡ଼ିଛି। ଏହି ମ୍ୟାଚ୍‌ର ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ଓଡ଼ିଶା ହାତରେ ୬ଟି (ଆହତ ଓପନର ସ୍ୱସ୍ତିକ ସାମଲଙ୍କୁ ମିଶାଇ) ୱିକେଟ ବାକିଥାଇ ମାତ୍ର ୪ ରନ୍‌ରେ ଆଗୁଆ ରହିଛି। ଆସନ୍ତାକାଲି ଶେଷ ଦିନରେ ମ୍ୟାଚ୍‌ର ଫଳାଫଳ ବାହାରିବା ନେଇ ଆଶା କରାଯାଉଛି। ଓଡ଼ିଶାର ବ୍ୟାଟରଙ୍କ ଉପରେ ଦଳ ଗୋଟିଏ ପଏଣ୍ଟ ପାଇବ କି ନାହିଁ ତାହା ନିର୍ଭର କରୁଛି। କିନ୍ତୁ ଆଜି ଗୁଜରାଟ ଖେଳାଳି ଯେପରି ପ୍ରଦର୍ଶନ କରିଛନ୍ତି, ସେଥିରେ ଏହି ମ୍ୟାଚ୍‌କୁ କୌଣସି ପରିସ୍ଥିତିରେ ହାତଛଡ଼ା କରିବ ନାହିଁ ବୋଲି ସ୍ପଷ୍ଟ କରିଛି। ଏହାର ଅର୍ଥ ଏହି ମ୍ୟାଚ୍‌ରୁ ଗୁଜରାଟ ପୂରାପଏଣ୍ଟ ହାତେଇବା ଚକ୍କରରେ ରହିଛି। ଓଡ଼ିଶା ଯଦି ମ୍ୟାଚ୍ ଡ୍ର ରଖିବାକୁ ସଫଳ ହୁଏ ତେବେ ପ୍ରଥମ ଇନିଂସ ପଛୁଆ ଭିତ୍ତିରେ ମାତ୍ର ଗୋଟିଏ ପଏଣ୍ଟ ସଂଗ୍ରହ କରିପାରିବ।

ଏହି ମ୍ୟାଚ୍‌ରେ ଓଡ଼ିଶାର ପ୍ରଥମ ଇନିଂସ ସ୍କୋର ୩୨୪ ରନ୍ ଜବାବରେ ଗୁଜରାଟ ୪୩୯ ରନ୍ କରିଥିଲା। ଦଳ ପକ୍ଷରୁ ଡେବ୍ୟୁଟାଣ୍ଟ ନଂ-୩ ବେଦାନ୍ତ ତ୍ରିବେଦୀ ପ୍ରଥମ ମ୍ୟାଚ୍‌ରେ ଶତକ ହାସଲ କରିବା ସହ ୧୦୮ ରନ୍ କରିଥିଲେ। ଓପନର ଆର୍ଯ୍ୟା ଦେଶାଇ ୯୪, ବିସ୍ଫୋରକ ବ୍ୟାଟର ଉର୍ଭିଲ ପଟେଲ ୬୭ବଲ୍‌ରେ ୪ଚୌକା ଓ ୭ଛକା ସହ ୮୫, ନଂ-୯ରେ ବ୍ୟାଟିଂ କରିଥିବା ଫାଷ୍ଟ ବୋଲର ହର୍ଷଲ ପଟେଲ ୬୦ ଏବଂ ନଂ-୧୦ ଆର୍ଜନ ନାଗସୱାଲା ୨୮ ରନ୍ କରି ଓଡ଼ିଶା ବିପକ୍ଷରେ ଘରୋଇ ଦଳକୁ ୧୧୫ ରନ୍‌ରେ ପ୍ରଥମ ଇନିଂସ ଅଗ୍ରଣୀ କରାଇବାରେ ସଫଳ ହୋଇଥିଲେ। ଓଡ଼ିଶା ପକ୍ଷରୁ ଯୁବ ବାମହାତୀ ସ୍ପିନର ବାଦଲ ବିଶ୍ୱାଳ ୧୧୮ ରନ୍‌ରେ ୫ଟି ୱିକେଟ ନେଇ ସଫଳ ବୋଲର ସାବ୍ୟସ୍ତ ହୋଇଥିଲେ। ଓଡ଼ିଶା ଏହି ମ୍ୟାଚ୍‌ରେ ଅନ୍ୟତମ ବାମହାତୀ ସ୍ପିନର ସୟଦ ତୁଫେଲ ଅହମ୍ମଦ୍‌ଙ୍କୁ ନ ଖେଳାଇ ଯେଉଁ ତ୍ରୁଟି କରିଛି ତାହା ଫଳାଫଳରୁ ଆସନ୍ତାକାଲି ସ୍ପଷ୍ଟ ହେବ। ଓଡ଼ିଶା ପକ୍ଷରୁ ଦୁଇ ଫାଷ୍ଟ ବୋଲର ରାଜେଶ ମହାନ୍ତି ଓ ଆମଦାନି ବୋଲର ଲଳିତ ଯାଦବ ୨ଟି ଲେଖାଏଁ ୱିକେଟ ପାଇଥିଲେ। ୧୧୫ ରନ୍‌ରେ ପ୍ରଥମ ଇନିଂସ ପଛରେ ଥାଇ ଦ୍ୱିତୀୟ ଇନିଂସ ଖେଳିଥିବା ଓଡ଼ିଶା ପ୍ରତିପକ୍ଷ ଭେଟେରାନ ଫାଷ୍ଟ ବୋଲର ଆର୍ଜନ ନାଗସୱାଲାଙ୍କୁ ମୁକାବିଲା କରି ନ ପାରି ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ନାଗସୱାଲା ତାଙ୍କ ସ୍ପେଲ୍‌ରେ ଆହତ ସ୍ୱସ୍ତିକଙ୍କ ସ୍ଥାନରେ ଇନିଂସ ଓପନ କରିଥିବା ଓମଟି ମୁଣ୍ଡେ, ଅଧିନାୟକ ଶୁଭ୍ରାଂଶୁ ସେନାପତିଙ୍କ ଖାତା ଖୋଲିବାକୁ ନ ଦେଇ ପାଭିଲିୟନ ଫେରାଇଦେଇଥିଲେ। ପ୍ରଥମ ଇନିଂସରେ ଶତକ ହାସଲ କରିଥିବା ଗୌରବ ଚୌଧୁରୀ (୧୮)ଙ୍କୁ ସେ ତାଙ୍କ ତୃତୀୟ ଶିକାର ବନାଇଥିଲେ। ଓଡ଼ିଶା ୨୪ ରନ୍‌ରେ ୩ଟି ୱିକେଟ ହରାଇବା ପରେ ସନ୍ଦୀପ ପଟ୍ଟନାୟକ ଓ ଆବଦାନୀ ହୋଇଥି ଖେଳୁଥିବା ନିନାଦ ରାଠୱା ଲଢୁଆ ବ୍ୟାଟିଂ କରି ସ୍ଥିତି ସମ୍ଭାଳିଥିଲେ। ଖେଳ ଶେଷ ହେବାକୁ ଆଉ ୪ ଓଭର ବାକିଥିଲାବେଳେ ରାଠୱାଙ୍କୁ ବୋଲ୍ଡ କରି ହର୍ଷଲ ପଟେଲ ଏହି ଯୋଡି ଭାଙ୍ଗିଦେଇଥିଲେ। ରାଠୱା ୫୭ବଲରୁ ୫୩ ରନ୍ କରିବା ସହ ଓଡ଼ିଶା ଲାଗି ପ୍ରଥମ ଅର୍ଦ୍ଧଶତକ ହାସଲ କରିଛନ୍ତି। ଚତୁର୍ଥ ୱିକେଟରେ ସନ୍ଦୀପଙ୍କ ସହ ସେ ୮୯ ରନ୍ ଉଠାଇ ଓଡ଼ିଶାକୁ ଇନିଂସ ପରାଜୟରୁ ଏଡାଇଯାଇଛନ୍ତି। ସନ୍ଦୀପ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କରି ୮୨ବଲ୍‌ରୁ ୬ଚୌକା ଓ ୧ଛକା ସହ ୪୧ ଓ ସମ୍ବିତ ବେଜା ୧ ରନ୍‌ରେ ବ୍ୟାଟିଂ କରୁଥିଲେ। ଓଡ଼ିଶା ଦ୍ୱିତୀୟ ଇନିଂସରେ ୪ ୱିକେଟ ହରାଇ ୧୧୯ ରନ୍ କରିଛି।



ବାଦଲ ବିଶ୍ୱାଳ



ନିନାଦ ରାଠୱା




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ରଞ୍ଜିତ୍ ମହାନ୍ତି
EXECUTIVE EDITOR: RANJIT MOHANTY